5th Edition, 2011

# ଉତ୍କଳ ଗୌରବ
# Utkal Gauraba

**Language**
Odia & English

**Cover page photograph : Suna Chandi Medha, Chowdhury Bazar, Cuttack**

The backdrop behind idols made in *Tarakashi* (silver filigree) and gold jewelry. All the ornaments of idols are made in Gold. Five peacocks in the embellishment behind idols made in gold. Around 25 KG gold are used here.


| ସଂପାଦନା ମଣ୍ଡଳୀ | Editorial Board |
|---|---|
| ବିଜୟ ମହାନ୍ତି | Bijay Mohanty |
| ସନ୍ଦିପ୍ତ ରାଉତ | Sandipta Rout |
| ପ୍ରକାଶ ଚନ୍ଦ୍ର ପ୍ରୁଷ୍ଟି | Prakash Ch. Prusty |
| ଭାବଗ୍ରାହୀ ପ୍ରଧାନ | Bhabagraphi Pradhan |
| ସଂଜୟ ବଳ | Sanjay Bal |



ପ୍ରକାଶକ
ଓଡ଼ିଆ ସାଂସ୍କୃତିକ ଓ କଲ୍ୟାଣ ସମ୍ମେଳନ
(ପଞ୍ଜିକୃତ ନଂ.-ଏସ୍-୫୪୧୧୮-୨୦୦୫)
ବିଡ଼ି-୧୧, ଜନକପୁରୀ, ନୂଆଦିଲ୍ଲୀ-୧୧୦୦୫୮

**Published by**
**Oriya Cultural & Welfare Association (Regd.)**
(Registration No. : S-54118 of 2005)
BD-11, Janak Puri, New Delhi - 110 058
E-mail : info@ocwa.in, ocwa@rediffmail.com, ocwa.regd@yahoo.co.in
Website : www.ocwa.in

**Odia DTP :** Bhengra Graphic, Jagda (Nr. Petrol Pump) Rourkela - 769042 Ph. : 09437153431
**Printed by :** Printografix, 27/14, C.S.M., Janak Puri, New Delhi - 110 058

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗ ନିଜ ମାତୃଭାଷା ।"
(ସ୍ଵଭାବ କବି ଗଙ୍ଗାଧର ମେହେର)

# OBJECTIVE OF THE ASSOCIATION

Oriya Cultural & Welfare Association, a non-policital, non-profit & voluntary community is devoted to cultural, ethical, moral and spiritual awakening of the masses. Development of divinity in mankind is its foremost goal and avowed objective. To accomplish this goal it is working on the following programs :

- Awaking divinity with in every individual by organizing cultural programs like Ganesh Puja, Saraswati Puja and etc.
- Up-liftment of education focusing on both Shikshaa and Vidyaa, i.e., ideal blending of moral refinement and intellectual development.
- Health awareness - Health Mela, Yoga Camps, Blood Donation Camp etc.
- Women Awakening & Development - Nari Jagran Abhiyan
- Environmental protection & Awareness programs.
- Eradication of Evil customs & De-addiction form evil habits.

# ସୂଚୀପତ୍ର

# CONTENTS


Objective of the Association ............................ 2
Messages ............................ 4
ସଭାପତିଙ୍କ କଲମରୁ ............................ ୬
ସଂପାଦକୀୟ ............................ ୭
Managing Committee ............................ 9
List of Members ............................ 10
Letter form Indian Red Cross Society............ 11
List of Blood Donors ............................ 12


## କବିତା


ବ୍ୟର୍ଥ ପ୍ରୟାସ ............................ ୧୩
ଅଫେରା ନଈ ............................ ୧୩
ଅଭିମାନ ............................ ୧୪
ସୁଦର୍ଶନା ............................ ୧୪
ଜେଜେଙ୍କ ପାଖକୁ ଚିଠି ............................ ୧୫
ଛ'ଟି ଆଜୀବନ ସାଙ୍ଗ ............................ ୧୬
ବିଦାୟ ବେଳାରେ ............................ ୧୭
ମାଆ ଆଉ ଗାଆଁ ............................ ୧୭
ସତତ୍ୱବୋଧ ............................ ୧୮
ସ୍ମୃତି ଅଧୀର ମନ ............................ ୧୯
ଫଗୁଣ ତୁ ଫେରି ଆ' ............................ ୧୯
ବାଳ ଶ୍ରମିକ ............................ ୨୦
ବିଦେଶୀ ଦିବସ ରାତ୍ରୀ ............................ ୨୦
କର୍ମହୀନ ଜନ ଦୀନ ଏ ସଂସାରେ ............................ ୨୧
କାହିଁକି ପାରନା ............................ ୨୧
ବଂଚିବାର ଭିନ୍ନତତ୍ତ୍ୱ ............................ ୨୨
ସୃଷ୍ଟି ତ ତୁମର ............................ ୨୨
ବୋଧହୁଏ ଈଶ୍ୱର ............................ ୨୩
ମା' ତୁମେ ............................ ୨୩
ଆମେ ସର୍ବେ ଭାରତୀୟ ............................ ୨୪
ସେହି ତ ମହତ ଜନ ............................ ୨୫


## ଗଳ୍ପ


ଗୁରୁ ଦକ୍ଷିଣା ............................ ୨୬
ଗୀତ ଗାଉଥା'ରେ ପକ୍ଷୀ ............................ ୩୨
ଗାଁ ମାଟିର ମହକ ............................ ୩୭
ଲକ୍ଷ୍ମୀ ............................ ୪୦
ଭଷା ମେଘ ............................ ୪୨
ଆଉ ଏକ କାହାଣୀ ............................ ୪୫
ପାନପିକର କାଳିରେ ଚିତ୍ରିତ ସକାଳ ............................ ୪୯
ରକ୍ତଭିଜା ଚିଠି ............................ ୫୩


## ପ୍ରବନ୍ଧ


ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରେମାନୁଭବ ............................ ୫୫
ସଂପ୍ରତି ଓଡ଼ିଆ ଭାଷାର ସ୍ଥିତି ଓ ଗତି ............................ ୫୭
ଓଡ଼ିଶାର ଗୌରବ ............................ ୬୦


ଓଡ଼ିଶାର ଗୌରବ ............................ ୬୦


## Photographs


Ganesh Puja ............................ 63
Blood Donation & Health Camp ............................ 66
Family Picnic ............................ 67
Release of Souvenir ............................ 69
Dances of Odisha ............................ 73
Odia Cuisine ............................ 79
Membership Form ............................ 93



*Murlidhar C. Bhandare*
Governor, Orissa

ତା.୨୭.୦୬.୨୦୧୧

## ବାର୍ତ୍ତା

ଓଡିଆ କଲ୍‌ଚରାଲ୍ ଆଣ୍ଡ ୱେଲ୍‌ଫେୟାର ଆସୋସିଏସନ୍, ନୂଆଦିଲ୍ଲୀ ଏହାର ମୁଖପତ୍ର "ଉତ୍କଳ ଗୌରବ"ର ପଚଂମ ସଂଖ୍ୟା ପ୍ରକାଶ କରୁଥିବା ଜାଣି ମୁଁ ବିଶେଷ ଆନନ୍ଦିତ ।

ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନେ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ନିଷ୍ଠାପର ଉଦ୍ୟମ କରିବା ଆବଶ୍ୟକ । ତେବେ ଓଡ଼ିଶା ପ୍ରତି ବାହାର ଲୋକଙ୍କର ଆଗ୍ରହ ବଢ଼ିବ ତଥା ରାଜ୍ୟକୁ ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ଆସିବେ । ସେତିକି ନୁହେଁ, ଏହି ରାଜ୍ୟସହ ଭାବର ଆଦାନ ପ୍ରଦାନ ପାଇଁ ମଧ୍ୟ କ୍ଷେତ୍ର ପ୍ରସ୍ତୁତ ହୋଇପାରିବ । ଦିଲ୍ଲୀରେ ରହୁଥିବା ଓଡ଼ିଆମାନେ ଏ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ବୋଲି ମୋର ଆଶା ।

ମୁ ପ୍ରକାଶନର ସର୍ବ-ସଫଳତା କାମନା କରୁଛି ।

(ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ)

RAJ BHAVAN, BHUBANESWAR-751008
Tel. : 91-674-2536111 / 2536222 Fax : 91-674-2536582
E-mail : govori@ori.nic.in Website : www.rajbhavanorissa.gov.in




**ନବୀନ ପଟ୍ଟନାୟକ**

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ORISSA ESTATE

Telephone { (0674) : 2531100 (Off.)
(0674) : 2591099 (Res.)

Fax { (0674) : 2535100 (Off.)
(0674) : 2590833 (Res.)

E-mail : cmo@ori.nic.in


ଚିଠି ନଂ. ୩୮୬

ଭୁବନେଶ୍ୱର

ତା.୨୭.୬.୧୧

## ବାର୍ତ୍ତା

ନୂଆଦିଲ୍ଲୀର ଓଡ଼ିଆ କଲଚରାଲ ଓ ୱେଲଫେଆର ଆସୋସିଏସନ ପକ୍ଷରୁ ସ୍ମରଣିକା **'ଉତ୍କଳ ଗୌରବ'**ର ପଞ୍ଚମ ସଂସ୍କରଣ ପ୍ରକାଶ ପାଉଥିବା ଜାଣି ମୁଁ ଆନନ୍ଦିତ।

ଓଡ଼ିଶାର ଭାଷା, ସାହିତ୍ୟ ଅତି ମହାନ୍। ଗତ କେତେବର୍ଷ ମଧ୍ୟରେ ଆମ ରାଜ୍ୟ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ମଧ୍ୟ ଉଚ୍ଚ ଅଭିବୃଦ୍ଧି ହାସଲ କରିଛି। ରାଜ୍ୟର ସାମୁହିକ ବିକାଶ ପାଇଁ ପ୍ରତ୍ୟେକ ଓଡ଼ିଆ ନିଜ ନିଜ କ୍ଷେତ୍ରରେ ଯଥା ସମ୍ଭବ ଉଦ୍ୟମ କରିବା ଆବଶ୍ୟକ। ସାଂସ୍କୃତିକ ଓ ସମାଜସେବା କ୍ଷେତ୍ରରେ ନୂଆଦିଲ୍ଲୀର ଏହି ଓଡ଼ିଆ ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ।

ମୁଁ ଏହି ଅନୁଷ୍ଠାନର ସଫଳତା କାମନା କରୁଛି।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

# ସଭାପତିଙ୍କ କଲମରୁ



ପ୍ରିୟ ବନ୍ଧୁଗଣ,

ଅତି ଖୁସି ଓ ଗର୍ବର ସହ ଆପଣମାନଙ୍କୁ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଅଭିନନ୍ଦନ ଜ୍ଞାପନ କରୁଛି । ଆଜିର ଶୁଭ ଅବସରରେ ଓଡ଼ିଆ ସାଂସ୍କୃତିକ ଓ କଲ୍ୟାଣ ସମ୍ମେଳନ (Oriya Cultural & Welfare Association)ର ମୁଖପତ୍ର 'ଉତ୍କଳ ଗୌରବ'ର ପ ମ ସଂସ୍କରଣ ପ୍ରକାଶିତ ହେଉଥିବାରୁ ମୁଁ ଆନନ୍ଦିତ । ଉକ୍ତ ମୁଖପତ୍ରରେ ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟିକମାନଙ୍କର ଗଳ୍ପ, କବିତା, ପ୍ରବନ୍ଧ ସ୍ଥାନ ପାଇଛି । ଏତଦ୍‌ବ୍ୟତୀତ ଅନୁଷ୍ଠାନ (OCWA)ର ପ୍ରତ୍ୟେକ ଘଟଣାବଳୀକୁ ଫଟୋଚିତ୍ର ମାଧ୍ୟମରେ ଆପଣମାନଙ୍କ ଜାଣିବା ପାଇଁ ସ୍ଥାନୀତ କରିଛୁ । ଆଶା କରେ ଏହି ସଂସ୍କରଣ ସମସ୍ତଙ୍କ ଦ୍ୱାରା ଆଦୃତ ହେବ ।

ଗତବର୍ଷ ଗଣେଶ ପୂଜା ବଡ଼ ଆଡ଼ମ୍ବରରେ ଆପଣମାନଙ୍କ ସହଯୋଗରେ ପାଳିତ ହୋଇଥିଲା । ମଝି ମଝିରେ ବର୍ଷା ସ ୍ ବି ଲୋକମାନେ ଆନନ୍ଦର ସହ ପୂଜା ମଣ୍ଡପରେ ଭିଡ଼ ଜମାଇ ପୂଜାକୁ ଉପଭୋଗ କରିଥିଲେ । OCWA ପରିବାରର ସମସ୍ତ କର୍ମକ ୀମାନଙ୍କର ନିଃସ୍ୱାର୍ଥପର ଉଦ୍ୟମ ଯୋଗୁଁ କୌଣସି କାର୍ଯ୍ୟରେ କିଛି ବାଧା ଉପୁଜି ନଥିଲା । ବିଶେଷ କରି ପିଲାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ଉପଭୋଗ କରିବା ସହିତ ପ୍ରଶଂସା କରିଥିଲେ । ଆୟୋଜିତ ଭୋଜିରେ କେବଳ ଓଡ଼ିଆ ଲୋକମାନେ ନୁହନ୍ତି, ବରଂ ଅନ୍ୟ ଭାଷାଭାଷୀର ଲୋକମାନେ ମଧ୍ୟ ବେଶ୍ ଉପଭୋଗ କରିଥିଲେ । ଚଳିତ ବର୍ଷ ମଧ୍ୟ ଅନୁରୂପ ଗଣେଶ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆପଣମାନଙ୍କ ସକ୍ରିୟ ସହଯୋଗ ପାଇଁ କୃତଜ୍ଞତା ଜଣାଉଛି ।

ଆଜି ଓଡ଼ିଶା ବାହାରେ ରହୁଥିବା ଓଡ଼ିଆ ପିଲାମାନେ ଓଡ଼ିଆ ପଢ଼ିବାରୁ ବ ୍ତ ହେଉଛନ୍ତି । କେତେକ ପରିବାରରେ ଦେଖିବାକୁ ମିଳୁଛି ସେମାନେ ନିଜ ପିଲାଙ୍କ ସହ ଘରେ ଓଡ଼ିଆରେ କଥାବା ୀ କରୁନାହାନ୍ତି । ଏହା ଏକ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବିପଦର ସଂକେତ । ନିଜ ଭାଷାରେ କଥା ହେଲେ ଆମେ କ'ଣ କେବେ ଛୋଟ ହୋଇଯିବା ? ବରଂ ଆମର ସମ୍ମାନ ଅଧିକ ବଢ଼ିବ । ଓଡ଼ିଆ ଜାତିର ଭାଷା, ଏହାର ସଂସ୍କୃତି ଓ କଳା ମହାନ । ତାକୁ ଆପଣାଇ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବା ଉଚିତ । ଦେଖିବାକୁ ମିଳୁଛି କେବଳ ଗରିବ ପରିବାରର ପିଲାମାନେ ଓଡ଼ିଆ ସ୍କୁଲରେ ପଢୁଛନ୍ତି । ଅନ୍ୟମାନେ ଏଥିପ୍ରତି ଆଗ୍ରହ ସୃଷ୍ଟି କରୁନାହାନ୍ତି । ନିଜ ଭାଷା ଓ ସାହିତ୍ୟର ଉନ୍ନତି ନ ହେଲେ ଆମ ଜାତି କେବେ ଉପରକୁ ଉଠିପାରିବ ନାହିଁ । ମୋ ମତରେ ପ୍ରବାସୀ ଓଡ଼ିଆମାନେ ନିଜର ପିଲାମାନଙ୍କୁ ଓଡ଼ିଆରେ ଲେଖିବା ଓ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରିବା ଉଚିତ । ଏପରିକି ପିଲାମାନଙ୍କ ସ୍କୁଲ ଅବସର ସମୟରେ ମଧ୍ୟ ଏହା ସମ୍ଭବପର ହୋଇପାରିବ । ଏଥିପାଇଁ ଆମର ଆଗ୍ରହର ଆବଶ୍ୟକତା ରହିଛି ।

ଆମ ଅନୁଷ୍ଠାନ ଦିଲ୍ଲୀରେ ଏକ ପାଠାଗାର ଓ ସାଂସ୍କୃତିକ କେନ୍ଦ୍ର (Cultural Centre) ନିର୍ମାଣ କରିବାର ସ୍ୱପ୍ନ ଦେଖିଛି । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆପଣମାନଙ୍କର ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି । ଆଶା କରେ ଆପଣମାନେ ଏହି ମହତ୍ କାମରେ ସହଯୋଗ କରିବା ସହ ଆମର ଏହି ଅନୁଷ୍ଠାନକୁ ସୁଦୃଢ଼ କରିବେ ।

ଶେଷରେ ଅନୁଷ୍ଠାନର କର୍ମକ ୀ, ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ ସେମାନଙ୍କର ସାହାଯ୍ୟ ସହଯୋଗ ପାଇଁ ଧନ୍ୟବାଦଜଣାଉଛି । ଏତଦ୍‌ବ୍ୟତୀତ ସ୍ମରଣିକା ପ୍ରକାଶନ ପାଇଁ ବିଜ୍ଞାପନଦାତା ଓ ଅନ୍ୟ ଯେଉଁମାନେ ସହଯୋଗର ହାତ ବଢ଼ାଇଛନ୍ତି ସେମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି ।

"ଜୟ ଜଗନ୍ନାଥ ।"


**ବିଜୟ ମହାନ୍ତି**

**ସଭାପତି**

**ମୋ.୦୯୮୭୧୯୯୭୪୯**



# ସଂପାଦକୀୟ

ପ୍ରିୟ ଭାଇ ଓ ଭଉଣୀମାନେ ! ଅନୁଷ୍ଠାନର ବାର୍ଷିକ ଉତ୍ସବ-୨୦୧୨ର ଶୁଭ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ମୋର ସଂକ୍ଷିପ୍ତ ସଂପାଦକୀୟ ବିବରଣୀ ଉପସ୍ଥାପନ କରୁଛି ।

ଓଡ଼ିଆ ସାଂସ୍କୃତିକ ଓ କଲ୍ୟାଣ ସମ୍ମେଳନ (Oriya Cultural & Welfare Association) ୧୯୯୨ ମସିହାରେ ଶୁଭାରମ୍ଭ ହୋଇ ଦିନ ପରେ ଦିନ ଆପଣମାନଙ୍କ ସକ୍ରିୟ ସାହାଯ୍ୟ ସହଯୋଗରେ ଆଗକୁ ଆଗକୁ ସମ୍ମାନର ସହ ଆଗେଇ ଚାଲିଛି । ଉକ୍ତ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ 'ଉତ୍କଳ ଗୌରବ' ବାର୍ଷିକ ପତ୍ରିକାର କ୍ରମାଗତ ପ ମ ସଂସ୍କରଣ, ଏହାର ଏକ ଜ୍ୱଳନ୍ତ ଉଦାହରଣ । ପତ୍ରପତ୍ରିକା, ଭାଷା ସାହିତ୍ୟର ବିକାଶ ପାଇଁ ଏକ ବଳିଷ୍ଠ ମାଧ୍ୟମ । ଏହାକୁ ଆମେ ଗୁରୁତ୍ୱର ସହିତ ବିଚାର କରି ଅନୁଷ୍ଠାନର ମୁଖପତ୍ର ଭାବରେ ପ୍ରକାଶ କରୁଛୁ । ଦିଲ୍ଲୀ ନଗରୀରେ ଓଡ଼ିଆ ଅନୁଷ୍ଠାନମାନଙ୍କ ମଧ୍ୟରେ ଆମ 'ଓଡ଼ିଆ କଲ୍‌ଚରାଲ ଏଣ୍ଡ ୱେଲଫେୟାର ଆସୋସିଏସନ' ଏକ ଅଗ୍ରଣୀ ଅନୁଷ୍ଠାନ । ଏହା ଆମ୍ଭମାନଙ୍କ ପାଇଁ ଶୁଭସୂଚକ ଏବଂ ଗୌରବର କଥା ମଧ୍ୟ । ଆମ ଅନୁଷ୍ଠାନର କର୍ମକ ୀମାନଙ୍କ ସକ୍ରିୟ ସହଯୋଗ ଓ ସଦ୍‌ଇଚ୍ଛା ଏବଂ ଅନୁଷ୍ଠାନର ସଦସ୍ୟମାନଙ୍କ ଉତ୍ସାହ ଫଳରେ ଏହା ସମ୍ଭବ ହୋଇପାରିଛି ।

ବିଗତ ପା ବର୍ଷ ମଧ୍ୟରେ ଆମ ଅନୁଷ୍ଠାନ ପକ୍ଷରୁ କ୍ରମାଗତ ଭାବେ ରକ୍ତଦାନ ଏବଂ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରି ସଫଳତା ଅର୍ଜନ କରିଛି । ଏହାଦ୍ୱାରା ଆମ ଅନୁଷ୍ଠାନ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ସହିତ ପ୍ରବାସୀ ଓଡ଼ିଆଙ୍କୁ ଏକ ମ ରେ ଏକତ୍ରିତ କରିବାର ପ୍ରୟାସ ଆମର ମୂଳ ଲକ୍ଷ୍ୟ । ବାର୍ଷିକ ଉତ୍ସବ, ଗଣେଶ ପୂଜା ଓ ଭୋଜି ଇତ୍ୟାଦି ଏହାର ଏକ ଉଦାହରଣ ମାତ୍ର । ଏହିସବୁ ସମସ୍ତଙ୍କ ମିଳିତ ଉଦ୍ୟମରେ ସଫଳ ହୋଇପାରିଛି ।

ପରିତାପର ବିଷୟ, ଦିଲ୍ଲୀ ପରି ଏକ ମହାନଗରୀରେ ଓଡ଼ିଆଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ହେଉଥିଲେ ମଧ୍ୟ ସେପରି ଆଖିଦୃଶିଆ ଓଡ଼ିଆ ଜାତି ପ୍ରୀତି, ସଂହତି ଦେଖିବାକୁ ମିଳୁ ନାହିଁ । ଏହା ଶୁଭସୂଚକ ନୁହେଁ । ଏଣୁ ଆମକୁ ମିଳିତ ଭାବରେ ସମସ୍ତଙ୍କୁ ଏକତ୍ରିତ କରି ଅନୁଷ୍ଠାନ ମାଧ୍ୟମରେ ସାମାଜିକ, ସାଂସ୍କୃତିକ ସଦ୍‌ଭାବନା ଅଧିକରୁ ଅଧିକ ସୃଷ୍ଟି କରିବାକୁ ପଡ଼ିବ । ଆମର ଲକ୍ଷ୍ୟ ଅନୁଷ୍ଠାନ ଦ୍ୱାରା ଦିଲ୍ଲୀରେ ଏକ ଓଡ଼ିଆ ପାଠାଗାର ଏବଂ କଲ୍‌ଚରାଲ ସେ ର ପ୍ରତିଷ୍ଠା କରିବା ସହ ଅନୁଷ୍ଠାନର ନିଜସ୍ୱ ଭବନ ନିର୍ମାଣ କରିବାର ସ୍ୱପ୍ନ ଆମର ଅଛି । ଏଥିପାଇଁ ଅର୍ଥର ଆବଶ୍ୟକତା ରହିଛି । ବାର୍ଷିକ ସଦସ୍ୟ ଚାନ୍ଦା, ଅନୁଦାନ ଓ ବିଜ୍ଞାପନ ସଂଗ୍ରହ ଦ୍ୱାରା କିଛି ଆର୍ଥିକ କ୍ଷେତ୍ରରେ ଆମେ ଏକ ସମ୍ମାନଜନକ ସ୍ଥିତିରେ ଅଛୁ । ଯାହାକି ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟରେ ସାହାଯ୍ୟ କରୁଛି । ମାତ୍ର ଏହା ଆମର ଲକ୍ଷ୍ୟ ପୂରଣ ପାଇଁ ଯଥେଷ୍ଟ ନୁହେଁ । ଆମକୁ ବହୁତ କିଛି କରିବାର ଅଛି । ସମସ୍ତ କର୍ମକ ୀ ଓ ଅନୁଷ୍ଠାନର ଶୁଭଚିନ୍ତକମାନଙ୍କୁ ମୋର ଅନୁରୋଧ ସଂଗଠନର ଲକ୍ଷ୍ୟ ପୂରଣ ନିମନ୍ତେ ସଂଘବଦ୍ଧ ଭାବରେ ଉଦ୍ୟମ ଅବ୍ୟାହତ ରଖିବା ସହ ଅନୁଷ୍ଠାନର ଉ ରରୋ ର ଉନ୍ନତି କାମନା କରିବା ଉଚିତ ।

ବନ୍ଧୁଗଣ ! ଆସନ୍ତୁ ହାତକୁ ହାତ ମିଶାଇ ମନପ୍ରାଣ ଢାଳି ନିଃସ୍ୱାର୍ଥପର ଭାବେ ଉକ୍ତ ଅନୁଷ୍ଠାନର ଉନ୍ନତି କଳ୍ପେ ପ୍ରୟାସ ଜାରି ରଖିବା ସହ ଆମର ଏହି ଓଡ଼ିଆ ଅନୁଷ୍ଠାନକୁ ସୁଦୃଢ଼ କରିବା ସଂଗେ ସଂଗେ ପାରସ୍ପରିକ ସଂହତି ସୃଷ୍ଟି କରିବା । ଶେଷରେ ପୁଣିଥରେ ଆପଣମାନଙ୍କୁ ଓ ଅନୁଷ୍ଠାନର ଶୁଭେଚ୍ଛୁମାନଙ୍କୁ ମୋର ଗଭୀର କୃତଜ୍ଞତା ଜ୍ଞାପନା କରୁଛି, ଯାହାକି ସେମାନେ ଆମକୁ ପାଖରୁ ଏବଂ ଦୂରରେ ରହି ସହଯୋଗର ହାତ ବଢ଼ାଇଛନ୍ତି ।

ଆପଣଙ୍କ ଅନ୍ତରଙ୍ଗ,

**ସନ୍ଦିପ୍ତ ରାଉତ**

ସାଧାରଣ ସଂପାଦକ

**ମୋ. ୦-୯୩୧୩୫୩୬୦୪୩**

# ବ୍ୟର୍ଥ ପ୍ରୟାସ



ଅଧାପିକା ଡା. ଜ୍ୟୋତିର୍ମୟୀ ହୋତା

ପ୍ରଣୟର ଇତି କଥା ରହସ୍ୟ ପେଟିକା
କମ୍ପନ ଯେ ତୋଳେ ମନ ସାତ ତାଳ ଫରୁଆରେ
ଶରୀରଟି ଚାହେଁ ତାରେ କାଢ଼ି ଫିଙ୍ଗିବାକୁ
ହେଲେ ଥାଏ ସେ ତ ଅପହର୍ଞ ଇଲାକା ଭିତରେ।
ପହିଲି କୈଶୋରେ ମିଠାମିଠା ଅନୁଭବ
କେତେ ଆଶା ଭୃଣ କଲା ଅଙ୍କୁରିତ ମନବିଜେ
ନଥିଲା ତା' ସତ ଖାଲି ଉଦ୍‌ଭ୍ରାନ୍ତ ଖିଆଲ
ଲାଗେ ଏବେ ଯୌପନର ସାୟାହ୍ନ ବେଳାରେ।
ମୋହା ଶକ୍ତ କୈଶୋରର ସ୍ନିଗ୍ଧ ମିଠା କଥା
ଲାଗୁଥିଲା ମନ କିଣା ଅମୃତ ସେ ଭାଷା
ଜୀବନ ସିଜୁ ବଣରେ କ୍ଷତାକ୍ତ ପାହୁଣ୍ଡ
ଅନୁଭବେ ବାସ୍ତବ ଏ ଜୀବନର ବ୍ୟଥା
ମନ ଖୋଜେ ଯା'ରେ, ସେ ତ ନିକଟେ ଥାଇ ବି ଦୂରେ
ଆହୁତେ ଆହତ ହୃଦୟ ଅସହ୍ୟ ବେଦନା ଭାରେ
ନିଷ୍କୃତି ବା କାହିଁ ତାର ଏ ପ୍ରେମ ଯୁଦ୍ଧରେ
ସମଗ୍ର ଜୀବନ ବଂଧା ଅତୀତର କ୍ଷୀଣ ସ୍ମରଣରେ
କ୍ଲାନ୍ତଶ୍ରାନ୍ତ ଦଗ୍‌ଧିଭୂତ ପ୍ରତ୍ୟହ ଏ ମନ
ଏକ ପାର୍ଶ୍ୱ ପ୍ରେମେ ଲୀନ ଅବିରତ, ମରଣ ପ୍ରାନ୍ତ ପର୍ଯ୍ୟନ୍ତ।
ନିଥର ପ୍ରଚେଷ୍ଟା ଆଉ ବ୍ୟର୍ଥ ପ୍ରୟାସରେ
ଗଣେ ଦିନ ଉଜାଗରେ ବୟୋସନ୍ଧି ଖର୍ବରୀର
ଗାଢ଼ କାଳିମାରେ।

ବି/ ୬୪, ସେକ୍ଟର-୧୮,
ରାଉରକେଲା-୩

# ଅଫେରା ନଈ



ଦୀପ୍ତି ମହାନ୍ତି,
ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ, ଆକାଶବାଣୀ

ଅଫେରା ନଈରେ ଅଫେରା ନଈ
ଧାଇଁଛୁ ଖାଲି ତୁ ଅଫେରା ବାଟରେ
କଣ୍ଟକ ଶିଳା ବାଲି ପନ୍ତରାରେ
ଜୀବନର ଗୀତ ଗାଇ।

ବୁକୁରେ ଜୁଆର ଭଙ୍ଗା ତୋର ଯେମିତି
ମୋ ଜୀବନେ ସୁଖ-ଦୁଃଖ ଆସେ ସେମିତି
ତଥାପି ତୁ ଝରି ଥାଉ... କୁଳୁକୁଳୁ ଗୀତ ଗାଉ
ମୁଁ ମନ ଖୋଲି ପଦେ ପାରେନା ଗାଇ - ପାରେନା ଗାଇ।

ତୋ ବୁକୁରେ ନାଆ ସବୁ ଭାସେ ଯେମିତି
ସମୟ ଭଉଁରୀ କୋଳେ ଘୁରେ ସେମିତି
ହାରିବା ଜିତିବା ପାଇଁ... ତୋ ମନରେ ଦକ୍‌କା ନାହିଁ
ହେଲେ ମୁଁ ହାରିଥାଏ ଜିତିବା ପାଇଁ... ଅଫେରା ନଈ।

କେଉଁଠୁ ଜନମ ଅବା ଶେଷ ତୋ କାହିଁ
ଉଜାଡ଼ିବା ସଜାଡ଼ିବା ହିସାବ ନାହିଁ
ତୁ ଯାଉ ବହି ବହି ସାଗର ଛୁଇଁବା ପାଇଁ
ମୁଁ ନିତି ମରିଥାଏ ଜୀଇଁବା ପାଇଁ... ଜୀଇଁବା ପାଇଁ
ଅଫେରା ନଈରେ ଅଫେରା ନଈ।

ସି/ ୫୧, ସେକ୍ଟର-୧୯,
ରାଉରକେଲା-୫

# ଅଭିମାନ



ଡାକ୍ତର ଗୀତାଞ୍ଜଳୀ ପତ୍ରୀ

ଅଭିମାନ ତୁମ ଅଦିନ ବରଷା
ବିନା ଖବରରେ ଆସେ
ଅଳିଅଳ ତୁମ ନାକ 'ରାଗ ରଗ'
କଥାରେ କଥାରେ ଖସେ । (୦)

ଅଧିକାର ତୁମ ନିହାତି ଅଲଗା
କାହାକୁ ଦିଅନା ଭାଗ
ମନ ତୁମ କେବେ ଖିଆଲି ଝରଣା
କେବେ ଛୁପା ଅନୁରାଗ
ଅମାନିଆ ତୁମ ଆଖିର କଜଳ
ଟିକିଏ କଥାରେ ଭାସେ ।

ତୁମ ମଥାଲଗା ନାଲି ସୂରୁଜରେ
ଲେଖା ମୋ ଅଦେଖା ହାତ
ତୁମ ରୁଣୁଝୁଣୁ ପାଦ ପାହୁଚରେ
ଅଦିନ ମେଲଣି ଯାତ,
ତୁମ ଆଦରର ଯୂଇ ଯାଇ ମଲ୍ଲୀ
ମନ ସରହଦ ବାସେ ।

ଅଭିମାନ ତୁମ ଅଦିନ ବରଷା
ବିନା ଖବରରେ ଆସେ ।

**ଗୋପ-ଗୋଧୂଳୀ,**
**ଏଚ୍‌ଆଇଜି-୭୩, ଗୋପବନ୍ଧୁନଗର,**
**ଛେଣ୍ଡ, ରାଉରକେଲା**

# ସୁଦର୍ଶନା

**ମୂଳ : ବଙ୍ଗଳା**
**ଜୀବନାନନ୍ଦ ଦାସ**
**ଭାଷାନ୍ତର : ରବୀନ୍ଦ୍ର କୁମାର ବେହୁରିଆ**

ଏକ ଦିନ ଏକ ମ୍ଳାନ ହସ ହସି ମୁଁ ଯେ
ତୁମ ପରି ଏକ ସୁନ୍ଦରୀ ମହିଳା ପାଶେ
ସଞ୍ଚିତ ପଣ୍ୟ ଲୀନ କରିବାକୁ ଯାଇ
ଠିଆ ହୋଇଗଲି ଅଗ୍ନି ପରିଧି ପାଶେ ।


ଶୁଣିଲି ତୁମର କିନ୍ନରୀ କଣ୍ଠସର
ଦେବଦାରୁ ଗଛ ଫିସ୍ ଫିସ୍ କଥା କହେ
ଜଗତରେ ବହୁ ଲୋଭନୀୟ ବସ୍ତୁ ଅଛି
ନିତି ପ୍ରଭାତରେ ଅମୃତ ସୂର୍ଯ୍ୟ ଉଏଁ ।

ସବୁଠାରୁ ଭଲ ଆକାଶ ନକ୍ଷତ୍ର ଘାସ
ଚନ୍ଦ୍ର ମଲ୍ଲୀର ରାତ୍ରି ଚୁପି ଚୁପି ହସେ
ତଥାପି ବି ଏଠି ସମୟଟା ନୁହେଁ ଭଲ
ଆଖିର ଆକାଶୁ ରୂପର ବଳୟ ଖସେ ।

ଏଇ ପୃଥିବୀର ପରିଚିତ ସୂର୍ଯ୍ୟ ପରି
ତୁମର ଶରୀର କରି ନାହିଁ କା'ରେ ଦାନ
ସମୟ ତୁମକୁ ମୃତଦାର ବୋଲି କହେ
ସୁଦର୍ଶନା ! ତୁମ ରୂପ କରେ ଆବାହନ ।

**ଅବସରପ୍ରାପ୍ତ ଅଧ୍ୟାପକ,**
**ଚାନ୍ଦବାଲି, ଭଦ୍ରକ**

# ଜେଜେଙ୍କ ପାଖକୁ ଚିଠି



ତ୍ରିଲୋଚନ ମଥାନ

ଜେଜେ ହେ, ଦେଖିଯାଅ ଥରେ ଘରକୁ
ବାପା ତ ରହିଲେ ଦୂର ରାଇଜରେ,
ଭଡ଼ାଦେଇ ଘର ପରକୁ।
ଜେଜେହେ ଦେଖିଯାଅ ଥରେ ଘରକୁ।

ଭଡ଼ାଟିଆ ବାବୁ ଦାବୀ ତ କଲେଣି
ତଳ ମହଲାଟା ତାଙ୍କର,
ମୂଷାପରି ଆମେ ଚଳୁଛୁ ଉପରେ
ଡରାଉଛି ତାଙ୍କ ଚାକର
ଦୁଃଖ ଜଣାଇବାକୁ କାହାକୁ,
ସାହି ଟାଉଟର ବିଚାର ଶୁଣିକି
ମା' ପିଏ ନିତି ଲୁହକୁ।

ବାପା ତ ଆମର ଆସନ୍ତିନି ଘର
ଭୁଲିତ ଗଲେଣି ଗାଁ,
ପେଟ ବିକଳରେ ପର ଘରେ ଖଟେ
ସରମକୁ ଛାଡ଼ି ମା'
ଏ କଥା କହିବୁ କାହାକୁ,
ଶୁଣୁଛୁ କୁଆଡ଼େ ବାପା ରଖିଛନ୍ତି
ଆଉ ଗୋଟେ ନୂଆ ମା'କୁ।

ତୋଳିଥିଲ ଘର ଆମ ସୁଖ ପାଇଁ
ସୁଖ ବଦଳରେ ଦୁଃଖ
ନିନ୍ଦା ଅପବାଦ ଶୁଣି ଶୁଣି ଆମେ
ଦେଖାଇ ପାରୁନୁ ମୁଖ
ଛାଡ଼ିଲିଣି ପାଠପଢ଼ାକୁ
ସ୍ୱପ୍ନ ଦେଖୁଥିଲ ହେବି ଡାକତର
ଏବେ ଚିନ୍ତା ଆମ ପେଟକୁ।

ଘର ପଲସ୍ତରା ଖସି ତ ପଡୁଛି
ଦେଇତ ପାରୁନୁ ରଙ୍ଗ
ସାତସିଆଁ ଲୁଗା ମା' ପିନ୍ଧିକରି
ଘୋଡ଼ାଉ ରଖୁଛି ଅଙ୍ଗ
ଜନ୍ମ କରିଥିଲ ପୁଅକୁ,
ପାଠ ପଢ଼ି ବଡ଼ ଚାକିରୀ କରି ସେ
ଉଜ୍ଜ୍ୱଳ କରିବ କୁଳକୁ।

ଜେଜେ ତୁମ କଥା ମନେ ପଡ଼ିଗଲେ
ଜକେଇ ଆସୁଛି ଆଖି
ଆମ ଦୁଃଖ କଥା କେତେ ବା ଲେଖିବି
ଆମ ଚାରିକାନ୍ଥ ସାକ୍ଷୀ
ପଢ଼ିକି ଜାଣିବ ଚିଠିକୁ,
ଫେରି ଆସ ଜେଜେ ଏ ଧରା ଧାମକୁ
ପୋଛି ଦେବ ଆମ ଲୁହକୁ।
ଜେଜେହେ ଦେଖିଯାଅ ଥରେ ଘରକୁ।

ପଦ୍ମାଳୟ, ଏ/ ୨୧୧
କୋଏଲନଗର, ରାଉରକେଲା-୧୪

# ଛ'ଟି ଆଜୀବନ ସାଙ୍ଗ



ନିତ୍ୟାନନ୍ଦ ନାୟକ (କାଶ୍ୟପ)

ବୁଝି ତ ପାରେନା
ମୁଁ କାଳେ ଅମୃତ ସନ୍ତାନ ବୋଲି
ଜଗତେ ପଡୁଚି ହୁରି !
ଛୁଇଁ ଦେଲେ ମାଟି
କେମିତି ମୋ ପାଦ
ତଳକୁ ଯାଉଚି ଖସି ?

ଉପଭୋଗ ପାଇଁ
ଏ ମାଟି ସୌନ୍ଦର୍ଯ୍ୟ
ଦେଲ ଛଅ ଜଣ
ଆଜୀବନ ସାଙ୍ଗ
ମୋ ମନୋରଂଜନ ପାଇଁ ।

କୂଟ କପଟରେ
ସେଇ ସାଙ୍ଗମାନେ
ଭୋଗ ଲାଳସାରେ
ନିୟୋଜିତ କରେ
ନିଜ ନିଜ ପଥେ ମୋତେ ।

ଯାହା ପାଇଁ ମୋର ଦୁର୍ବିଷହ ଦୁଃଖ
ବିଳମ୍ବେ ପାରିଚି ବୁଝି
ତେଣୁ ମୁଁ ସାଧନା କରୁଚି ଜୀବନେ
ଛାଡ଼ିବାକୁ ସେଇ ସାଙ୍ଗ ।
ଏ କି ବିଡ଼ମ୍ବନା !
ଯେତେ ବୁଝାଇଲେ
ପ୍ରକୃତି ମନକୁ
ପାରେ ନାହିଁ ଛାଡ଼ି ତାଙ୍କୁ ।

କୁହନ୍ତି କିପରି କୁହନ୍ତି,
ଅମୃତ ସନ୍ତାନ
ଯେ ଅମୃତରେ ଅଛି ବିଷ ?
ଅମୃତଭାଣ୍ଡରେ ବିଷ ବିନ୍ଦୁଟିଏ
ଅମୃତକୁ କରେ ବିଷ ।

ଯା'କୁ କୁହ ବଂଧୁ
ଆଜୀବନ ସାଙ୍ଗ
ମୋ ମନୋରଂଜନ ପାଇଁ
ସେଇମାନେ ମୋର ସର୍ବନାଶ କରେ
ପ୍ରଗତିରେ ବାଧା ଦେଇ ।

ବୁଝି ତ ପାରେନା
ତୁମ ମାୟା ସବୁ
ଚୋରକୁ କହୁଚ ଚୋରୀ କରିବାକୁ
ବିବେକକୁ କୁହ ଜଗିବାକୁ ପୁଣି
ପୋଲିସିର ରୂପ ଧରି,
ସେଇପରି ମୋର ଆଜୀବନ ସାଙ୍ଗ
ଶତ୍ରୁ ପରି ମୋତେ ବିପଥେ ନେଉଚି ଟାଣି
ତେଣୁ ମୁଁ ତୁମକୁ ଗୁହାରୀ କରୁଚି
ସେ ସାଙ୍ଗମାନଙ୍କୁ
ଜଙ୍ଗଲକୁ ଦିଅ ତଡ଼ି
ଛାଡ଼ି ଦେଲେ ସାଙ୍ଗ
ମୁଁ ହେବି ଅମୃତମୟ
ସୃଷ୍ଟି ହେବ ମଧୁମୟ ।

**କଳ୍ପଲୋକ, ଏ/୧୦୧,**
**ସେକ୍ଟର-୬, ରାଉରକେଲା-୨**

# ବିଦାୟ ବେଳାରେ




ଅମ୍ବିକା ଧଳ

ଜୀବନର ଶେଷ ମୁହୂର୍ତ୍ତରେ
ଗାଇଯାଏ ବିଦାୟ ଗୀତିକା ।
ଲତା କୁଞ୍ଜେ ମନପକ୍ଷୀ ବସି
ଝୁରି ହୁଏ ଅତୀତର ସ୍ମୃତି ।
ଜୀବନର ହସକାନ୍ଦ ଆଉ
ସୁଖ ଦୁଖ ଭରାଏ ଜୀବନ ।
ବିତିଗଲା ପଲକ ନ ପଡୁଣୁ
ସ୍ୱପ୍ନ ପରି ଲାଗେ ସତେ ?
ବିଦାୟ ବେଳାରେ
ସ୍ୱାମୀର ଅଫିସ୍ ଫେରନ୍ତା ବେଳ
ସନ୍ତାନର ସ୍କୁଲ ଆସିବା ସମୟକୁ
ଚାହିଁ ବସେ ଅପଲକ ନେତ୍ରେ
ଅବୁଝା ସନ୍ତାନତା ଆସି କରଇ ଅଝଟ
କେତେ ମାନ ଅଭିମାନ
ମନେ ପଡ଼େ ଶେଷ ସମୟରେ
ନିଛାଟିଆ ନିଃସଙ୍ଗ ଜୀବନ ଆଜି ମୋ
ସଂସାରର ମୋହ ମାୟାରେ ଭୁଲି
ଆସିଗଲା ଅଚାନକ ଆଜି
ଜୀବନର ଅନ୍ତିମ ସମୟ
ସବୁ କିଛି ପାଇଲେ ବି
ହରାଇବାର ଦୁଃଖ ଯନ୍ତ୍ରଣାରେ
ମନଟା ବ୍ୟାକୁଳ ଆଜି
ସବୁ ସ୍ମୃତି ନାଚିଯାଏ ମାନସପଟରେ
ଝୁରି ହୁଏ ଅତୀତକୁ ,
ବିଦାୟ ବେଳାରେ ମୋର
ବିଦାୟ ବେଳାରେ ।

ସା-ଯୋଡ଼ାବନ୍ଧ, ବିଶ୍ରା,
ଜି.-ସୁନ୍ଦରଗଡ଼ (ଓଡ଼ିଶା)

# ମାଆ ଆଉ ଗାଆଁ



ସୁରେନ୍ଦ୍ର ପାଢ଼ୀ

ଯେତେ ଛୋଟ ହେଉ ପଛେ ଭଲ ଲାଗେ ଗାଆଁ
ବେଶୀ ଭଲ ଲାଗେ ତହିଁ ଥାଏ ଯଦି ମାଆ ।

ଗାଆଁମୁଣ୍ଡ ତୋଟାମାଳ ଦିଶେ ମନୋହର
ବେଶୀ ଭଲ ଲାଗେ ତହିଁ କୋଇଲିର ସ୍ୱର ।

ଭଲ ଲାଗେ ଗାଆଁମୁଣ୍ଡ ଶିବଙ୍କ ଦେଉଳ
ବେଶୀ ଭଲ ଲାଗେ ହେଲେ ଶିବରାତ୍ରି ବେଳ ।


ଭଲ ଲାଗେ ଆମ ଗାଆଁ ବ୍ରାହ୍ମଣୀ ତଟିନୀ
ବେଶୀ ଭଲ ଲାଗେ ନାଆ ଚଲୁଥିଲେ ପୁଣି ।

ଭଲ ଲାଗେ ଗାଆଁ ପିଲା, ବୁଢ଼ା ଯୁବାମେଳ
ବେଶୀ ଭଲ ଲାଗେ ଯେବେ ଆସେ ହୋରିଖେଳ ।

ମାଆ ଗାଆଁ ଦୁହେଁ ଭଲ ସ୍ୱର୍ଗଠୁ ମହାନ
ତାଙ୍କହିତ ପାଇଁ ଆମେ ଦେବାରେ ଜୀବନ ।

ଏ/୪୩୦, କୋଏଲନଗର
ରାଉରକେଲା-୧୪
ମୋ:୯୨୩୮୮୫୧୨୦୯

# ସତତ୍ୱବୋଧ



ଶଙ୍କର ପ୍ରସାଦ ପତି

ରେ ନିର୍ବୋଧ ଚିନ୍ତୁ କିନା ବାରେ
ନା-ଇଛି ପରାଣେ ଶାନ୍ତି ଆଉଁ ଅପ୍ରମିତ ଶକ୍ତି
ଧନଜନ ଗୋପ ଲକ୍ଷ୍ମୀ ବଳ ବିକ୍ରମରେ
ଅରଜି ସୁଯଶ ଖ୍ୟାତି ଜନ ଦରବାରେ ।

ଭାବିଛୁ ଯା ବର୍ଷିବୁ ଦିବସ
ନାରୀ ପ୍ରେମ ସୁଧାରସ ପାନେ ବହି ମନେ ତୋଷ
ଭୃକୁଟୀ କୁଟୀଳ ମୁଖେ ଉକୁଟାଇ ହସ
ବିକସିବୁ ଭବରଙ୍ଗ ଭୂମେ ଅହର୍ନିଶ ।

ନୁହେ ଭବେ କିଛି ଚିରସ୍ଥାୟୀ
ତୁଚ୍ଛ ମାନବ ଜୀବନ ପାଣିଫୋଟକାରୁ ହୀନ
କେତେବେଳେ ଯିବ ଚାଲି ନ ଜାଣିବେ କେହି
ବସିଥିବୁ ବିସ୍ଫାରିତ ନେତ୍ରେ ପଥ ଚାହିଁ ।

ଯେ ସୁଖକୁ ମଣୁ ସୁଖ ବୋଲି
ହାତେ ଆସେ ହାତୁଁ ଖସି ଯିବାକୁ ସେ ହସି ହସି
ଚକ୍ଷୁର ପଲକେ କ୍ଷଣେ ହୁଅଇ ଉଭାନ
ବିଷୟ ଲାଳସୀ ହୃଦ ହୁଏ ଛନ ଛନ ।

ବହିଚାଲେ ଜୀବନର ସ୍ରୋତ
ମିଶିଯିବ ଅକାତରେ ମୃତ୍ୟୁ କାଳ ସିନ୍ଧୁନୀରେ
କୋମଳ ପ୍ରଭାତେ ହେବ ବେଳ ଅସ୍ତମିତ
ଶତ ପ୍ରତିବନ୍ଧକ ତା' ପାଶେ ହେବ ହତ ।

ସୁମଧୁର ଶଇଶବ କାଳ
ଅନ୍ତକରେ ଯଉବନ ମଦେ, ରସ ରଙ୍ଗେ ଦିନ
ବିତାଇଲୁ ସୁଖମଣି ପ୍ରେମେ ହୋଇ ଭୋଳ
ବରିଲୁ ଯେ ଦୁଃଖ ତହୁଁ ପାଇଲୁ କି ଫଳ ।

ଖସିଯିବ ବୟଃ, ବପୁ, ବଳ
ବିବର୍ଣ୍ଣ ଦିଶିବ ତନୁ, ଦହିବ ବନ ନୟନୁ
ଦୃଷ୍ଟିଶକ୍ତି ହେବ ହୀନ ଗ୍ରାସିବରେ କାଳ
ବୁଡ଼ିବ ଶୋକ ସାଗରେ ମାନସ ମରାଳ ।

ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନେ
ପଚାରିବେ ନାହିଁ କେହି ହେଉଥିବୁ ହାଇଁ ପାଇଁ
ଭାଗ୍ୟେ ଦୋଷ ଦେଇ ବସି, ଧ୍ୟାନେ ଏକାସନେ
ଶୟନେ, ସପନେ କେବେ ଭ୍ରମେ ଜାଗରଣେ ।

ବିଭ୍ରମୁ ତୁ ମାୟା ମୋହେ ପଡ଼ି
କହୁ ଯାକୁ ଏବେ ମୋର ସେ ନୁହଇ କେବେ ତୋର
ନୁହେଁ ତୋ ରମଣୀ, ନିଜେ, ଯା ନା ପଥହୁଡ଼ି
କାନ୍ଦନା ପୋଟିଣ ମଥା ତପ୍ତ ଅଶ୍ରୁ ଇଡ଼ି ।

ଘେନ ହୃଦେ ବେଳ ହୁଁ ଏଥର
ମଧୁ ମଞ୍ଜୁଳ ବସନ୍ତ ନିଦାଘ ବରଷା ଶୀତ
କ୍ରମ ପର୍ଯ୍ୟାୟରେ ମଣୁଥାନ୍ତି ଧରା ଧର
ଜନ୍ମ ପରେ ମୃତ୍ୟୁ ଆସେ ନିଶିଥ ବାସର ।

ଅପେକ୍ଷା ନ କରେ ସମୟ
ବିଲଂଘନେ ଭବ ସିନ୍ଧୁ ଜପ ନାମ କୃପାସିନ୍ଧୁ
ଚରଣେ ପଶ ଶରଣ ହେଉରେ ବିଳୟ
ଜୀବନ ଯାବତ ଦୁଃଖ ନୋହି କଷ୍ଟଦାୟ ।

ସୂର୍ଯ୍ୟୋଦୟେ ଯେହ୍ନେ ବିଛୁଳଇ
ଘନଘୋର ତମୋମୟୀ ନିଶିଥିନୀ ଜ୍ୱାଳାମୟୀ
ବିଜୁଳୁ ଭାଗ୍ୟ ଗଗନ ହରିପଦ ଧ୍ୟାୟୀ
ଧନ୍ୟ ହେଉ ନରଜନ୍ମ ହୁଅ କାଳଜୟୀ ।

କାଲୋସିହିରିଆ, କୁଆଁରମୁଣ୍ଡା
ଜିଲ୍ଲା-ସୁନ୍ଦରଗଡ଼, ଓଡ଼ିଶା

# ସ୍ମୃତି ଅଧୀର ମନ



ବିଦ୍ୟାଧର ନାୟକ
ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ, ଆକାଶବାଣୀ

ସବୁ ସ୍ମୃତି ଫୁଲ ଯେତେ ସାଇତା ମୋ ମନର
ସବୁରେ ସୁରଭି ନାହିଁ ଚୁମେ ନାହିଁ ଭ୍ରମର।

ମନର କାହାଣୀ ଯେତେ ସବୁ ନୁହେଁ କବିତା
ସାଗରେ ଶାମୁକା ଯେତେ ସବୁ ନୁହେଁ ମୁକୁତା
ଆକାଶୁ ଝରଇ ଯାହା ସବୁ ନୁହେଁ ଶିଶିର
ସବୁ ସ୍ମୃତି ଫୁଲ ଯେତେ ...।

ସବୁ ଜହ୍ନର କି ଥାଏ ପ୍ରୀତି ଭରା ଜୋଛନା
ସବୁ ଗୀତ ତୋଳେ ନାହିଁ ମନଛୁଆଁ ମୂର୍ଚ୍ଛନା
ସବୁ ନାରୀ କରନ୍ତିନି ଉପାସନା ପ୍ରେମର,
ସବୁ ସ୍ମୃତି ଫୁଲ ଯେତେ ...।

ଯେଉଁ ସ୍ମୃତି ଫୁଲ ପାଇଁ ଆଜି ମୁହିଁ ଝୁରୁଛି
ମୋ ଚହଲା ଜୀବନରେ ସବୁ ଦେଇ ମୁରୁଛି
ସେ କି ଖୋଜେ ? ରଙ୍ଗ ହଜେ ମୁଁ ଅବୁଝା ଅଧୀର,
ସବୁ ସ୍ମୃତି ଫୁଲ ଯେତେ ସାଇତା ମୋ ମନର।

**ଘର ନଂ.-ଏ/ ୩୪ , ସେକ୍ଟର-୩,**
**ରାଉରକେଲା-୨**

# ଫଗୁଣ ତୁ ଫେରି ଆ'



ରତ୍ନପ୍ରଭା ବାଇ

କୋଇଲିର କୁହୁ ଆଉ ସଜଫୁଲ ଫଗୁଆ
ରଙ୍ଗ ଅବିରକୁ ଧରି ଫଗୁଣ ତୁ ଫେରି ଆ'
ଫୁଲରେ ଦୁବ ସଜାଇ ରଙ୍ଗରେ ଦେବୁ ଭିଜାଇ,
ଦେହ ମନ ସବୁ ମୋର କରିଦେବୁ ରଙ୍ଗିଆ।

ଅତୀତର ସ୍ମୃତି ଧରି ବୟସ ଆସିଛି ଫେରି
ଲାଗୁଛି ଯେମିତି ଆଜି କୁଆଁରୀ ମୁଁ ଆଗ ପରି
ସେଇ ଦିନ ସେଇ ମନ ସେଇ ମିଠା ମିଠା ସ୍ୱପ୍ନ,
ସେଇ ରୂପା ଜହ୍ନ ଆଜି କରେ ମତେ କିମିଆଁ।

ଏଇ ମୋ ଲାଜୁକି ଓଠେ ହସର ଗୋଲାପ ଫୁଟେ
ଶିହରଣ ଖେଳିଯାଏ କଅଁଳ ଦେହର ତୁଠେ
ଗୋଲାପି ଗୋଧୂଳି ସଞ୍ଜେ ମିଳନର ମଧୁକୁଞ୍ଜେ,
ଗୁଞ୍ଜନ ଗାଇ ମନ ଟାଣିନିଏ ମହୁଆ।

**ବଉଳ ଛକ, ତାଳଚେର,**
**ଅନୁଗୁଳ**

# ବାଳ ଶ୍ରମିକ



ବିଦ୍ୟାଧର ବାରିକ୍

ଅମୃତ ବିନ୍ଦୁଟି ସିଏ
ଏ ଧରାରେ ଅଛି ଅବତରି
ଖେଳି, ବୁଲି, ଏ ମାଟିରେ
ଝରିଯିବ ଝରଣାଟି ପରି ।
ସିଏ ଚହେଁ- ତା ସମାନ ପିଲାଭଳି
ମନ ଭରି ଦେଖିବାକୁ ସୁନ୍ଦର ପ୍ରକୃତି
ଖେଳିବାକୁ, ବୁଲିବାକୁ, ବଢ଼ିବାକୁ
ଆନପିଲା ଭଳି
ତା'ର ମଧ ସପ୍ନଅଛି, ଅଛି ସମ୍ଭାବନା
ସେ ହେବ ଡାକ୍ତର, ଇଂଜିନିୟର
କବି, କଳାକାର !!!
କିନ୍ତୁ ଇଏ କ'ଣ ?
କଞ୍ଚା କାଦୁଅ ମେର୍ଣ୍ଣିଆଏ
ମୂର୍ତ୍ତିର ରୂପନେବା
ଆରମ୍ଭ ପୂର୍ବରୁ
ତା'ଉପରେ ଚାପବୋଝ
ଅସହ୍ୟ ଲାଞ୍ଛନା !!!
ଶଳା, ଚୋର, ନିନ୍ଦା ଗାଳି
ବିଧା ଓ ଗୋଇଠା
ରାସ୍ତାକଡ଼, ଢାବା ଆଉ ହୋଟେଲ,
ଗ୍ୟାରେଜ, ଇଟାଭାଟି
ରାସାୟନିକ କଳ-କାରଖାନାରେ !
ସିଏ ପାଲିଟି ଯାଏ ଶ୍ରମିକ
ବାଲ୍ୟତ କାଳରୁ ବୃଦ୍ଧ !!!
ହାଡ଼ ଭଂଗା ଖଟଣିରେ
ନଇଁଯାଏ ତା'ର ମେରୁହାଡ଼
ହେ ସମାଜ ବଡ଼ ପଣ୍ଡାମାନେ !
କୁମ୍ଭୀର କାନ୍ଦଣା ନ କାନ୍ଦି
ବାଳ ଶ୍ରମିକ ପ୍ରଥାର
କରତୁମେ ବିଲୋପ ସାଧନ ।

ଏଫ-୧୭,ସେକ୍ଟର-୧
ରାଉରକେଲା-୭୬୯୦୦୬

# ବିତେନା ଦିବସ ରାତ୍ରୀ



ହରମୋହନ ମିଶ୍ର

ରାତ୍ରି ଯେମିତି ବିତେ ନାହିଁ ଏଠି,
ଦିବସ ସେମିତି ଯାଏ ନାହିଁ ତୁଟି, ଲଭିବାକୁ ନିଜ ଅନ୍ତ,
ପରିଚୟ ହୀନ ପାନ୍ଥ ମୁଁ ଏକ,
ବେଳ ଅବେଳରେ ହରାଇ ବିବେକ, ହେଉଛି ହନ୍ତସନ୍ତ ।

ତାମସୀ ରାତିର ଅନ୍ଧକାରରେ
ନିଦ୍ରା ଭାଜିଲେ ତନ୍ଦ୍ରା ତେଜିଲେ,
ସପ୍ନନାୟିକା ରଚଏ ଇନ୍ଦ୍ରଜାଲ,
ଶର୍ବରୀକରେ ଜବର ଦଖଲ, ଦିବସ ମୁଲକ ଅଙ୍ଗ ଅଚଳ,
ସୂର୍ଯ୍ୟ ଉଠେନା, ବାକୀ ରହିଥାଏ ଆଉକିଛି ରାହୁକାଳ ।

ଗୋଧନ ବାହୁଡ଼ା ବଂଶୀଶବଦ,
ବିରଳ ଏଠାରେ ଗୋଧୂଳି ଗନ୍ଧ, ଦୀର୍ଘସୂତ୍ରେ ରାତ୍ରି ଲମିଯାଏ,
କାଉ କୋଇଲିର କଣ୍ଠ ଶୁଭେନା,
ବାଳ ସୂର୍ଯ୍ୟର ଦର୍ଶନ ବିନା,
ନୀରବ ବିଜନେ ପ୍ରତ୍ୟୁଷ ଲୁଚିଯାଏ ।

ଦିବାରଜନୀର ପ୍ରତିଦ୍ୱନ୍ଦିତା
ପ୍ରକୃତି ବୁକେ ଚିର ବିବଶତା, ସର୍ବଥା ଅହରହ,
ଆକୁଳ ଜନର ବିକଳ ମନକୁ
କବଳିତ କରେ କ୍ଷଣରୁ କ୍ଷଣକୁ, ମାଟିର ମମତା ମୋହ ।

ଦିବସ ରଜନୀ ଉଭୟେ ଦୀର୍ଘ, ବର୍ଗ ଏଠାରେ ସବୁ ଅବର୍ଗ,
କ୍ଷୁଦ୍ର କେବଳ ଜୀବନର ପରିସୀମା,
ଅବୋଧ ଆଉ ରହସ୍ୟମୟ, ସୁପ୍ତ, ଲୁପ୍ତ, ଗୁପ୍ତ ସମୟ,
କୁହୁକ ମାୟାର ମହକ ଛାୟାରେ,
ବୁଝି ହୁଏ ନାହିଁ ଜମା ।

ସି-୩୬୦, କୋଏଲନଗର
ରାଉରକେଲା-୭୬୯୦୧୪
(କ୍ୟାମ୍ପ, ଆଟଲା ।, ଆମେରିକା)

# କର୍ମ ହୀନ ଜନ ଦୀନ ଏ ସଂସାରେ

ଶ୍ରୀମତୀ ଦେବୀନା ଜେନା

ଶ୍ରଦ୍ଧାରେ ଯେ ମୋତେ ଦେଇଛି ବହୁତ
ଦରକାର ମୋର ଯାହା,
ଆଉ କିଛି ଯେବେ ମାଗିବି ସେ ଦେବେ
ନିର୍ବିକାରେ ମୋତେ ତାହା ।।

ଯାହା ମୁଁ ପାଇଛି ଏବେବି ମୁଁ ତାକୁ
କାମରେ ଲଗାଇ ନାହିଁ,
ଆଉ ବା କାହିଁକି ହାତ ପତାଇବି
କି କରିବି ତାକୁ ନେଇ ।।

ପାଖେ ଥିବା ଧନ କାମେ ନ ଲାଗିଲେ
ମାଟି ସଙ୍ଗେ ତା' ସମାନ,
କର୍ମ ହୀନ ଜନ ଦୀନ ଏ ସଂସାରେ
ଅସାର ତା'ର ଜୀବନ ।।

ଏ-୨୯, ଫାଷ୍ଟ୍ ଫ୍ଲୋର, ରାମପୁରୀ,
ଭାରତ ଆପାର୍ଟମେ ,ସୂର୍ଯ୍ୟନଗର
ଗାଜିଆବାଦ, ୟୁ.ପି.

# କାହିଁକି ପାରନା

ସଂଯୁକ୍ତା ମହାନ୍ତି

ସମୟ ଆମ ପାଇଁ କ'ଣ ଏମିତି
ନୀରବି ଯିବ !
କେତେ ଭାର ନେବ ତୁମେ !
ସେଥିପାଇଁ ତ କହୁଛି ନୀରବ ରୁହନି
ସମର୍ଥ ଯୋଦ୍ଧାମାନେ ବି
ହାରିଯା'ନ୍ତି ନୀରବତାରେ
ତୁମେ ଭଲ ରୁହ
ବହୁଦିନ ତ କିଛି ସ୍ୱର ଶବ୍ଦ ନାହିଁ
ମୁଁ ଆକୁଳ ବାହୁରେ ଚାହିଁ ରହିଛି
ତୁମ ବୁକୁ ତଳେ ଅମାପ ସାଗର
ପ୍ରେମର ଉତ୍ତାଳ ତରଂଗ ମୁଣ୍ଡକୋଡି
କାନ୍ଦେ ପ୍ରତିଟି କ୍ଷଣରେ ।
ମୁଁ ମୋର ନରମ ଓଠର ଛୁଆଁରେ
ଶୋଷି ନେବି ସେହି ଉତ୍ତୁଙ୍ଗ ସାଗରର ଢ଼େଉ
ଆଜି ଭାରି ଏକା ଏକା ଲାଗେ
ଏ କୋଳାହଳମୟ ମହାନଗରୀରେ
କାଲି ଆସିବ ଭାଲେଣ୍ଟାଇନ ଡେ ବୋଲି
କାଗଜପତ୍ରରେ କେତେ ସରଗରମ
ତୁମେ ଆସ! ଅନ୍ତତଃ ଚିଠି ତ ପଠାଅ ।
ଚିଠିତ ଆସିବ ବୋଲି ଆଉ କାଉର ଶବ୍ଦକୁ
ଖୋଜୁନି, ଅପେକ୍ଷା କରି ସତୃଷ୍ଣ ନୟନରେ
ଖୋଜୁନି ପୋଷ୍ଟମ୍ୟାନକୁ! ସାମାନ୍ୟ ପଲକ ପାତରେ
ଇ-ଚିଠିଟାଏ କେବଳ କରିବ।
ସେତିକି ବି କରିବାକୁ ମଧ କାହିଁକି ତୁମେ ପାରନା !

୧୦, ଚିନ୍ନାପା ଷ୍ଟ୍ରୀଟ
ଟ୍ରିପ୍ଲିକେନ୍, ଚେନ୍ନାଇ-୬୦୦୦୦୫
ଫୋନ-୦୯୪୪୪୫୧୮୯୭୮

# ବଂଚିବାର ଭିନ୍ନତ

ପ୍ରଜ୍ଞାପ୍ରାଣ ପଦ୍ମଚରଣ ମଲ୍ଲିକ

ମାର୍କ୍ସ, ଫ୍ରଏଡ, ଆଇନଷ୍ଟାଇନ୍ ଦେଖୁଛ କି ତୁମେ ଆଜି ।
ତୁମରି ବାଦର ତତ୍ତ୍ୱରେ ଆମେ ଯାଇଛୁ କିପରି ହଜି ।।
ତୁମ ଦର୍ଶନ ଦର୍ଶନ କରି ଜୀବନ ଖୋଜୁଛୁ ଆମେ ।
କ୍ରାନ୍ତି ମଶାଲ ଧରି ଚାଲିଅଛୁ ମୁକ୍ତଏ ଧରାଧାମେ ।।
ସାଗର ବେଳାରେ ମହାଜନଙ୍କର ପାଦଚିହ୍ନ ଅନୁସରି ।
ଆଗେଇ ଚାଲିଛି ମହାନୁଭବର ବୌଦ୍ଧିକ ସ୍ୱର ତୋଳି ।।
ସମସ୍ତ ମାନବ ଚେତନାକୁ ତୁମେ ତିନିହେଁ କରିଛ ଗ୍ରାସ।
ପାଗଳ ସର୍ବେ ତୁମ ତତ୍ତ୍ୱରେ ଆବେଗରେ ଦେଇ ଝାସ।।
ଶୋଷଣ କଷଣ ମୁକ୍ତ ସମାଜ ବେଦ ଓଁକାର ଧ୍ୱନି ।
ଶୁଣି ଆମେ ଓଦା ହେଉଛୁ ଆମର ଲୁହରେ ଭିଜୁଛି କାନି ।।
ସାମ୍ୟବାଦରେ ଏକଛତ୍ରର ଦୈତ୍ର ପତାକା ଧରି ।
ଗୁଣ୍ଡାବାଦର ହିଁସ୍ରତା ଆମେ ନେଇଛୁ ଆଦରେ ବରି ।।
ରକ୍ତରେ ଆମେ ହୋରି ଖେଳୁଅଛୁ ବିଳାସ ଆମର ଲୁହ ।
ଏହି ତୁମ ସେହି ସାମ୍ୟବାଦ କି କୁହ ହେ ମାର୍କ୍ସ କୁହ ।।
ଦେଖୁଛ ଫ୍ରଏଡ ପ୍ରବୃତ୍ତିର ଆମେ ଦାସ ଏ ମାନବ ଶିଶୁ ।
ଦମନ ନୁହଁଇ ଚରିତାର୍ଥରେ ପାଲଟିଛୁ ଆମେ ପଶୁ ।।
ଆଚାର ବିଚାର ମମତା ବଂଧନ ତେଜି ବିଛାଇଛ ଜାଲ ।
କାମନା, ବାସନା, ଧର୍ଷଣ ସୁଖେ ଖଟାଇଛୁ ସବୁ ବଳ ।।
ଅନାଥ ପିଡ଼ିତ ଅସହାୟ ପାଇଁ ନାହିଁ ବି କେଉଁଠି ବାଟ ।
ତୁମ ଦର୍ଶନ ତତ୍ତ୍ୱ ସାଧନେ ଚାଲିଛି ଏଠାରେ ନାଟ ।।
ସାପେକ୍ଷ ବାଦର ସ୍ରଷ୍ଟା ହେ ତୁମେ ଆଇନଷ୍ଟାଇନ୍ ଦେଖ ।
ଅଣୁ ତୁମ ଆଜ ବୀରଦର୍ପରେ ଧରିଅଛି କେଉଁ ପଥ।।
ସୃଷ୍ଟି ପାଳନେ ନାହିଁ ତାର ମନ ଖୋଜୁଛି ପ୍ରଳୟ ଲୀଳା।
ଶିବ ତାଣ୍ଡବ ଦର୍ଶନେ ସିଏ ହୋଇଅଛି ଭାବଭୋଳା ।।
ସାର୍ଥକତାର ସ୍ୱାଦ ଚାଖିଅଛି ହିରୋସୀମା ନାଗାସିକେ।
ମନ ବଳିଅଛି ଦେଖିବ ବିଶ୍ୱକୁ ସାଗର ମରୁର ବୁକେ ।।
ଦେଖୁଛି ମଣିଷ ନିଷ୍ଠୁର ହୋଇ ତତ୍ତ୍ୱର କରାମତି।
ବିଜୟ ନିଶାଣ ଉଡ଼ାଇ ଗର୍ବେ ଫୁଲାଇ ଚାଲିଛି ଛାତି ।।
ସୃଷ୍ଟି, ପାଳନ, ଧ୍ୱଂସର ଲୀଳା ତିନି ଗୋଟିଯାକ କାମ।
ଏକା ଏକା ତୁମେ କରିପାରୁଅଛ ଅଦ୍‌ଭୁତ ତୁମ ନାମ ।।
ତୁମେ ହିଁ ବ୍ରହ୍ମା, ତୁମେ ହିଁ ବିଷ୍ଣୁ, ତୁମେ ହି ରୁଦ୍ର ଶିବ।
ହେଲେ ବି କେବଳ ପ୍ରଳୟ ଏଠାରେ ମଣିଷର ବଇଭବ।।
ଆମ ମଣିଷକୁ ଦେଖି ଆଉଥରେ ନୂଆତତ୍ତ୍ୱ କିଛି ଲେଖ ।
ମଣିଷ ବଂଚିବ ତୁମେ ବି ବଂଚିବ ଏ ପୃଥିବୀ ଥିବା ଯାକ ।।
ତତ୍ତ୍ୱ ଦର୍ଶନର ଆଚରଣ ଶୁଦ୍ଧ ପ୍ରବନ୍ଧ ରଚନା କର।
ବଂଚିବାର ଭିନ୍ନତତ୍ତ୍ୱ ଖୋଜ ସ୍ରଷ୍ଟା ଯାହା ହେବ ଶୁଭଙ୍କର ।।
ଧର୍ମ, କର୍ମ, ଜ୍ଞାନ, ସାଧନା, ବିଶ୍ୱାସ, ଶ୍ରଦ୍ଧା, ଭକ୍ତି, ସଦାଚାରେ ।
ପ୍ରକୃତ ହସିବ ଜୀବନ ଖେଳିବ ସୁଖ, ଶାନ୍ତି, ଗୌରବରେ ।।

**କୈବଲ୍ୟ ମାଗୁଣି ତୀର୍ଥ, ଦଇତାରିପୁର,**
**ଆଳି, କେନ୍ଦ୍ରାପଡ଼ା, ଓଡ଼ିଶା**
**ଫୋନ-୯୪୩୭୪୬୨୧୧୭**

# ସୃଷ୍ଟି ତ ତୁମର

ସୁଭାଷ ଚନ୍ଦ୍ର ତ୍ରିପାଠୀ

ସୃଷ୍ଟି ତ ତୁମର ତୁମେ ସର୍ବବ୍ୟାପୀ
ଅନ୍ତର୍ଯ୍ୟାମୀ ଅଧୀଶ୍ୱର
ସଂସାର ଭିତରେ ନେଇ ଆଣି ଥୋଇ
କରୁଛ ସବୁ ବିଚାର ।। ୧ ।।
ହାତ ନ ଥିଲେ ବି କିଏ ସେ କହିବ
କିଛି ଦେଇ ନାହଁ ବୋଲି
କର୍ମ ଅନୁସାରେ ଫଳ ଦେଉଅଛ
ତୁମ ହାତ ମୁଠା ଖୋଲି ।। ୨ ।।
କାନ ନ ଥିଲେ ବି କିଏ ସେ କହିବ
ଗୁହାରୀ ନ ଶୁଣ ବୋଲି
ଯିଏ ଯେତେବେଳେ ଡ଼ାକିଲେ ଶୁଣୁଛ
କାହାକୁ ନ ଯାଅ ଭୁଲି ।। ୩ ।।
ପାଦ ନ ଥିଲେବି କିଏ ସେ କହିବ
ବସିଛ ମାଦଳା ପରି
ରତନ ବେଦୀରେ ବସିଥିଲେ ମଧ
ତୁମେ ତ ବିଶ୍ୱ ବିହାରୀ ।। ୪ ।।
ଚକା ଆଖି ଥାଇ କିଏ ସେ କହିବ
କିଛି ଦେଖୁନାହଁ ବୋଲି
ଜଗତ ମଙ୍ଗଳ ପାଇଁ ତ ରଖୁଛ
ଅପଲକ ନେତ୍ର ମେଲି ।। ୫ ।।
ତୁମ ବଡ଼ ବଡ଼ ଚକା ଆଖି ଦେଖି
ରହିଯାଏ ଆଖି ଲାଖି
କଳା ଶ୍ରୀମୁଖକୁ ଭୁଲିଯାଇ କିଏ
ହୋଇ ପାରିବ କି ସୁଖୀ ।। ୬ ।।
ମହାବାହୁ ଥାଇ କିଏ ସେ କହିବ
ସଂସାରରେ ଭାସିଗଲି
ଭବସାଗରରୁ ପ୍ରାଣୀଙ୍କୁ ଉଦ୍ଧାର
ବଳିୟାର ଭୁଜ ବୋଲି ।। ୭ ।।
ହେ କଳା ବଦନ ହେ ବିଶ୍ୱଜୀବନ
ସବୁତ ତୁମରି ଲୀଳା
ମିଛ ମାୟା ମୋହ ସଂସାରଟା ଖାଲି
କୃପା କର ଚକାଡ଼ୋଳା ।। ୮ ।।

**ଅବସରପ୍ରାପ୍ତ ଉପଆରକ୍ଷୀ ଅଧୀକ୍ଷକ**
**ଭଗବତୀ ସାହି, ନବରଙ୍ଗପୁର-୭୬୪୦୫୯ (ଓଡ଼ିଶା)**
**ଫୋନ - ୯୪୩୮୨୨୨୪୮୭**

# ବୋଧହୁଏ ଈଶ୍ୱର

ଶ୍ରୀମତୀ ବାସନ୍ତୀଲତା ମହାପାତ୍ର

ସୁଖ ସଂସାରରେ ମଜିରହି
ତୁଳୀ ତଳ୍ପ ଶଯ୍ୟାରେ ଶୋଇ
ସବୁ ସୁଖ ହାତରେ ଥାଇ
ଅର୍ଥର ପାହାଡ଼ରେ ଠିଆହୋଇ
ପାପ ଭିତରେ ବୁଡ଼ି ରହି
ଯାହାକୁ ମୁଁ ଚିହ୍ନି ନଥିଲି;

ଦୁଃଖ ଆଉ ବିପଦରେ
ଚକ୍ଷୁରୁ ଝରୁଥିବା ଲୋତକରେ
ଯିଏ ମୋର ମନେ ପଡୁଥିଲେ
ସାନ୍ତ୍ୱନା ଆଉ ପ୍ରବୋଧନା ପାଇଁ
ବ୍ୟାକୁଳ ହୃଦୟରେ
ଶାନ୍ତି ଦେବାକୁ ଯାହାକୁ ଡାକୁଥିଲି
ସିଏ ବୋଧେ ଈଶ୍ୱର
କେବଳ
ଦୁଃଖରେ ସାଥୀ ମୋର
ଦୁଃଖରେ ସାଥୀ ମୋର।

ହନୁମାନବିହାର, ବାରିପଦା, ଓଡ଼ିଶା
ମୋ. ୦୯୪୩୭୪୪୦୬୬

# ମା' ତୁମେ



ସୁଶ୍ରୀ ପ୍ରତିମାରାଣୀ ଓଝା

ଏହି ଦୁନିଆରେ ମା'ତୁ ଅନନ୍ୟା
ନାହିଁ ତା'ର ପଟାନ୍ତର,
ତୋତେ ନେଇ ମୁହିଁ କିସବା ଲେଖିବି
ଯେଣୁ ମୁଁ ଅଜ୍ଞାନ ଛାର।

ତୋର ଆର୍ଶୀବାଦେ ସନ୍ତାନ ତୋହରି
ପାଇ ଥାଏ ସବୁ ସୁଖ,
ଆମ ପାଇଁ ବ୍ରତ ଓପାସ ରହିକି
ଦେହରେ ସହୁ ତୁ ଦୁଃଖ।

ସବୁ କ୍ଳେଶ ସହି ମା' ସ୍ନେହଁମୟୀ
ହସ ହସ ମୁଖେ ତୁହି
ସଂସାର ଜଞ୍ଜାଳେ ଘାଣିହେଉଥାଉ
ଦୁଃଖକୁ ଛାତିରେ ସହି।

ପେଟେ ଓଦାକନା ଦେଇ ଶୋଇ ଯାଉ
ଆମ ମୁଖେ ଦାନା ଦେଇ
ଦୟାମୟୀ ତୁହି ସ୍ନେହର ଭଣ୍ଡାର
ତୋ ପରିକା ନାହିଁ କେହି।

ସାଗରଠୁ ଲମ୍ବା ତୋହରି ହୃଦୟ
ଆକାଶଠୁ ବଡ଼ ସ୍ନେହିଁ
ଦୁଃଖଥିଲେ ମନ ଖୁସି ହୋଇଯାଏ
ଦେଖି ଦେଲେ ତୋର ମୁହଁ।

ଅନ୍ତର ବେଦନା ମା' ସିନା ଜାଣେ
ଆଉବା ଜାଣିବ କିଏ,
ଦୁନିଆ ଭିତରେ ଜନନୀ ଯେ ବଡ଼
ସବୁ ସୁଖ ବାଣ୍ଟି ଦିଏ।

ଆମ ଭଲପାଇଁ ମା'ର ହୃଦୟ
ସହିଥାଏ ସବୁ ବ୍ୟଥା,
ସେହି ମା' ଚରଣେ ପ୍ରଣତି ଜଣାଇ
ଲେଖିଲି ଅନ୍ତର କଥା।

ଗଙ୍ଗାପୁର, କଟକ

# ଆମେ ସର୍ବେ ଭାରତୀୟ

ଇଂ. ସତୀଶ ଚନ୍ଦ୍ର ମହାପାତ୍ର

ଭାରତୀୟ ବୋଲି ପରିଚୟ ଦେଇ
ଭୀରୁ, କାପୁରୁଷ ପରି
ଦିବ୍ୟ ପଉରୁଷ ହରାଇ ଦେଉଛ
ଅତୀତ ଗୌରବ ଭୁଲି ।
ବିଶ୍ୱ ଦରବାରେ ଯା ସ୍ଥାନ ଶୀର୍ଷରେ
ଉଡ଼ଇ ଯା ଯଶବାନା
ତା' କୋଳେ ଜନମୀ କିମ୍ପା ହିନିମାନୀ
ହେଉଅଛ ବାଟ ବଣା ।
ମହୋଦଧି ହୁଏ ପୟର ଯାହାର
ହିମାଳୟ ଶୋଭେ ଶିରେ
ଜାହ୍ନବୀ, ଯମୁନା, ମହାନଦୀ, କ୍ରିଷ୍ଣା
ଶୋଭଇ ଯା'ର ବକ୍ଷରେ ।
ଚଉଦିଗେ ଶୋଭେ ପୁଣ୍ୟ ଚାରିଧାମ
ଉଡ଼ାଇ ପାବନ ଧ୍ୱଜା
ଯହିଁ ବଡ଼ଦାଣ୍ଡେ ବଡ଼ ଦେଉଳରେ
ବଡ଼ ଦିଅଁ ପାଏ ପୂଜା ।
ଦେବଭୂମି ନାମେ ଜଗତେ ବିଖ୍ୟାତ
ଯହିଁ ଓଁମ୍‌କାର ଧ୍ୱନୀ
ବେଦ, ଭାଗବତ ନୀତି ହୁଏ ପାଠ
ଗୀତାର ଅମୃତବାଣୀ ।
ସାଧୁ, ସନ୍ଥଙ୍କର ସାଧନାର କ୍ଷେତ୍ର
ସତେ କି ସରଗପୁର
ଜପ, ତପ, ଯଜ୍ଞ ଜଗତ ହିତାୟ
ଯହିଁ ଚାଲେ ନିରନ୍ତର ।
ସୁଜଳା, ସୁଫଳା ସେ ଶସ୍ୟ ଶ୍ୟାମଳା
ପ୍ରକୃତି ଶୋଭାରେ ଭରା
ସମସ୍ତ ଲୋକର ମନାସୀ ମଙ୍ଗଳ
ଝରାଏ ଅମୃତ ଧାରା ।
ଏଠି ନାହିଁ ହିନ୍ଦୁ ଯବନ ଶିଖଇ
ଈଶାଇ, ପାରସିଆନ
ସମସ୍ତେ ତ ସେହି ପବିତ୍ର ଦିବ୍ୟାତ୍ମା
ଏକ ମାତାର ସନ୍ତାନ ।
ଏକତା, ମଇତ୍ରୀ, ପ୍ରେମ, ତ୍ୟାଗ, କ୍ଷମା
ଅହିଂସା ଯା' ମୂଳ ଧର୍ମ
ସେ ପାବନ ଭୂମି ଧନ୍ୟ ହୋଇଅଛି
କୋଳେ ଧରି କୃଷ୍ଣ, ରାମ ।
ବୁଦ୍ଧ, ମହାବୀର, ନାନକ, ଶଙ୍କର
ରାମକୃଷ୍ଣ, ଶିବାନନ୍ଦ
ଚୈତନ୍ୟ, କବୀର, ସନ୍ଥ ଜ୍ଞାନେଶ୍ୱର
ତୁଳସୀ, ବିବେକାନନ୍ଦ ।
ଯୋଗୀ ଅରବିନ୍ଦ ଶ୍ରୀ ନିଗମାନନ୍ଦ
ରାମାନୁଜ ଅଭିରାମ
ଅନୁକୂଳ ଚନ୍ଦ୍ର, ଶ୍ରୀ କେଶବ ଚନ୍ଦ୍ର
ପରଂବ୍ରହ୍ମ ସାଇରାମ ।
ସତ୍ୟ, ଧର୍ମ, ଶାନ୍ତି, ଅହିଂସା, ପ୍ରେମର
ଜାଳି ମୂଲ୍ୟବୋଧ ଜ୍ୟୋତି
ପର ଉପକାର ଧର୍ମ ମାନବର
ହେଉ ଜୀବନେ ସମ୍ପତ୍ତି ।
ସନାତନ ଶିକ୍ଷା ଦିଏ ଦିବ୍ୟ ଦୀକ୍ଷା
ଜ୍ଞାନ ହୁଏ ଅଙ୍କୁରିତ
ସଂହାର ନ କରି ସଂସ୍କାର ମାଧ୍ୟମେ
ଜାଗି ଉଠଇ ଦୈବତ୍ୱ ।
ଚାଲେ ବିଶ୍ୱରୂପୀ ଯାତୀ ରେଳଗାଡ଼ି
ଭାରତ ଇଂଜିନ ଯା'ର
ବିଶ୍ୱ କୁରୁକ୍ଷେତ୍ରେ ମହାଭାରତରେ
ଭାରତ ହିଁ ଯୁଧିଷ୍ଠିର ।
ଜାଗରେ ଜାଗରେ ବୀର ଫାଲ୍‌ଗୁନୀ
ପ୍ରେମର ଗାଣ୍ଡିବ ଧରି
ଭାରତ ମାତାର ଦୁଃଖ ଦୂର କର
ଧର୍ମ ଯୁଦ୍ଧେ ରଣ କରି ।
ପାହାଡ଼ କନ୍ଦରେ ଘନ ଅନ୍ଧକାରେ
ଧରି ନୈରାଶ୍ୟ ଜୀବନ
ସ୍ୱାସ୍ଥ୍ୟ, ଶିକ୍ଷା ଯହିଁ ସପନ ଲାଗଇ
ଭୋଗନ୍ତି ନର୍କ କଷଣ ।
ସେହି ଅପନ୍ତରା ଦୁର୍ଗମ ଅରଣ୍ୟେ
ଖୋଜ ନିର୍ଯ୍ୟାତିତ ଜନେ
ତାଙ୍କ ନୟନର ପୋଛ ଲୁହଧାର
ପ୍ରେମ ଭର ତାଙ୍କ ମନେ ।
ତାଙ୍କରି ମୁଖରେ ହସ ଫୁଟାଇଲେ
ମାତା ହୋଇବେ ପ୍ରସନ୍ନ
କୋଟି ଜଗନନୀର ପ୍ରେମ ଢାଳି ଦେଇ
କରି ନେବେ ଆଲିଙ୍ଗନ ।
ତ୍ରୀରଙ୍ଗା ପତାକା ତଳେ ଏକତ୍ରିତ
ହୋଇଣ ଶପଥ ନିଅ
ଏକ ମନ, ପ୍ରାଣ, ଏକ ଜାତି, ଧର୍ମ
ଆମେ ସର୍ବେ ଭାରତୀୟ ।

**ମଧୁବନ, ବାରିପଦା, ମୟୁରଭଞ୍ଜ, ଓଡ଼ିଶା**
**ମୋ. : ୯୩୩୭୦୭୨୦୨୬**

# ସେହି ତ ମହତ ଜନ

ଶ୍ରୀମତୀ ସ୍ନେହଲତା ମହାପାତ୍ର

ସେହି ତ ମହତ ଜନ ହରେ ଯିଏ ଆନମନ
ପର ଉପକାର କରି ଜୀବନେ ବ୍ରତ
ଜନମି ଏ ଧରା ଧାମେ ପ୍ରଭୁଙ୍କୁ ଚିନ୍ତଇ ମନେ
କେବେ ତ୍ୟାଗ କରେ ନାହିଁ ସତ୍ୟର ପଥ ।

ତେଜି ସେ ଅଳସପଣ କରେ ସଦା ପୁଣ୍ୟ କର୍ମ
ନିଜ ସ୍ୱାର୍ଥ ପାଇଁ ଚିନ୍ତା କରେନି କେବେ
ସମସ୍ତଙ୍କୁ ଆପଣାର ଭାବି କରଇ ଆଦର
ପର ନିନ୍ଦା କୁତ୍ସା ଗାନ କରେନି କେବେ ।

ପର ଦୁଃଖେ ହୁଏ ଦୁଃଖୀ ସୁଖରେ ହୁଅଇ ସୁଖୀ
ସଦା ରହିଥାଏ ସେ ତ ଆନନ୍ଦ ମନେ
ସୃଜନକୁ କରି ସାଥୀ ସମୟ କାଟଇ ନୀତି
ପ୍ରେମ ଭକ୍ତି ସଦା କରେ ସେ ଗୁରୁଜନେ ।

ଗୁରୁଙ୍କୁ ନ ମଣି ନର ଭାବେ ସାକ୍ଷାତ ଈଶ୍ୱର
ପିତା, ମାତା ସେବା କରୁଥାଏ ଯେ ନୀତି
ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଅହିଂସା ପରମ ଧର୍ମ
ଜୀବନର ବ୍ରତ ଭାବି କରଇ ଗତି ।

ମଧୁର ବଚନ କହି ସଭିଙ୍କୁ ଆନନ୍ଦ ଦେଇ
ଭାବଇ ମାନବ ସେବା ପରମ ଧର୍ମ
ପ୍ରତି ଘଟେ ନାରାୟଣ କରଇ ଦିବ୍ୟ ଦର୍ଶନ
ଅହରହ ଜପୁଥାଏ ପ୍ରଭୁଙ୍କ ନାମ ।

ସେ ପରା ଜଗତ ଜିତା କରେ ବିଶ୍ୱ ହିତେ ଚିନ୍ତା
ମହାପ୍ରଭୁ ପାଦେ ହୋଇ ସମର୍ପିତ
ପାପ ପୁଣ୍ୟ ଭଲ ମନ୍ଦ ଦିଅନ୍ତି ପ୍ରଭୁ ଆନନ୍ଦ
ନେଇଥାନ୍ତି ପ୍ରଭୁ ତା' ସକଳ ଦାୟିତ୍ୱ ।

ମଧୁବନ, ବାରିପଦା,
ମୟୁରଭଞ୍ଜ, ଓଡ଼ିଶା
ମୋ. : ୯୪୩୮୩୯୮୮୪୭

# ଗୁରୁ ଦକ୍ଷିଣା



ଭଗବାନ ଚନ୍ଦ୍ର ରାଉତ

ଦୋ ଛକି ରାସ୍ତା ଧାରରେ ମୁକ ସାକ୍ଷୀ ପରି ଛିଡ଼ା ହୋଇଥିବା ସମାଧୀ ପାଖରେ ପହଞ୍ଚିଗଲେ ସାଇକେଲର ଗତି ଆପେ ଆପେ ସ୍ଥିର ହୋଇଯାଏ। ମୋର ହାତ ଦୁଇଟି ଆପଣା ଛାଏଁ ଯୋଡ଼ିହୋଇ ମସ୍ତକ ସ୍ପର୍ଶ କରେ। ଆଖି କୋଣରେ ଜକେଇ ଆସେ ଦୁଇଟୋପା ଲୁହ। ମନେ ପଡ଼ିଯାଏ ସେଇ ପରମ ପୂଜ୍ୟ ଦୈତାରି ସାର୍‌ଙ୍କ କଥା ।

ସେ ଦିନ ସକାଳୁଆ ସ୍କୁଲକୁ ମଧାହ୍ନ ବାରଟାରେ ବନ୍ଦକରି ଶ୍ରେଣୀ ତଥା ଅଫିସ ଗୃହ ଗୁଡ଼ିକୁ ଠିକ୍‌ଭାବରେ ବନ୍ଦ ହେଲା କି ନାହିଁ ତଦାରଖ କରି ପିଅନ ହରିଠାରୁ ଚାବି ପେନ୍ଥା ଆଣି ସ୍କୁଲ ହତା ପାର ହେବା ବେଳକୁ ଦିନ ଗୋଟାକରୁ ବେଶୀ। ପାର୍ଶ୍ୱ ହାତିଆ ଖୋର୍ଦ୍ଧା ନାଲି ଗାମୁଛାକୁ ମଥାରେ ଠେକା ବାଂଧି ଶଶୁର ଘରୁ ଯୌତୁକ ମିଳିଥିବା ପୁରୁଣା ହରକୁଲେସ୍‌ରେ ସବାର ହୋଇ ଘର ମୁହଁ ହେଲି। ତତଲା ଝାଂଜି ପବନ ବହୁଥିବା ଦକ୍ଷିଣ ଦିଗକୁ ସାଇକେଲ ଠେଲି ଠେଲି ଘରକୁ ଫେରୁଥିବା ବେଳେ ଭାବୁଥିଲି, "ଇଂରେଜମାନେ ତାଙ୍କର ଶାସନ କାଳରେ ଓଡ଼ିଶାର ସମସ୍ତ ସ୍କୁଲ କଲେଜଠାରୁ ଆରମ୍ଭ କରି ସରକାରୀ ଦପ୍ତର ଗୁଡ଼ିକୁ କେଉଁ କାରଣ ଦୃଷ୍ଟିରୁ ସକାଳୁଆ କରିଥିଲେ ? ତାହା କହି ହେଉନାହିଁ। ମାତ୍ର ଆଜି ଦେଶ ସାଧୀନ ପ୍ରାପ୍ତିର ଚଉଷଠୀ ବର୍ଷ ପରେ ବି ଆମ ସରକାରଙ୍କର ଇଂରାଜି ପ୍ରୀତି ଏତେ ଅନୁରାଗ ଯେ ସେଇ ପୁରୁଣା ପ୍ରଥାକୁ ଏବେ ବି ଅବଲମ୍ବନ କରୁଛନ୍ତି। ବୈଶାଖ ମାସ ଦ୍ୱିପ୍ରହରେ ତାଳୁଫଟା ଖରାରେ ତତଲା ବାଲି ଉପରେ ବଣି ପରି ଡ଼େଇଁ ଡ଼େଇଁ ପିଲାମାନଙ୍କର ଘର ବାହୁଡ଼ା ଦୃଶ୍ୟ ଦେଖିଲେ ଯେ କୌଣସି ସହୃଦୟ ବ୍ୟକ୍ତି ମନରେ ନିଶ୍ଚୟ ଅନୁକଂପା ସୃଷ୍ଟିହେବ। ଆମ ପରି ବୟସ୍କ ଲୋକ ମାନେ ଯେତେବେଳେ ଜଳି ଯାଉଛନ୍ତି ସେତେବେଳେ ତୃଣସମକୋମଳ ମତୀ ଛାତ୍ର ଛାତ୍ରୀ କେତେ ବା ମାତର ? ଏହି ନିୟମର କ'ଣ ସମାଧାନ ନାହିଁ ନା ପରିବର୍ତ୍ତନ ହେବ ନାହିଁ। ଅଯଥାରେ ସରକାରୀ ନୀତିରେ ମନଟା ମୋର ବିକ୍ଷେଇ ଉଠିଲା।

ଏଣୁ ତେଣୁ ଗୁଡ଼ାଏ ଭାବୁ ଭାବୁ ମୋ ସାଇକେଲ ଯେ କେତେବେଳେ ଆସି ହେଟା ମୁଣ୍ଡିଆ ପାହାଡ଼ ଉଠାଣି ନିକଟରେ ପହ଼ଞ୍ଚ ଗଲାଣି ତାହା ମୁଁ ଜାଣି ପାରିଲି ନାହିଁ। ଉଠାଣି ଟା ଯଦିବା ସେତେ ଉଚ୍ଚ ନଥିଲା ମାତ୍ର ବୈଶାଖ ମାସର ଉଦୁଉଦିଆ ଦ୍ୱିପ୍ରହରେ ସାଇକେଲରେ ଚଢ଼ି ପାର ହେବା କଷ୍ଟକର ମନେ କରି ଚାଲି ଚାଲି ଉଠାଣି ପାର ହୋଇ ଗଲି।

ଉଠାଣି ଉପରୁ ଅଧା ମାଇଲ ଗଡ଼ି ଗଲେ ପିଚୁ ରାସ୍ତାର ବାମ ଦିଗକୁ ଯେଉଁ ନାଲି ଗୁଡ଼ି ରାସ୍ତାଟି ସାପରି ଅଙ୍କେଇ ବଙ୍କେଇ ଲମ୍ବି ଯାଇଛି ସେଇଟା ଆମ ଗାଁ ଶରଧାପୁରକୁ ରାସ୍ତା। ସେଇ ଦୋ ଛକିଠାରେ ଗୋଟିଏ ଝଙ୍କାଳିଆ ଆମ୍ବ ଗଛ ତା'ର ଶାଖା ପ୍ରଶାଖା ମେଲାଇ ଦଣ୍ଡାୟମାନ। ପ୍ରତିଦିନ ଘରକୁ ଫେରିବା ବାଟରେ ସେଇ ଆମ ଗଛ ଛାଇରେ ଦଶମିନିଟ ବିଶ୍ରାମ ନେଇ ପୁଣି ସାଇକେଲ ଗଡ଼ାଇ ଦିଏ ଆମ ଗାଁ ଶରଧାପୁରକୁ। ଏହି ଦୋ ଛକିଠାରେ ଆମ ଗାଁ ଶରଧାପୁର ମାତ୍ର ଦୁଇମାଇଲ ବାଟ।

ଆଜି ସେଇ ଦୋ ଛକିଠାରେ ଥିବା ଆମ୍ବ ଗଛ ଛାଇରେ ବିଶ୍ରାମ ନେବାକୁ ଉଦ୍ୟତ ହେଉଥିବା ବେଳେ ଦେଖିଛି ଜଣେ ଜୀର୍ଣ୍ଣ ଶୀର୍ଣ୍ଣ ବୃଦ୍ଧବ୍ୟକ୍ତି, ମୁଁ ଯେଉଁ ସ୍ଥାନରେ ବସି ବିଶ୍ରାମ ନିଏ ଠିକ୍ ସେଇସ୍ଥାନରେ ଆଖି ବନ୍ଦ କରି ଗଛ ଗଣ୍ଡିକୁ ଆଉଜି ବସିଛନ୍ତି। ଲୋଟା କୋଚ୍ଚ ଚର୍ମ ପକ୍ୱକେଶ। ଗୋରା ପତଳା ଲମ୍ବା ଶରୀର। ବୟସ ଦୃଷ୍ଟିରୁ ଅନୁମାନ କଲେ ନିଶ୍ଚୟ ଅଶୀ ଟପିବ। ପିନ୍ଧିଛନ୍ତି ଧଳା ଖଦଡ଼ ଧୋତି। ଚାରି ହାତ ଧଳା ଖଦଡ଼ ଉତ୍ତରୀରେ ଦେହ ଆବୃତ୍ତ। ମଥାରେ ଗାନ୍ଧୀ ମାର୍କ। ଧଳା ଖଦଡ଼ ଟୋପି। କାନ୍ଧରେ ଝୁଲୁଛି ଶାନ୍ତି ନିକେତନୀ ଖଦଡ଼ ଝୋଲା। ଯହିଁରେ ତ୍ରିରଙ୍ଗା ପତାକାର ଚିହ୍ନ ଅଙ୍କିତ। କହିବାକୁ ଗଲେ ସେ ଜଣେ ପୂରାପୂରି ଶହେଭାବ ଗାନ୍ଧୀବାଦର ଉପାସକ।

ଅସହ୍ୟ ଗରମ ଓ କ୍ଲାନ୍ତି ଯୋଗୁଁ ବିଶ୍ରାମ ନେଉଁ ନେଉଁ ନିଦେଇ ଯିବାର ଅନୁଭବ କରି। କାରଣ ସେଠାରେ ମୋର ଉପସ୍ଥିତିକୁସେ ଆଦୌ ଅନୁଭବ କଲି ପାରିନଥିଲେ। ମନେ ମନେ ଭାବିଲି ସାଧୀନତାର ଚଉଷଠୀ ବର୍ଷପରେ ଆଜିର ଯୁବ ସମାଜ ଗାନ୍ଧୀବାଦର ତୀବ୍ର ସମାଲୋଚନା କରି ଗାନ୍ଧୀବାଦ ଠାରୁ ଦୂରେଇ ଯିବାକୁ ଅପଚେଷ୍ଟା କରୁଛି ଠିକ୍ ସେତିକି ବେଳେ ଜଣେ ଗାନ୍ଧୀବାଦୀ ପୁରୁଷର ଦର୍ଶନ। ବାସ୍ତବିକ୍ ମୋ ପାଇଁ ଏକ ଶୁଭ ସୂଚକ ।

ଝାଂଜି ପବନ ଓ ଗରମରୁ ରକ୍ଷା ପାଇବା ପାଇଁ ଆଖିରେ ପିନ୍ଧିଥିବା କଳା ଚଷମାକୁ ବାମ ହାତରେ ବାହାର କରି ଆସ୍ତେ ଆସ୍ତେ ବୃଦ୍ଧଙ୍କର ନିକଟତର ହେଲି। ଭଲଭାବରେ ନିରୀକ୍ଷଣ କରି ଦେଖିବା ପରେ ଏ ବ୍ୟକ୍ତିଙ୍କୁ କେଉଁଠାରେ କେବେ ଦେଖିବା

ପରିମନେ ହେଲା । ସ୍ମରଣ ଶକ୍ତି ସହ ବେଶ୍ କିଛି ସମୟ କସରତ କଲାପରେ ବୃଦ୍ଧଙ୍କର ପରିଚୟ ମିଳିଗଲା । ସେ ହେଉଛନ୍ତି ମୋର ପରମ ପୂଜ୍ୟ ଆରାଧ୍ୟ ଗୁରୁ ଦୈତାରି ସାର । ଯିଏ କି ମୋର ପ୍ରଥମ ବିଦ୍ୟାଦାତା ଶିକ୍ଷାଦାତା ଜ୍ଞାନଦାତା ପରାମର୍ଶଦାତା ସର୍ବୋପରି ସର୍ବଦାତା । ତାଙ୍କର ଅତୁଳନୀୟ ଉଦାରତା ମହନୀୟତା ତଥା ଛାତ୍ର ବତ୍ସଳତା ନିକଟରେ ମୁଁ ଏକା କାହିଁକି ମୋ ପରି ଶହ ଶହ ଛାତ୍ର ଛାତ୍ରୀଙ୍କର ମସ୍ତକ ଭକ୍ତିରେ ନଇଁ ଆସିଛି ସବୁଦିନ ପାଇଁ ।

ସେତେବେଳେ ଆମ ଗାଁ ଆଖପାଖ ପାର୍ଶ୍ୱଖଣ୍ଡ ମୌଜାର ଅପର ପ୍ରାଇମେରୀ ଦୂରର କଥା ନିମ୍ନ ପ୍ରାଇମେରୀ ସ୍କୁଲଟିଏ ନଥିଲା । ଗମନା ଗମନର ସୁବିଧା ଅତ୍ୟନ୍ତ ନଗଣ୍ୟଥିଲା । ଆମ ଗାଁ ଠାରୁ ଚାରି ମାଇଲ ଦୂର ମୋ ମାମୁଁ ଗାଁ କଲ୍ୟାଣପୁରରେ ଅପର ପ୍ରାଇମେରୀ ସ୍କୁଲଟିଏ ଥିଲା । ମୋ ବାପା ବୋଉଙ୍କର ଅନୁରୋଧ କ୍ରମେ ମୋ ମାମୁଁ ସନାତନ ସାମଲ ରାଜି ହୋଇଥିଲେ ତାଙ୍କ ଘରେ ମୋତେ ରଖି ତାଙ୍କ ଗାଁ ଅପର ପ୍ରାଇମେରୀ ସ୍କୁଲରେ ପଢ଼ାଇବାକୁ । ସେ ଦିନ ମାମୁଁଙ୍କ ସାଥିରେ ସ୍କୁଲରେ ନାମ ଲେଖାଇବାକୁ ଯାଇଥିଲି । ମାମୁଁଙ୍କୁ ଦେଖି ଦୈତାରି ସାର କହିଲେ ସନାତନ ତୁମେ କୁଆଡ଼େ ? ଏ ପିଲାଟି କିଏ ? ମାମୁଁ କହିଲେ ଏ ମୋ ଭଣଜା । ତୁମଠାରେ ଛାଡ଼ି ଯିବାକୁ ଆସିଛି । ତାକୁ ମଣିଷ କରିବାର ଦାୟିତ୍ୱ ତୁମର । ଦୈତାରି ସାର କହିଥିଲେ ଏକି କଥା କହୁଛ ସନାତନ ? ତୁମ ଭଣଜା ଓ ମୋ ଭଣଜା କିଏ ? ଚିନ୍ତା କରନି ସେ ଏଠାରେ ରହି ପଢ଼ିବ ।

ଛଅଫୁଟ ଲମ୍ବର ଗୋରା ତକ୍ ତକ୍ ଜଣେ ବଳିଷ୍ଠ ମଣିଷକୁ ଦେଖି ପ୍ରଥମେ ମୁଁ ଡ଼ରି ଯାଇଥିଲି । ସାର ପିତୃ ସୁଲଭ ଠାଣିରେ ପଚାରିଲେ ତୁମ ନାମ କ'ଣ ? ତାଙ୍କର ଦାଢ଼ି ପୂର୍ଣ୍ଣ ମୁହଁକୁ ଦେଖି ମୁଁ ଏପରି ଡରି ଯାଇଥିଲି ଯେ କିଛି ଉ ର ଦେଇ ପାରିନଥିଲି । ମୁଁ କିଛି କହିବା ପୂର୍ବରୁ ସେ ଚେୟାରରୁ ଉଠି ମୋ ପାଖକୁ ଆସିଥିଲେ । ପିଠି ଥାପୁଡ଼ାଇ ପୁଣି ମୋ ନାମ ପଚାରିବା ମାତ୍ରେ ମାମୁଁ କହିଲେ କହ କହ ? ଡରୁଛୁ କାହିଁକି ? ଦୈତାରି ସାର ମୋର ବାଲ୍ୟ ବନ୍ଧୁ ତୋର ବି ମାମୁଁ ।

ମୁଁ ଥଙ୍ଗେଇ ଥଙ୍ଗେଇ ମାମୁଁଙ୍କ ଆଡ଼କୁ ଭୟମିଶା ଚାହାଣିରେ ଚାହିଁ ରହି କହିଲି ମୋ ନାମ ଶ୍ରୀ ନରହରି ସାମନ୍ତରାୟ ।

ମୃଦୁ ହସି ସାର କହିଲେ ବାପ ମା ବାଛି ବାଛି ଭଲ ନାମଟିଏ ଦେଇଛନ୍ତି । ହେଲେ ଆଜି କାଲି ନର ହେବା ସହଜ ହେଲେ ନର ରୁ ହରି ହେବା କଷ୍ଟକର । ମାତ୍ର ମନ ଦେଇ ପାଠ ପଢ଼ିଲେ ନରୁ ରୁ ନାରାୟଣ ବି ହୋଇ ପାରିବ ।

ସେ ଦିନ ସାରଙ୍କର ଏମିତି ଅଙ୍କେଇ ବଙ୍କେଇ କରି କହିବାର ଅର୍ଥ ବୁଝିବାକୁ ସମର୍ଥ ହୋଇ ନଥିଲେ ବି ପରବର୍ତ୍ତୀ ସମୟରେ ତାହାର ଅର୍ଥ ହୃଦୟଗମ କରିଥିଲି । ଆଜି କିନ୍ତୁ ମୁଁ ମନକୁ ମନ ପ୍ରଶ୍ନ କରୁଛି ମୁଁ ନା ହେଲି ନର ନା ହେଲି ହରି । ନରହରି ନହୋଇ ନରାଧମଟିଏ ହୋଇ ଯାଇଛି । ତାହା ହୋଇ ନଥିଲେ ମୋର ଅତି ପ୍ରିୟ ଦୈତାରି ସାରଙ୍କୁ ଏତେ ନିକଟରେ ଦେଖି ଚିହ୍ନିବାରେ ଏତେ ସମୟ ଲାଗି ନ ଥାନ୍ତା ?

ଦୈତାରି ସାର ସବୁବେଳେ ସ୍କୁଲରେ ସରୁ ବେତ ବାଡ଼ିଟିଏ ଧରିଥାନ୍ତି । ହେଲେ କୌଣସି ପିଲାକୁ ବେତ୍ରାଘାତ କରିବାର କେହି ଦେଖିନାହାନ୍ତି । ତାଙ୍କର ପ୍ରତି କଥାରେ ବେତ୍ରାଘାତର ତୀବ୍ରତା ଭରି ରହି ଥିବା ବେଳେ ବେତ୍ରାଘାତର ଆବଶ୍ୟକତା ରହିବ କାହିଁକି ? ପ୍ରତ୍ୟେକ କ୍ଷେତ୍ରରେ ସୁନ୍ଦର ସୁନ୍ଦର କ୍ଷୁଦ୍ର ଗଳ୍ପ ମାଧ୍ୟମରେ କେତେ ଉପଦେଶ ଦିଅନ୍ତି ।

ପ୍ରାର୍ଥନା ପରେ ପରେ ସମସ୍ତ ପିଲାଙ୍କର ଦନ୍ତହସ୍ତ ନଖ ଏପରିକି ପୋଷାକର ପରିଷ୍କାର ପରିଛନ୍ନତାକୁ ତନ୍ନ ତନ୍ନ କରି ପରୀକ୍ଷା କରି ସର୍ବଦା ପରିଷ୍କାର ରହିବାକୁ ପରାମର୍ଶ ଦିଅନ୍ତି । କହନ୍ତି ତୁମେମାନେ ଯେତିକି ପରିଷ୍କାର ରହିବ ମନ ତୁମର ସେତିକି ପ୍ରଫୁଲ୍ଲ ରହିବ । ମନର ପ୍ରଫୁଲ୍ଲତା ପଢ଼ାପ୍ରତି ଆଗ୍ରହ ସୃଷ୍ଟି କରିଥାଏ । ସାରଙ୍କର ସର୍ବଦା ପରିଷ୍କାର ରହିବାର ଉପଦେଶ କିଏ କେତେଦୂର ଗ୍ରହଣ କରିଛି କହି ପରିବି ନାହିଁ । ମାତ୍ର ମୋ ମନରେ ବେଶ୍ ପ୍ରତିଫଳିତ ହୋଇଛି । ଏବେ ବି ପୋଷାକ ପତ୍ରର ପରିଛନତା ପ୍ରତି ମୁ ଅଧିକ ଯତ୍ନବାନ ।

ସାରଙ୍କର ବଗିଚାରେ ଆମ୍ବ, ପଣସ, ପିଜୁଳି ଓ ଜାମୁ ପରି ଅନେକ ଫଳ ଗଛଥିଲା । ଥଳି ଥଳି ପାଚିଲା ଫଳ ସ୍କୁଲ ପିଲାମନଙ୍କ ମଧ୍ୟରେ ବାଣ୍ଟି ଦେବା ବେଳେ ତାଙ୍କ ମନ ଆନନ୍ଦରେ ଭରି ଯାଉଥିଲା ।

ଥରେ 'ଏକତାର ବଳ' ପଢ଼ାଇ ବାକୁ ଯାଇ ସମସ୍ତଙ୍କୁ ଖଣ୍ଡିଏ ଖଣ୍ଡିଏ ସରୁ ବାଉଁଶ କଣିର କାଠି ଧରାଇ ଦେଇ ଭାଙ୍ଗି ଦେବାକୁ ଆଦେଶ ଦେଲେ । ଆମେ ସମସ୍ତେ ମଡ଼ମାଡ଼ କରି ଭାଙ୍ଗି ଦେଲୁ । ଏହା ପରେ ଏକ ସଙ୍ଗରେ ଗୋଛାଏ କାଠି ଧରାଇ ଦେଇ ଭାଙ୍ଗିବାକୁ କହିଲେ । କେହି ଭାଙ୍ଗି ପାରିଲେ ନାହିଁ । ବାସ୍ ତା'ପରେ ଆରମ୍ଭ ହୋଇଗଲା ଦେଶ ସ୍ୱାଧୀନତାର ପୂର୍ବ ପର ଇତିହାସ । ଆମେ ସମସ୍ତ ଦେଶବାସୀ ଗୋଛାଏ କାଠିପରି ଏକତ୍ର ହୋଇ ରହିଥିଲେ କୌଣସି ବିଦେଶୀ ଶତ୍ରୁ ସହଜରେ ଶାସନ କରିବାକୁ ସକ୍ଷମ ହୋଇ ନଥାନ୍ତା । ଗଣଶକ୍ତି ସମ୍ମୁଖରେ ଜଣଙ୍କର ଶକ୍ତି କିଛି ନୁହଁ । ସେତେବେଳେ ତାଙ୍କର ସବୁ ଦେଶାତ୍ମକ କଥା କାହାଣୀ ପରି ଲାଗୁଥିଲେ ମଧ ପରବର୍ତ୍ତୀ କାଳରେ ଅନୁଭବ କରିଥିଲୁ, ଦେଶ ପରାଧିନତାର କାରଣ । ସାର ସବୁ ବେଳେ ଥିଓରି ଠାରୁ ପ୍ରାକ୍ଟିକାଲକୁ ଗୁରୁତ୍ୱ ଦେଉଥିଲେ । ଏଣୁ ତାଙ୍କର ପାଠପଢ଼ାର ଶୈଳି ସରଳ ଓ ପ୍ରାଂଜଳ ଥିଲା ।

ସାର ପାଦରେ ଯୋତା ମାଡ଼ିବା କି ଦେହରେ ଜାମା

ଘୋଡ଼ିବା ତ ଆମେ କେହି କେବେ ଦେଖିନାହୁଁ। ତାଙ୍କର ପ୍ରିୟ ପରିଧାନ ଥିଲା ଆଣ୍ଠୁ ନ ଲୁଚିବା ଖଦଡ଼ ଧୋତି ଓ ଚରିହାତ ଖଦଡ଼ ଓ ରୀ। ମାତ୍ର ତାହା ସର୍ବଦା ପରିଷ୍କାର ରହୁଥିଲା। କାନ୍ଧରେ ଝୁଲୁଥାଏ ସର୍ବଦା ଖଦଡ଼ ଝୁଲା ଓ ମଥାରେ ଖଦଡ଼ ଟୋପି, ଆଜିବି ସେହି ପୋଷାକ ପରିଧାନ କରି ଆମ୍ବଗଛ ଛାଇରେ ନିଷ୍କଳ ନୀରବରେ ଶୋଇ ଯାଇଛନ୍ତି ମୋର ଅତି ପ୍ରିୟ ଦୈତାରି ସାର।

ମାମୁଁଙ୍କର ଠାରୁ ଶୁଣିଥିଲି ଦୈତାରି ସାର କୁଆଡ଼େ ବଡ଼ ଧନୀ ଘରର ପୁଅ ଥିଲେ। ଚହିଁ ଥିଲେ ପାଠପଢ଼ି ବଡ଼ ହାକିମ ବି ହୋଇ ପାରିଥାନ୍ତେ। ମାତ୍ର କଟକରେ ପଢ଼ୁଥିବା ବେଳେ ଛାତ୍ରାବସ୍ଥାରୁ ମହାତ୍ମାଗାନ୍ଧୀଙ୍କର ଭାରତ ଛାଡ଼ ଡାକରାରେ ଉଦ୍‌ବୁଦ୍ଧ ହୋଇ ଦିନେ ରାତିରେ ହଷ୍ଟେଲରୁ ଲୁଚି ପଳାଇ ଗଲେ। ଯାହା ଗଲେ ଯେ ଆଉ ଫେରିଲେ ନାହିଁ। ଅନେକ ଖୋଜା ଖୋଜି ପରେ ସଂଧାନ ମିଳିଲା। ସେ ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ସାବରମତୀ ଆଶ୍ରମରେ ଅଛନ୍ତି। ଏକମାତ୍ର ପୁତ୍ର ଚିନ୍ତାରେ ବାପା ତାଙ୍କର ଶେଷରେ ଆଖି ବୁଜିଲେ। ପରବ ୀ ସମୟରେ ଇଂରେଜ ସରକାର ତାଙ୍କର ଅଧିକାଂଶ ସ୍ଥାବର ଅସ୍ଥାବର ସମ୍ପ ତ୍ତି ବ୍ୟାଜ୍ୟପ୍ତ କରିଦେଲେ। ଅସହଯୋଗ ଆନ୍ଦୋଳନ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଅନେକ ଥର ଜେଲବି ଗଲେ।

ଦେଶ ସ୍ୱାଧୀନତା ପରେ ସେ ଚହିଁଥିଲେ ଅନ୍ୟ ନେତାମାନଙ୍କ ପରି ମନ୍ତ୍ରୀ ହୋଇ ପାରିଥାନ୍ତେ। ମାତ୍ର କ୍ଷମତାର ସମସ୍ତ ପଦ ପଦବୀଙ୍କୁ ପଦାରେ ଆଡ଼େଇ ଦେଇ ଆଦରି ନେଇଥିଲେ ଗ୍ରାମାଂଚଳର ଉନ୍ନତ୍ତି। ଅଶିକ୍ଷିତ କୁସଂସ୍କାର ଯୁକ୍ତ ଗ୍ରାମବାସୀଙ୍କୁ ଶିକ୍ଷିତ କରିବାର ପ୍ରଚେଷ୍ଟା। ସର୍ବ ଶେଷରେ ସ୍ୱଇଛାରେ କଲ୍ୟାଣପୁର ଅପର ପ୍ରାଇମେରୀ ବିଦ୍ୟାଳୟର ସେ ହେଲେ ହେଡ଼ ପଣ୍ଡିତ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଅଦମ୍ୟ ଚେଷ୍ଟା ଦ୍ୱାରାହିଁ ଅପର ପ୍ରାଇମେରୀ ବିଦ୍ୟାଳୟଟି ଲମ୍ଫି ଲମ୍ଫି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଣତ ହୋଇ ଥିଲା। ଦୈତାରି ସାରଙ୍କ ଦ୍ୱାରା ପ୍ରତିଷ୍ଠିତ କଲ୍ୟାଣପୁର ହାଇସ୍କୁଲର ମୁଁ ଥିଲି ପ୍ରଥମ ଛାତ୍ର ଯାହାକି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲି। ଖତ ସାର ଦେଇ ନିଜ ହାତରେ ରୋପଣ କରିଥିଲା ଚାରା ଗଛଟି ଶାଖା ପ୍ରସାଖା ମେଲାଇ ଯେଉଁ ଦିନ ପ୍ରଥମ ଥର ପାଇଁ ଫଳବତୀ ହୁଏ ସେଦିନ ବୃକ୍ଷ ରୋପଣ କରିଥିବା ବ୍ୟକ୍ତି ଯେମିତି ଆନନ୍ଦରେ ଅଧୀର ହୋଇ ଉଠେ ଠିକ୍ ସେଇପରି ମେଟ୍ରିକଫଳ ପ୍ରକାଶ ଦିନ ଦୈତାରି ସାର ତୃପ୍ତିର ହସଟିଏ ହସି ମୋ ପିଠି ଥାପୁଡ଼ାଇ ଆର୍ଶିବାଦ କରି କହିଥିଲେ ଚଲା ପଥ ତୁମର କୁସୁମିତ ହେଉ ସୁଖମୟ ହେଉ। ମାତ୍ର ଆଜିର ଏ ଅର୍ଥ ସର୍ବସ୍ୱ ସଂସାରରେ ମୋ ଚଲାପଥ କେତେ ଦୂର କୁସୁମିତ କି କ କିତ ତାହା ମୁଁ ଜାଣୁଛି। କହିବାକୁ ଗଲେ ଦୈତାରି ସାର ଥିଲେ କଲ୍ୟାଣପୁର ଗାଁର କଲ୍ୟାଣକାରୀ ତଥା ମଙ୍ଗଳକାଙ୍କ୍ଷୀ। ଶିକ୍ଷାର ପ୍ରସାର ସହ ବିଭିନ୍ନ ଦିଗରୁ ଗ୍ରାମଟିକୁ ସରସ ସୁନ୍ଦର କରି ଗ୍ରାମଟିକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରି ପାରିଥିଲେ। ଆଖପାଖ ପଚାଶ ଖଣ୍ଡ ଗ୍ରାମର ଲୋକେ ତାଙ୍କ ଦୈତାରି ଗାନ୍ଧୀ ବୋଲି ଡାକୁଥିଲେ। ପୁଅଝିଅ ବିବାହର ମଧ୍ୟସ୍ଥତାଠାରୁ ଆରମ୍ଭ କରି ଭାଇଭାଗ ଜମି-ଜମା ଜନିତ ମକଦ୍ଦମା, ଗ୍ରାମ ଗ୍ରାମ ମଧ୍ୟରେ ମନମାଳିନ୍ୟର ସମସ୍ତ ସମସ୍ୟାକୁ ଅତି ସହଜରେ ସମାଧାନ କରି ଦେଉଥିଲେ। କଥା କଥାରେ କହୁଥିଲେ ପରିଷ୍କାର ପରିଛନ୍ନ ପରି ଦେଶ ହିଁ ସ୍ୱାସ୍ଥ୍ୟର ପ୍ରକୃତ ଚାବିକାଠି। ଜନ୍ମଭୂମୀ ଆମର ମା। ମାତାପିତା ଆମର ଚଳନ୍ତି ଠାକୁର। ରାଗ ଅହଂକାର ମଣିଷର ପରମ ଶତ୍ରୁ। କହିବାକୁ ଗଲେ ଦୈତାରି ସାର ଥିଲେ ଶହେରୁ ଶହେ ଭାଗ ଗାନ୍ଧୀଆନ। ଜାତିରେ ବ୍ରାହ୍ମଣ ଥିଲେ ବି ସମସ୍ତଙ୍କ ଘରେ ଖାଉଥିଲେ। ତାଙ୍କ ପରି ଜଣେ ସରଳ ସଚ୍ଚୋଟ ନିରାଡ଼ମ୍ବର ଯୁକ୍ତ ଅହଂକାର ଶୂନ୍ୟ ମଣିଷ ଆଜିର ଯୁଗରେ ମିଳିବା ବିରଳ।

କଲ୍ୟାଣପୁର ଗାଁରେ ମୋର ଦୀର୍ଘଦିନ ରହଣି ମଧ୍ୟରେ ଦୈତାରି ସାରଙ୍କର ପରିବାର ସହିତ ମୁଁ ବେଶ୍ ଜଡ଼ିତ ହୋଇଯାଇଥିଲି। କହିବାକୁ ଗଲେ ସାରଙ୍କର ପ୍ରିୟଛାତ୍ର ମାନଙ୍କ ମଧ୍ୟରେ ମୁଁ ଥିଲି ଅନ୍ୟତମ। ତାଙ୍କ ସ୍ତ୍ରୀଙ୍କୁ ମୁଁ ମାଇଁ ବୋଲି ଡାକୁଥିଲି। ଅତି ସରଳ ପ୍ରକୃତିର ମହିଅସୀ ମହିଳା ଥିଲେ ସିଏ । ପର ଅପର କ'ଣ ଜାଣନ୍ତି ନାହିଁ। ସମସ୍ତଙ୍କୁ ନିଜର ଜନ୍ମକଲା ସନ୍ତାନ ପରି ସ୍ନେହ କରୁଥିଲେ। ତାଙ୍କର ତିନି ପୁଅ ମୋ ଠାରୁ ବୟସରେ ଢ଼େର ବଡ଼। ସେତେବେଳେ ସେମାନେ କଟକରେ ରହି ପଢୁଥିଲେ। ବୟସ ବ୍ୟବଧାନ ଯୋଗୁଁ ମୁଁ ସେମାନଙ୍କ ସହ ଏତେଟା ମିଳାମିଶା କରୁନଥିଲେ ବି ପରବର୍ତ୍ତୀ ସମୟରେ ଶୁଣିବାକୁ ପାଇଥିଲି ସେମାନେ ସମସ୍ତେ ସରକାରୀ ଉଚ୍ଚ ପଦବୀରେ ପ୍ରତିଷ୍ଠିତ।

ଥରେ କଥା ପ୍ରସଙ୍ଗରେ ପଚାରି ଥିଲି, ଆପଣ ତ ପ୍ରଥମ ଶ୍ରେଣୀର ସ୍ୱାଧୀନତା ସଂଗ୍ରାମୀ। ସଂଗ୍ରାମୀ ଭତ୍ତା ପାଇଁ ଦରଖାସ୍ତ କରୁନାହାନ୍ତି। ସାମାନ୍ୟ ହସି କହିଥିଲେ ମୁଁ ସଂଗ୍ରାମ କରୁଥିଲି ଦେଶର ସ୍ୱାଧୀନତା ପାଇଁ, ଭତ୍ତା ପାଇବା ପାଇଁ ନୁହଁ। ଭ । କେଉଁ ମାନେ ପାଆନ୍ତି ଜାଣିଛ ? ଅକର୍ମଣ୍ୟ ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି ହିଁ ଭତ୍ତା ପାଇଁ ଆବେଦନ କରନ୍ତି। ମୁଁ ସେଇ ଶ୍ରେଣୀ ଭୁକ୍ତ ମଣିଷ ନୁହଁ। ସରକାରଙ୍କର ଭତ୍ତା ପ୍ରଥା ଭିକ୍ଷାବୃତ୍ତି ସଙ୍ଗେ ସମାନ ନୁହଁ କି ? ସତ କୁହ ନରହରି ଆଜି କ'ଣ ଆମ୍ଭେମାନେ ପ୍ରକୃତରେ ସ୍ୱାଧୀନ ହୋଇଛୁ ? ସରକାର କ'ଣ ପ୍ରକୃତ ସଂଗ୍ରାମୀମାନଙ୍କୁ ଭ । ପ୍ରଦାନ କରୁଛି। ପ୍ରିୟା ପ୍ରୀତି ଧରା ଧରି ସବୁ ଚାଲିଛି।

ମୁଁ ନୀରବ ରହିଲି। ମନେ ମନେ ଭାବୁଥିଲି ସାରଙ୍କର ମନ୍ତବ୍ୟ ଅପ୍ରିୟ ହେଲେ ବି ବାରାଟ ବାସ୍ତବ। ସତରେ ଆମ୍ଭେମାନେ କ'ଣ ସ୍ୱାଧୀନ ଭାରତ ନାଗରିକ ପରି ମନେ କରୁଛୁ ?

ମେଟ୍ରିକ୍ ପରେ ଅନ୍ୟତ୍ର ପଢ଼ିବାକୁ ଚାଲି ଗଲି। ସମୟ

ଅଭାବରୁ ମାମୁଁଘର ଗାଁ କଲ୍ୟାଣପୁର ଯିବା କମିଗଲା । ମାମୁଁ ମାଇଁଙ୍କ ମୃତ୍ୟୁପରେ ଯିବାଟା ପ୍ରାୟ ଏକରକମ ବନ୍ଦ ହୋଇଗଲା । ମଝିରେ ମଝିରେ ସାରଙ୍କ ସହିତ ମୋର ପତ୍ରାଳପ ହେଉଥିଲା । ମାତ୍ର କର୍ମମୟ ଜୀବନ ଆରମ୍ଭ ପରଠାରୁ ସାରଙ୍କୁ ବି ମୁଁ ପୁରାପୁରି ପାଶୋରି ଦେଲି । ଯଦି ବା ତାଙ୍କର ଆଦର୍ଶ, ଶିକ୍ଷା ଦୀକ୍ଷା ମୋତେ ମଣିଷ ପରି ମଣିଷଟିଏ ଗଢ଼ିବାରେ ଯଥେଷ୍ଟ ସାହାଯ୍ୟ କରିଥିଲା । ସତ କହିବାକୁ ଗଲେ ମୋ ପରିଜଣେ ନରାଧମ କୃତଘ୍ନ ବ୍ୟକ୍ତି ଏ ସଂସାରରେ କିଏ ଅଛି ?

କିନ୍ତୁ ଆଜି ମୋର ଅତି ଆପଣାର ସମ୍ମାନନୀୟ ଗୁରୁଜୀ ଦୈତାରି ସାର ଏପରି ଏକ ଅବେଳରେ ତପ୍ତ ସାହାରା ପରି ବୈଶାଖ ମାସ ଝାଂଜି ଦ୍ୱିପ୍ରହରେ ବେସାହାରା ହୋଇ ନିଛାଟିଆ ଆମ୍ବ ଗଛମୂଳେ କାହିଁକି ?

ଇଚ୍ଛା ହେଉଥିଲା ତାଙ୍କ ପାଦଧରି କ୍ଷମା ମାଗିବାକୁ ।

ମୁଁ ଡାକିଲି ସାର୍ ସାର୍ ।

ସାର ଶୁଣିଲେ ନାହିଁ ।

ମୁଁ ତାଙ୍କର ଅତି ନିକଟକୁ ଯାଇ ଚଢ଼ାଗଳାରେ ଡାକିଲି ! ସାର୍ !

ନିଦ ମଳମଳ ଆଖିରେ ଥର ଥର ଗଳାରେ ଥଙ୍ଗେଇ ଥଙ୍ଗେଇ ଜବାବ ଦେଲେ କି...ଏ ?

ଉତ୍ତର ଦେଲି ମୁଁ ନରହରି !

କେଉଁ ନରରହି ?

ଆପଣଙ୍କର ପିଲାଦିନର ସାଙ୍ଗ କଲ୍ୟାଣପୁର ଗାଁର ସନାତନ ସାମଲଙ୍କ ଭଣଜା ନରହରି ! ଆପଣଙ୍କ ଠାରେ ପ୍ରଥମେ ପାଠପଢ଼ା ଆରମ୍ଭ କରିଥିଲି । ଆପଣ ଯାହାର ହାତଧରି ଅ...ଆ... ଶିଖାଇ ଥିଲେ, ମୁଁ ସେଇ ନରହରି ସାମନ୍ତରାୟ ।

ହଠାତ୍ ସେ ବୋଧେ ମନେ ପକାଇ ପାରିଲେ ନାହିଁ । ଟିକିଏ ଚିନ୍ତାକରି ପଚାରିଲେ ନରହରି ! ଏ ଅସମୟ ଖରାବେଳଟାରେ ତୁମେ ଏଠାରେ କେମିତି ? କେଉଁ ଆଡୁ ଆସିଲ ନା କେଉଁ ଆଡ଼କୁ ଯାଉଛ ?

ଏହି କେଇ ପଦ କଥାରେ ମୋ ମନର ସମସ୍ତ ପୁଂଜୀଭୂତ ବେଦନା ମହମବତୀ ପରି ତରଳି ଗଲା । ସାରଙ୍କର ଗୋଡ଼ ଦୁଇଟିକୁ ଜାବୁଡ଼ି ଧରି ଲମ୍ବ ହୋଇ ଶୋଇ ଗଲି । ମୋ ଆଖିର ଲୁହଜଳରେ ସାରଙ୍କର ପାଦଦୁଇଟି ଧୋଇ ଦେଲି । ପିତୃ ସୁଲଭ ଶ୍ରଦ୍ଧାରେ ମୋ ମୁଣ୍ଡରେ ତାଙ୍କର କମ୍ପିତ ହସ୍ତ ସଂଚାଳନ କରୁ କରୁ କ୍ଷୀଣ ସ୍ୱରରେ କହିଲେ ଉଠ ବାବୁ ଉଠ । ତାଙ୍କ ଚକ୍ଷୁର ଠପ୍ ଠପ୍ କରି ଝରି ପଡୁଥିବା ଅଶ୍ରୁଜଳରେ ମୋର ମୁଣ୍ଡ ଓ ଗଣ୍ଡ ଦେଶ ଆଦ୍ର ହୋଇଗଲା । ସାରଙ୍କର ଆଖିରେ ସେ ଅଶ୍ରୁ ଆନନ୍ଦର କି ନିରାନନ୍ଦର ଥିଲା କହିପାରିବି ନାହିଁ ।

ମୁଁ ପଚାରି ସାର ଆପଣ କାନ୍ଦୁଛନ୍ତି ଯେ ?

ସେ ଯେମିତି କାନ୍ଦ କାନ୍ଦ ସ୍ୱରରେ କହିଲେ "ନରହରି" ତୁମର ପୁତ୍ର ସୁଲଭ ଭକ୍ତି ନିକଟରେ କେଉଁ ପିତାର ଅନ୍ତର ବରଫ ପରି ତରଳି ନଯିବ କହିଲ ? ଏହା ପରେ ପରେ ଏକ ଅସ୍ପଷ୍ଟ ସ୍ୱରରେ କହିଲେ ଆହା ଥରୁଟିଏ ଯଦି ଏମିତି ପିତୃ ଭକ୍ତିର ସମ୍ମାନ ସେମାନଙ୍କ ଠାରୁ ପାଇଥାନ୍ତି । ମୋ ଜୀବନ ଧନ୍ୟ ହୋଇଯାଇ ଥାନ୍ତା । ପିତୃତ୍ୱର ପବିତ୍ରତା ଅନୁଭବ କରିଥାନ୍ତି ।

ସାରଙ୍କର ମୁହଁରୁ ଏପରି ବାକ୍ୟ ଶୁଣିବା ମାତ୍ରେ ମୋ ମନର ମୀନାରରେ ସନ୍ଦେହର ଟେକାଟିଏ କିଏ ମାରିବାର ଯନ୍ତ୍ରଣା ଅନୁଭବ କରି, ନମ୍ରତାର ସହ ପଚାରିଲି ମାଇଁ କିପରି ଅଛନ୍ତି ? ଭାଇ ମାନେ ସମସ୍ତେ ସରକାରୀ ଉଚ୍ଚପଦବୀ ନିଯୁକ୍ତି ପାଇଛନ୍ତି ଶୁଣିଥିଲି । ସମସ୍ତେ କୁଶଳରେ ଅଛନ୍ତିତ ?

ଟିକିଏ ନୀରବ ରହି କହିଲେ ଆଜକୁ ପାଞ୍ଚବର୍ଷ ହେବ ତୁମ ମାଇଁ ମୋତେ ଛାଡ଼ି ଆର ପାରିକୁ ଚାଲିଗଲେଣି । ମରି ଗଲାନାହି ଯେ ତରି ଗଲା । ମୁଁ ମରିପାରୁ ନାହିଁକି ତରି ପାରୁନି । ବଡ଼ ଦହ ଗଂଜରେ ଜୀବନ ବିତାଉଛି ।

ଆପଣ ପୁଅ ମାନଙ୍କ ପାଖରେ ରହୁନାହାଁନ୍ତି ନା କ'ଣ ?

ସେ କେମିତି ଏକ ଅସଂଗତ କଣ୍ଠରେ କହିଲେ ନା ! ମୁଁ ରହୁଛି ମୋ ଭିଟା ମାଟି କଲ୍ୟାଣପୁରରେ । ତାହା ତ ମୋ ପାଇଁ ମାଟି ବୈକୁଣ୍ଠ । ବୈକୁଣ୍ଠ ପରିତ୍ୟାଗ ରକି ନର୍କକୁ ଯିବି କାହିଁକି ?

ବିସ୍ମୟ ପ୍ରକାଶ କରି ପଚାରିଲି ପୁଅମାନଙ୍କ ପାଖରେ ରହିବାରେ କିଛି ଅସୁବିଧା ହେଲା କି ? ଏ ବୟସରେ ଏକାକି ରହିବା ନିଶ୍ଚୟ ଅସୁବିଧା ହେଉଥିବ ।

ସେ ହସି ହସି କହିଲେ ଅସୁବିଧା କିଛି ହେଉନାହିଁ । ପୁଅମାନଙ୍କ ଠାରେ ଏକତ୍ର ରହିବାର ମାନେ ମୋର ତଥା ସେମାନଙ୍କର ଅସୁବିଧା ହେଲା । ଏକତ୍ର ସହବାସ୍ଥାନ ପାଇଁ ଏକ ସୁସ୍ଥ ସମନ୍ୱୟ ବା ବାତାବରଣ ଦରକାର । ଆଜି କାଲି ଏହି ସଭ୍ୟ ଶିକ୍ଷିତ ସମାଜରେ ଏହି ବାତାବରଣଟି ଭୀଷଣ ଭାବରେ ଅଭାବ ମନେ ହୁଏ । ଏହା ଛଡ଼ା ମୋ ପରି ଜଣେ ଗାନ୍ଧୀବାଦୀ ମଣିଷର ଆଦର ଏ ଯୁଗରେ କେତେ ତୁମେ ଜାଣିଥିବ । ଫକୀର ମୋହନଙ୍କର ଡାକ ମୁନସୀ ଗଳ୍ପ କଣ ପାଶୋରି ଦେଲାଣି ନରହରି ?

ମୁଁ ଆଗକୁ ପାଦେ ବଢ଼ିଯାଇ କହିଲି । ଆପଣତ ଆମକୁ ସଦା ସର୍ବଦା ଉପଦେଶ ଦେଉଥିଲେ -

ପିତା ସ୍ୱର୍ଗ ପିତା ଧର୍ମ ପିତାହିଁ ପରମ ତପଃ
ପିତରୀ ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା ।

ଏହି ଉପଦେଶ କ'ଣ ଆପଣ ଆପଣଙ୍କ ପୁଅମାନଙ୍କୁ ଦେଇ ନଥିଲେ ନା ସେମାନେ ପାସୋରି ଦେଲେ ? ଆପଣ ଯେତେ ଗାନ୍ଧୀବାଦୀ ହେଲେବି ଆପଣ ସେମାନଙ୍କର ପିତା । ସୁସ୍ଥ ସମନ୍ୱୟ ବା ବାତାବରଣ ସୃଷ୍ଟି କରିବା ସେମାନଙ୍କର କର୍ତ୍ତବ୍ୟ ନୁହଁ କି ?

ସାର ବେଳେବେଳେ ମଜାଳିଆ କଥା କହି ସମସ୍ତଙ୍କର ମନରଂଜନ କରିଥାନ୍ତି । ମାତ୍ର ସେହି ମଜାଳିଆ କଥା ମଧ୍ୟରେ ରହି ଥାଏ ଅନେକ ମରମ କଥା । ଆଜି ବି ମୋ ମନକୁ ଖୁସି କରିବା ପାଇଁ ସାର ପରିହାସ ଛଳରେ କହିଲେ ଆଜି କାଲି ପୁଅମାନେ ବାହା ନହେବା ପର୍ଯ୍ୟନ୍ତ ଖାଇବା ପିଇବା ରହିବାର ଅସୁବିଧା ଦୃଷ୍ଟିରୁ ବାପା ମାଆଙ୍କ ପାଖରେ ରହି କିଛି ପରିମାଣରେ ସମ୍ମାନ ଦେଇଥାନ୍ତି । ମାତ୍ର ବାହା ଘର ପରେ ସେମାନେ ବାପା ମାଙ୍କୁ ସଂପୂର୍ଣ୍ଣ ଭାବରେ ପାଶୋରି ଦେଇ ଶାଶୁ ଶଶୁରଙ୍କୁ ପ୍ରାଧାନ୍ୟ ଦେଉଛନ୍ତି । ଏଣୁ ପିତା ସ୍ୱର୍ଗ ପରିବର୍ତ୍ତେ ଅନ୍ୟ ପଦଟି ମନେ ପକାନ୍ତି-

ଶାଶୁ ସ୍ୱର୍ଗ ଶାଶୁ ଧର୍ମ ଶାଶୁ ହିଁ ପରମ ପୂଜ୍ୟା
ଶଶୁର ପ୍ରୀତି ଭାଜନେ ପ୍ରାପ୍ତେଷୁ ପ୍ରିୟ ଭାରିଜା ।

ସାରଙ୍କ ଏପରି ପରିହାସମୟ କଥାରେ ମୁଁ ନ ହସି ରହି ପାରିଲି ନାହିଁ ଯଦିବା ଅସରନ୍ତି ସମସ୍ୟାରେ ମନଟା ମୋର ସନ୍ତୁଳି ହେଉଥିଲା । ଆଉ ଅଧିକ ଆଗକୁ ନ ବଢ଼ି ପଚାରିଲି ଆମଣ କିପରି ଆଜି ଏ ଝାଂଜି ପିଟା ଦ୍ୱିପ୍ରହରେ ଏକା ଏକା ଏ ନିଛାଟିଆ ଆମ୍ବଗଛ ମୂଳରେ ବିଶ୍ରାମ ନେଇଛନ୍ତି ? ସାଥିରେ କ'ଣ କେହି ଆସି ନାହାନ୍ତି !

ସାର କହିଲେ, ପେନ୍‌ସନ ଟଙ୍କା ନେବାକୁ ନୀଳଗିରି କଚେରିକୁ ଆସିଥିଲି । ସକାଳୁଆ କଚେରି ତ ! ଟ୍ରେଜେରୀରୁ ଟଙ୍କା ମିଳୁ ମିଳୁ ଦିନ ବାରଟା । ଚାଲି ଚାଲି ଘରକୁ ଫେରୁଥିଲି । ଖରାରେ କ୍ଳାନ୍ତ ହୋଇ ଏହି ଆମ୍ବମୂଳରେ ଟିକିଏ ବିଶ୍ରାମ ନେଇଛି । ଖରାତେଜ କମି ଗଲେ ଘରକୁ ଯିବି । ଜନ୍ମ ହୋଇଥିଲି ଏକା, ଏବେ ସଖା ପାଇବି କେଉଁଠୁ ?

ପଚାରିଲେ, ଏବେ କ'ଣ କରୁଛ ନରହରି ?

ମୁଁ କହିଲି, ଆପଣଙ୍କ ଆଦେଶ ଅନୁସାରେ ଶିକ୍ଷକତା କରୁଛି । ସକାଳୁଆ ସ୍କୁଲ ବନ୍ଦ କରି ଘରକୁ ଫେରୁଥିବା ବେଳେ ଆପଣଙ୍କୁ ଏଠାରେ ଏକୁଟିଆ ଶୋଇ ଥିବାର ଦେଖିଲି ।

ସାର କହିଲେ, ହଉ ! ଏଥର ଘରକୁ ଯାଅ ! ଭୋକ କରିବଣି ସକାଳୁ କ'ଣ ଗଣ୍ଡେ ତୁଣ୍ଡରେ ଦେଇ ଆସିଥିବ ।

ମୁଁ କହିଲି ଆପଣବି ମୋ ସହିତ ମୋ ଘରକୁ ଚାଲନ୍ତୁ, ସାଇକେଲରେ ବସାଇ ନେଇଯିବି । ମୋତେ ଅସୁବିଧା ହେବନାହିଁ । ଆଜିଠାରୁ ସବୁଦିନ ପାଇଁ ଆପଣ ମୋ ଘରେ ରହିବେ । କଲ୍ୟାଣପୁରରେ ଏତେ ଦିନ ରହିଲେ ବାକିତକ ସମୟ ଶରଧାପୁରରେ ଶ୍ରଦ୍ଧାରେ କଟୁ । ସାର ହସି ହସି କହିଲେ ନିଶ୍ଚୟ ତୁମ ଘରକୁ ଯିବି ମାତ୍ର ଆଜି ନୁହଁ । ହେଲେ ସବୁଦିନ ପାଇଁ ରହିବାକୁ ଯିବିନାହିଁ । ଦୈତାରି ମିଶ୍ର କାହା ଉପରେ ଅଯଥାରେ ବୋଝ୍ ହେବାକୁ ଚାହେଁ ନାହିଁ । ମାତ୍ର ସମସ୍ତଙ୍କର ବୋଝ ବହିବାକୁ ପ୍ରସ୍ତୁତ ।

ସାରଙ୍କର ଦୃଢ଼ ମନବଳ ଓ ଆତ୍ମବିଶ୍ୱାସ ନିକଟରେ ମୋ ମୁଣ୍ଡ ଆପେ ଆପେ ନଇଁ ଗଲା । ମୋର ଅଯାଚିତ ଅନୁଦାନକୁ ସାର ଯେ ପରୋକ୍ଷରେ ପାଦରେ ଆଡ଼େଇ ଦେଇ ମୋତେ ଉପଯୁକ୍ତ ଶିକ୍ଷାଦେଲେ ତାହା ନୁହଁ ମୋର ଅହଙ୍କାରୀ ମନକୁ ଏକ ନୈତିକ ଶକ୍ତ ଚପୁଡ଼ା ମାରି ସବୁଦିନ ପାଇଁ ଦମନ କରିଦେଲେ । ସୂଚାଇ ଦେଲେଯେ ଆତ୍ମ ବଡ଼ିମା ଓ ଅଂହକାର ହିଁ ମଣିଷର ପରମ ଶତ୍ରୁ । ଆତ୍ମ ବଡ଼ିବା ପରିବର୍ତ୍ତେ ଆତ୍ମ ଚେତନା ଓ ଚିନ୍ତାରେ ମଗ୍ନରୁହ ।

ମୁଁ ଯିବାକୁ ବାହାରୁଛି ସାର କହିଲେ ! "ନରହରି ମୁଁ କେବେ କୌଣସି ଛାତ୍ରକୁ ଗୁରୁ ଦକ୍ଷିଣା ମାଗି ନାହିଁ । କିନ୍ତୁ ଆଜି ତୁମକୁ ମାଗୁଛି । ଦେବ ତ ?"

ସାରଙ୍କର ଏପରି ବାକ୍ୟରେ ମୁଁ ହତ୍‌ବାକ ହୋଇଗଲି । ସାରଙ୍କୁ ନୀରବରେ ଅନାଇ ଚୁପ୍ ହୋଇଗଲି । ମନେ ମନେ ଭାବିଲି ଯେଉଁ ବ୍ୟକ୍ତି କୌଣସି ପ୍ରାପ୍ତିର ଆଶା ନରଖି ଦେଶ ହିତ ପାଇଁ ସମସ୍ତ ସଂପତ୍ତି ବାଜ୍ୟାପ୍ତ କରିଦେଲେ, ସେହି ମଣିଷ ଆଜି ଦକ୍ଷିଣା ମାଗୁଛି । କି ଦକ୍ଷିଣା ମାଗିବେ ସାର ?

ମୋର ନୀରବତାକୁ ଲକ୍ଷ କରି ସାର କହିଲେ ଗୁରୁ ଦକ୍ଷିଣା କଥା ଶୁଣି ଡରି ଗଲୁ ନରହରି ? ମୁଁ ଦ୍ରୋଣଙ୍କ ପରି ଏତେଟା ନିଷ୍ଠୁର ନୁହଁ । ଗୁରୁଦକ୍ଷିଣା ଆଳରେ ଏକଲବ୍ୟର ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ଛେଦନ କରି ସବୁଦିନ ପାଇଁ ତୁମକୁ ପଙ୍ଗୁ କରିଦେବି ଏହା ମୋର ଉଦ୍ଦେଶ୍ୟ ନୁହଁ । କି ଗୁରୁ ଦକ୍ଷିଣା ଆଳରେ ତୁମକୁ ଟଙ୍କା ଘର ଜମି ମାଗିବା ମୋର ଅଭିପ୍ରାୟ ନୁହଁ ।

ମୁଁ କହିଲି ଆପଣ ଦ୍ରୋଣାଚାର୍ଯ୍ୟ ପରି ନିଷ୍ଠୁର ନୁହନ୍ତି ବରଂ ଅଧିକ ମହନୀୟ ମହାପୁରୁଷ । ଆପଣ ଯେ ଆପଣଙ୍କର ଛାତ୍ରକୁ କୌଣସି ଅସୁବିଧାରେ ପକାଇବେ ନାହିଁ ଏ ବିଶ୍ୱାସ ମୋର ଆପଣଙ୍କ ଉପରେ ଅଛି । ମନଖୋଲି କୁହନ୍ତୁ ଆପଣ କି ଦକ୍ଷିଣାରେ ସନ୍ତୁଷ୍ଟ ହେବେ । ମୋର ସକ୍ଷ ଅନୁଯାଇ ନିଶ୍ଚୟ ପୂରଣ କରିବି ।

ବଡ଼ କରୁଣ କଣ୍ଠରେ ସାର କହିଲେ ଶୋଷରେ ମୋର ତଣ୍ଟିଶୁଖି ଯାଉଛି । ସାମାନ୍ୟ କିଛି ଜଳ ଦାନ କରି ମୋର ତୃଷ୍ଣା ନିବାରଣ କର । ମାଗି ନଥାନ୍ତି ବଡ଼ କ୍ଳାନ୍ତି ଅନୁଭବ କରୁଥିବାରୁ ଚାଲିବାକୁ ଅକ୍ଷମ । ଘରୁ ଆସିବା ବେଳେ ପାଣି ବୋତଲଟି ଛାଡ଼ି ଦେଇ ଆସିଥିବାରୁ ବଡ଼ ଅସୁବିଧାରେ ପଡ଼ିଯାଇଛି । ସାର ଜଳରୂପକ ଗୁରୁଦକ୍ଷିଣା ମାଗିବା ମାତ୍ରେ ମୁଁ ଚମକି ପଡ଼ିଲି । ମନେ ମନେ ଭାବିଲି ସାର ଯଦି ଦ୍ରୋଣଙ୍କ ଠାରୁ ଆହୁରି ନିଷ୍ଠୁର ହୋଇ ଗୁରୁଦକ୍ଷିଣା ସ୍ୱରୂପ ମୋ ମସ୍ତକ ହୃଦପିଣ୍ଡ ମାଗିଥାନ୍ତେ । ଦେବା ଟା ମୋ ପକ୍ଷରେ ସହଜ ହୋଇଥାନ୍ତା । ମାତ୍ର ଏ ନିର୍ଜଳ ବୈଶାଖ ମାସରେ ସମସ୍ତ ପୋଖରୀ ଗାଡ଼ିଆ ତଟିନୀ କୂପ ଶୁଷ୍କ ଜଳଶୂନ୍ୟ । ଲୋକମାନେ ଦୁଇମାଇଲ ଦୂର କୁସୁମୀ ନଦୀ ବାଲିରେ ଚୂଆ ମାରି ପିଇବା ପାଣି ସଂଗ୍ରହ କରୁଥିବା ବେଳେ ହଠାତ ଜଳ କେଉଁଠୁ ଆଣି ସାରଙ୍କୁ ପିଇବାକୁ ଦେବି ?

ଦୋ ଛକିଠାରେ ଥିବା ପୋଖରୀର ଜଳ ଶୁଖି ପଙ୍କ ବି ଫାଟି ଗଲାଣି । ଏହିଠୁ ଆମ ଗାଁ ସରଧାପୁର ଦୁଇମାଇଲ ବାଟ । ସେଠାରୁ ଜଳ ଆଣି ସାରଙ୍କ ତୃଷ୍ଣ ନିବାରଣ କରିବା କଷ୍ଟକର । ଅଧମାଇଲ ବାଟ ଦୂରଶାଳ ବଣି ସାନ୍ତାଳ ବସ୍ତିରୁ ଜଳ ମିଳିପାରେ । ହେଲେ ସେଠାକୁ ସାଇକେଲରେ ଯିବା ଆଦୌ ସମ୍ଭବ ନୁହଁ । ପାଦରେ ଚାଲି କରି ଯିବାକୁ ହେବ ।

ମୋର ଚିନ୍ତାଗ୍ରସ୍ତ ମୁଖମଣ୍ଡଳ ଲକ୍ଷ କରି ସାର କହିଲେ କ'ଣ ଖରାକୁ ଡ଼ରି ଯିବାକୁ ଅମଙ୍ଗ ହେଉଛି ? ଯଦି ସେମିତି କିଛି ଅସୁବିଧା ଅନୁଭବ କରୁଥାଅ ଘରକୁ ଯାଅ ଅବସ୍ଥା ଦେଖି ବ୍ୟବସ୍ଥା କରିନେବି ।

ମୁଁ କହିଲି ନା ସାର ! ମୁଁ ଯିବାକୁ ଅମଙ୍ଗ ନୁହଁ । ଏ ଛକ ଆଖପାଖରେ ଗାଁ ନଥିବାରୁ ତଥା ବିଲମଝିରେ ଥିବା ଏକ ମାତ୍ର ପୋଖରୀର ଜଳ ଶୁଖି ଯାଇଥିବାରୁ ଏଠାରେ ଅଧମାଇଲ ଦୂର ଶାଳବଣି ସାନ୍ତାଳ ବସ୍ତିରୁ ଜଳ ଆଣିବାକୁ ପଡ଼ିବ । ଫେରିବାରେ ସାମାନ୍ୟ ବିଳମ୍ବ ହୋଇପାରେ । ଆପଣ ବ୍ୟସ୍ତ ହେବେ ନାହିଁ ତ ?

ସାର କହିଲେ 'ଆରେ ନା ! ବ୍ୟସ୍ତ ହେବି କାହିଁକି ? ସଅଳ ଫେରିବାକୁ ଚେଷ୍ଟା କରିବ । ତୁମେ ଫେରିବା ପର୍ଯ୍ୟନ୍ତ ମୁଁ ତୁମକୁ ଅପେକ୍ଷା କରିଥିବି ।

ମୁଁ ବିଲ ବାଟରେ ଏକ ପ୍ରକାର ଧାଇଁବା ଆରମ୍ଭ କରି ଶାଳବଣି ସାନ୍ତାଳ ବସ୍ତିରେ ପହଁଞ୍ଚି କଂସା ଢାଳେ ପାଣି ଓ ଗୋଟେ ଗ୍ଲାସ ଧରି ଫେରିବାକୁ ଆରମ୍ଭ କଲି । ସାରଙ୍କ ପାଇଁ ଜଳ ଧରି କ୍ଷିପ୍ର ଗତିରେ ଫେରୁଥିବା ବେଳେ ବୈଶାଖ ମାସର ଟାଣ ଖରା ଝାଂଜି ପବନ ଅମଡ଼ା ବାଟ କଣ୍ଟା ଝଟା କିଛି ମୋତେ ବାଧୁ ନଥିଲା । ଖାଲି ସାରଙ୍କ ଶୁଖିଲା ମୁହଁ ଦିଶି ଯାଉଥିଲା । ଜଳଧରି ଫେରୁଥିବା ବେଳେ ମୋ ମନରେ ଯେଉଁ ସରାଗ ଥିଲା ଆମ୍ବଗଛ ମୂଳରେ ପହଁଞ୍ଚିବା ମାତ୍ରେ ସେ ସୁଖ ମୋ ମନରୁ ମଉଳି ଗଲା । ଦେଖିଲି ଦୈତାରି ସାର ସେଇ ଆମ୍ବଗଛ ମୂଳରୁ ବାହାରି ଥିବା ମୋଟା ଚେରରେ ମୁଣ୍ଡ ରଖି ଶୋଇ ଯାଇଛନ୍ତି । ପାଟି ତାଙ୍କର ଅଧା ମେଲା । କେ ଜାଣେ କାହିଁକି ଏକ ଅଜଣା ଆଶଙ୍କାରେ ଶଙ୍କି ଗଲି । ବଡ଼ ପାଟିରେ ଚିତ୍କାର କରି ଡାକିଲି ସାର ସାର ସାର ଦୟାକରି ଉଠନ୍ତୁ । ମୁଁ ଆପଣଙ୍କ ପାଇଁ ଶିତଳ ଜଳ ଆଣିଛି । ମନଭରି ପିଅନ୍ତୁ । ତୃଷ୍ଣା ନିବାରଣ କରନ୍ତୁ । ଦୟାକରି ମୋ ହାତରୁ ଗୁରୁଦକ୍ଷିଣା ଗ୍ରହଣ କରି ମୋତେ ଋଣମୁକ୍ତ କରନ୍ତୁ ।

ସାର ମୋର ଡାକ ଶୁଣିଲେ ନାହିଁ କି ଉଠିଲେ ନାହିଁ । ଆମ୍ବଗଛ ଚେରରେ ମୁଣ୍ଡରଖି ସବୁଦିନ ପାଇଁ ମହାଯାତ୍ରାର ଯାତ୍ରୀ ହୋଇଗଲେ । ଛୋଟପିଲାଟି ପରି କଇଁ କଇଁ କାନ୍ଦି ପକାଇଲି । ସାରଙ୍କ ମୁଣ୍ଡ ପାଖରେ ବସି ଆଣିଥିବା ଜଳତକ ତାଙ୍କ ମେଲା ମୁହଁରେ ଢ଼ାଳି ଦେଇ କହିଲି ମୁଁ ମୋର କର୍ତ୍ତବ୍ୟରେ ଅବହେଳା କରିନାହିଁ । ମୋ ଉପରେ ଅଭିମାନ କରି ଚାଲିଗଲେ କାହିଁକି ? ସେତେବେଳର ମୋ ମନର ଅବସ୍ଥା ମୋ ବ୍ୟତୀତ କେହି ଅନୁଭବ କରିପାରି ନଥାନ୍ତେ ।

ସାର ମୋର ସେମିତି ଚିତ ହୋଇ ଶୋଇ ଥାନ୍ତି । ଦେଖିଲେ ମନେ ହେବ ସତେ ଯେମିତି ଆଜି ଦ୍ୱିପ୍ରହରେ ଏକ ଅଚାନକ କାଳ ବୈଶାଖୀର ମାଡ଼ରେ କଲ୍ୟାଣପୁରର ଶ୍ରୀ ଭୂଲୁଣ୍ଠିତ । ଶାନ୍ତି ମୁକ୍ତି ତଥା ପୁରୁଣା ବରଗଛଟା ତାର ଶାଖା ପ୍ରଶାଖା ସହ ଉଦ୍‌ପାଟିତ । କଲ୍ୟାଣପୁର ଗାଁର ସମସ୍ତ ଶିକ୍ଷାୟତନ ସାଂସ୍କୃତିକ ଅନୁଷ୍ଠାନ ଉଦିତ ସୂର୍ଯ୍ୟ ସତେ ଯେମିତି ଅସ୍ତମିତ । ଖାଲି କଲ୍ୟାଣପୁର ନୁହଁ ଆଖପାଖ ପଚାଶ ଖଣ୍ଡ ଗ୍ରାମର ଦୈତାରି ଗାନ୍ଧୀଙ୍କର ମହା ପ୍ରାଣାୟ ହୋଇଗଲା ।

ସାରଙ୍କ କାନ୍ଧରେ ଝୁଲୁଥିବା ଖଦଡ଼ ଝୁଲାକୁ ଆସ୍ତେ କରି କାଢ଼ି ଆଣିଲି । ଖୋଲି ଦେଖିଲି ସେଥିରେ ଅଛି ସାର ପାଇ ଥିବା ପେନ୍‌ସନ ଟଙ୍କା, ଗାନ୍ଧୀଙ୍କର ବାଣୀ ସମ୍ବଳିତ ଏକ ବହି ଭାଗବତ ଗୀତା ।

ମନେ ହେଲା ମୋର ବିଳମ୍ବ ପାଇଁ ସାର ମୋ ଉପରେ ଅଭିମାନ କରି ଚାଲିଗଲେ । ତାଙ୍କର ପାଦଧୂଳି ଆଣି ମୁଣ୍ଡରେ ବୋଳିଦେଲି । ସ୍ଥାନୀୟ ଲୋକଙ୍କ ସହାୟତାରେ ଜୁଇ ସଜାଡ଼ି ସାରଙ୍କର ମର ଶରୀରକୁ ଜୁଇରେ ଶୁଆଇ ଦେଇ, ପାଇଥିବା ପେନ୍‌ସନ୍ ଟଙ୍କା ଗାନ୍ଧୀଙ୍କ ନୀତି ବହି ଭଗବତ ଗୀତା ଖଦଡ଼ ଧୋତି ଟୋପି ଉତ୍ତରୀ ଏପରିକି ଝୁଲାଟିକୁ ମଧ୍ୟ ଜୁଇ ନିଆକୁ ନିକ୍ଷେପ କଲି ।

ଅଗ୍ନିର ହେଲିହାନ ଶିଖାରେ ଏ ସମସ୍ତ ପଦାର୍ଥ ସହ ସାରଙ୍କର ମର ଶରୀରକୁ କୁହୁଳି କୁହୁଳି ଯାଉଥିବା ବେଳେ ଗାନ୍ଧୀବାଦର ଚିନ୍ତାଧାରା ଯେମିତି ପୃଥିବୀ ପୃଷ୍ଠରୁ ଆସ୍ତେ ଆସ୍ତେ ଅପସରି ଯାଉଛି ମନେ ହେଲା ।


ଈଶ୍ୱରଙ୍କୁ ହାତ ଯୋଡ଼ି ପାର୍ଥନା କଲି । ହେ ପ୍ରଭୁ ! ସରକାରଙ୍କ ଦ୍ୱାରା ପ୍ରକାଶିତ ଅଂଶୁଘାତ ଜନିତ ଅପମୃତ୍ୟୁ ତାଲିକାରେ ମୋ ସାରଙ୍କୁ ନାମ ପ୍ରକାଶ ନ ପାଉ । ପ୍ରକାଶିତ ହେଲେ ତାଙ୍କର ତିନି ପୁଅ ନିଶ୍ଚିତ ଭାବରେ ସରକାରଙ୍କ ଠାରେ ଅନୁକମ୍ପା ମୂଳକ ଅନୁଦାନ ପାଇଁ ଦାବି କରିବେ । ସାରଙ୍କ ପୁଅମାନଙ୍କ ପ୍ରତି ମୋର ମନ ଘୃଣାରେ ପୁରିଗଲା । ଦେବତୁଲ୍ୟ ବାପାର ମୃତ୍ୟୁ ବେଳେ ମୁହଁରେ ଆଂଜୁଳାଏ ଜଳ ଦେବାକୁ ସେମାନେ ଅକ୍ଷମ ।

ମୋ ପ୍ରିୟ ସାରଙ୍କ ସ୍ମୃତିରେ ସେଇ ଦୋ ଛକିଠାରେ ଆମ୍ବଗଛ ମୂଳରେ ଯେଉଁଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ଏକ ସୁନ୍ଦର ସମାଧୀଟିଏ ତୋଳି ଦେଇ ତା ଦେହରେ ନାଲି ନେଳୀ ରଙ୍ଗର ଅକ୍ଷର ଗୁଡ଼ିକୁ ରଙ୍ଗେଇ ଦେଇ ଲେଖିଦେଲି -

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର
ଏ ଗୁରୁ ଦକ୍ଷିଣା ତୁମପାଇଁ ହେ ଦୈତାରି ସାର

**ପଦାଗାଁ, ଖନ୍ତାପଡ଼ା, ବାଲେଶ୍ୱର**

# ଗୀତ ଗାଉଥା'ରେ ପକ୍ଷୀ



ସତ୍ୟବ୍ରତ ଦାସ

ଶୀତ ସକାଳ । କୁଆଁରୀ ଖରା ପୃଥିବୀର ଛାତିକୁ ଛୁଇଁଲାଣି । ନିଦ ମଳମଳ ଆଖିରେ ମିନାକ୍ଷୀ ଶେଯରୁ ଉଠି ବସିଲା । କାଂଥ ଘଣ୍ଟାରେ ସେତେବେଳକୁ ସକାଳ ଆଠଟା ବାଜିବାକୁ ଯାଉଛି । ଖୁବ୍ ଅସହାୟ ଏବେ । କାଲି ରାତିଟା ସାରା ଭଲ ନିଦ ହୋଇନି । ଅନେକ ଆଶଂକା ଓ ଭୟରେ ରାତିଟା ପାହି ଯାଇଛି । ଅଳସ ହାଇଟାଏ ମାରି ଶୋଇବା ଘର ଝର୍କା ଖୋଲି ବାହାରକୁ ଚାହିଁଲା । ଝର୍କା ଦେଇ ଯୋଉ ସାମ୍ନା ରାସ୍ତାଟା ଦିଶୁଛି ସେଠାରେ ଲୋକବାକ ଦିଶୁ ନଥିଲେ । ରାସ୍ତାଟା କିଂତୁ ପରିଷ୍କାର ବାରି ହୋଇ ପଡୁଛି । ଘର ଆଗରେ ଯୋଉ ଆମ୍ବଗଛଟା ଦିଶୁଛି, ସେଇଟା ତା'ର ବାପା ଲଗେଇଥିଲେ । ଏସନ ଗଛରେ ପହିଲି ବଉଳ ଆସିଛି । ପେନ୍ଥା ପେନ୍ଥା ବଉଳରେ କି ଅପରୂପ ଦିଶୁଛି ମ ! ଫଗୁଣ ଆସିବାର ସୂଚନା ଦେଲାଣି । କିଶୋରୀ ଆମ୍ବଗଛଟି ପୁଷ୍ପବତୀ ହୋଇଛି । ଭରା ଯୌବନରେ ମତୁଆଲି ହୋଇ ଫଗୁଣର ଆଗମନକୁ ସ୍ୱାଗତ ପାଇଁ ପ୍ରତିକ୍ଷା କରିଛି । ଆଖିରେ ତା'ର କେତେ ଅସରା ସ୍ୱପ୍ନ ସତେ ! ହେଲେ ବିଟପ ପୁରୁଷ-କୁହୁଡ଼ିର ପାଶବନ୍ଧରୁ ନିଜକୁ ମୁକୁଳାଇ ପାରୁନାହିଁ । ଭାରି ଅସ୍ତବ୍ୟସ୍ତ ହୋଇପଡୁଛି ତା'ର କମନୀୟ ରୂପ ଶୃଙ୍ଗାର । ସ୍ୱପ୍ନକୁ ସାକାର କରି ପାରୁନାହିଁ । ନିରବରେ ଲୁହ ବୁଂଦା ଠପ୍ ଠପ୍ ଝରି ପଡୁଛି ମାଟି ଉପରେ । ସେଇ ଆତ୍ମୀୟତାର ବୋଧରେ ବିଚରା ଆମ୍ବଗଛର ଘନ ଘନ ନିଶ୍ୱାସ ମିନାକ୍ଷୀର କାନରେ ବାଜୁଛି । ସତେ କି ଅଭାଗିନୀ । ଏଇ ଆମ୍ବଗଛଟି ! ଠିକ୍ ତା'ପରି ଅଭାଗିନୀ ମିନାକ୍ଷୀ ସ୍ତବ୍ଧ ହୋଇ ଚାହିଁ ରହିଛି ଗଛ ଆଡ଼େ ।

ଭାବନାର ଅଡୁଆ ସୂତାଖିଅ ବୁଢ଼ିଆଣି ଜାଲପରି ତା' ଦେହସାରା ଗୁଡ଼େଇ ତୁଡ଼େଇ ହୋଇ ପଡୁଛି । ତା' ବାପା ଦି'ବର୍ଷ ତଳୁ ଆରପାରିକୁ ଗଲେଣି । ଆଉ ଠିକ୍ ତା'ପଛକୁ ତା'ବୋଉ; ପୁଣି କେଇଟା ଦିନ ଯାଉଣୁ ତା' ଜେଜେମା' । ଏସବୁର ମୂଳରେ ଏଇ ଅଦିନ କୁହୁଡ଼ି ପରି ଯିଏ ଆସି ଚାଲିଗଲା, ସିଏ କୁନା ଭାଇ । ଏଇ କୁନାଭାଇ ଯୋଗୁଁ ତାଙ୍କର ହସଖୁସିର ସଂସାର ଉଜୁଡ଼ିଗଲା । ସେ ହେଲା ଅନାଥିନୀ । ହେଲେ କୁନାଭାଇ ଏବେ କୋଉଠି ? ସେଇ ହିଁ ଦିନେ ତା'ର ସପ୍ନର ମଣିଷ ଥିଲେ । ରୂପ ରାଇଜର ରାଜାକୁମାରକୁ ନେଇ ଅନେକ ସୁଖଦ ସ୍ୱପ୍ନ ଦେଖୁଥିଲା । ସୁନ୍ଦର ଏକ ବସାଘର । ସେଇ ଘରର ପ୍ରତିଟି ଧୂଳିକଣାରେ ବାରିହୋଇ ପଡୁଥିଲା କୁନାଭାଇର ବାସ୍ନା । ଆହଃ... ! ବାସ୍ନାଭିଜା ଘର... ଛୋଟ ସଂସାର । ତାଙ୍କରି ହାତଧରି ବାଟ ଚାଲିବାର ସପ୍ନରେ ସେ ପୁଲକିତା ହୋଇ ଉଠୁଥିଲା । ସେଇ ଘରର ଦାଣ୍ଡ, ଛୋଟ ଏକ ଅଗଣା, ଆଉ ଶୋଇବା ଘର । ତା' ବାହାଘର ସକାଶେ ତା'ବାପା ବଢ଼େଇକୁ ଆଗତୁରା ବଇନା ଦେଇ ବରାଦ୍ ମୁତାବକ ବନାଇଥିଲେ ସୁନ୍ଦର ପଲଙ୍କ । ତା'ଉପରେ ମଖମଲି ବିଛଣା ଚାଦର । ପାଖପାଖି ଦୁଇଟି ନରମ ତକିଆ । ସେଇ ପଲଙ୍କର ନରମ ଶେଯରେ କୁନାଭାଇଙ୍କ ଉଷୁମ୍ ଛାତିତଳେ ମୁଣ୍ଡ ଗୁଂଜିଦେଇ ମିଳନର ପ୍ରଥମ ରାତ୍ରିରେ ସଅଁପି ଦେଇଥାନ୍ତା ତା'ର କୁମାରୀତ୍ୱ । ଜୀବନ ସାର୍ଥକ ହୋଇଥାନ୍ତା ।

ଉଭୟଙ୍କ ପ୍ରେମ ଓ ଭଲ ପାଇବାର ସ୍ମାରକ ବହନ କରି ଏ ଧରାର ଆଲୋକ ଦେଖିବାକୁ ଆସିଥାନ୍ତା ସଦ୍ୟ ଶିଶୁଟିଏ । ତା'ଣ କୁଆଁ କୁଆଁ ଡାକ, ଗୁଲୁଗୁଲିଆ ଓଠଧାରେ ଚେନାଏ ହସ ଦେଖି ସଂସାର ପୂରି ଉଠୁଥାନ୍ତା । ଜୀବନ ସାର୍ଥକ ହୋଇଥାନ୍ତା ମାତୃତ୍ୱ ଲାଭର ଚରମ ତୃପ୍ତିରେ । ସବୁ କୁଆଁରୀ ଝିଅ ପୁଷ୍ପବତୀ ହୁଅନ୍ତି । ବିବାହ ବନ୍ଧନରେ ସମୟ କ୍ରମେ ଆବଦ୍ଧ ହୁଅନ୍ତି । ସ୍ୱାମୀ ସୁଖ ଲାଭ କରନ୍ତି । ମାତୃତ୍ୱ ଲାଭ କରି ଜୀବନକୁ ପରିପୂର୍ଣ୍ଣ କରନ୍ତି । ସବୁ କୁଆଁରୀ ଝିଅର କାମନା ପରି ମିନାକ୍ଷୀ ଆଶା କରିଥିଲା । ତାହା ହୋଇ ପାରିଲା କି ? ଦୁରାଶାରେ ପରିଣତ ହେଲା ମିନାକ୍ଷୀର ସପ୍ନର ସଉଧ ।

ଖରା ମାଡ଼ିଲାଣି । ବାସିଲୁଗା, ବିଛଣା ଚାଦର ସବୁତକ ଧୂଆଧୁଇ ସାରି କ'ଣ ଦି'ଟା ପାଟିକୁ ନେବ । ରୋଷେଇ ବାସ କରିବ । ତା' ପୂର୍ବରୁ ଗାଧୋଇ ସାରି ଆସି ଚା'କପେ ପିଇବ । ସବୁକାମ ଯନ୍ତ୍ରବତ୍ କରି ଚାଲିବ । ସ୍ନାନ ସାରି ଓଦାଲୁଗାପଟାକୁ ଅଗଣାରେ ବନ୍ଧା ହୋଇଥିବା ତାର ଉପରେ ଶୁଖାଇଦେଲା । ଦାଣ୍ଡ ପଟକୁ ଗଲା । ନିଜର ଓଦା ପଖଳା କେଶକୁ ଶୁଖାଇବା ଲାଗି ଖରାକୁ ପିଠି କରିବସିଲା ।

ତୁଚ୍ଛାଟାରେ ଅଳସରେ ବସିବ କାହିଁକି ? ବସିଲା ମାତ୍ରେ ଅଡୁଆ ସୂତାପରି ଏଣୁତେଣୁ ଚିନ୍ତା ଘାରିବ । ସପ୍ନର ସଉଧ ଚୁରମାର ହୋଇ ଯାଇଛି । ସପ୍ନ ହିଁ ସପ୍ନ କେବଳ । ସପ୍ନ କଦାବି କ୍ୱଚିତ୍ ସତ ହୁଏ । ଜ୍ୟୋତିଷର ଗଣନା ପରି । ଫି' ବର୍ଷ ଶୀତ ଦିନେ କୁହୁଡ଼ି ଘୋଟେ । ଆମ୍ବଗଛରେ ବଉଳ ଆସେ । ସବୁତକ ଆମ୍ବବଉଳକୁ କ'ଣ କୁହୁଡ଼ି ଜାଳିଦେଇ ପାରେ । କିଛି ଆମ୍ବ ନିଶ୍ଚୟ ଫଳେ । ତେବେ କୁହୁଡ଼ିର ଦୋଷ କ'ଣ ? ସ୍ମୃତିର ପଟଳରେ ଭାସି

ଉଠିଲା ବାପା, ବୋଉ, ଜେଜେମା'ଙ୍କ ମୁହଁ । ଆଖି କୋଣରେ ଲୁହ ଜକେଇ ଆସିଲା ।

ଶୀତଦିନିଆ ଖରା ବିଛେଇ ପଡ଼ିଥିବ ଅଗଣାସାରା । ଖରାକୁ ପିଠି କରି ବସିକିନା ତା'ବୋଉ ଓ ଜେଜେମା' ବଡ଼ି ପାରୁଥିବେ । ଖରାକୁ ଚାହିଁ ଏଇଠି ବୋଉ ଆଣି ଥୋଇଦେବ କଂସା ଥାଳିରେ କଂସାଏ ପଖାଳ । ବାରିରୁ ସଦ୍ୟ ତୋଳା ହୋଇଥିବା ଶାଗ ଖରଡ଼ା; ବଡ଼ିଚୁରାକୁ ପଖାଳଖିଆର ମଜା ନିଆରା । ପାଖରେ ବାପା ପିଢ଼ା ଉପରେ ଚକା ପାରି ବସିଥିବେ । ତଳକୁ ମୁହଁପୋତି ଧୀରେ ଧୀରେ ଖାଉଥିବେ । କଥା ନଅସରେ ଢିଙ୍କିଶାଳରୁ ଢେଙ୍କାନାଳ ଯାଏ ଗପୁଥିବ ଜେଜେମା' । ସାଇକେଲ୍ ଠେଲି ଠେଲି କୁନାଭାଇ ଆସି ପହଂଚି ଯିବେ । ହେଇପରା କୁନା ଆସିଲେଣି କହି ବୋଉ ଅଧାଖିଆ ଭାତ ଥାଳିରୁ ଉଠି ହାତମୁହଁ ଧୋଇବାକୁ ଧାଇଁଯିବେ । କୁନା ଭାଇଙ୍କ ଚର୍ଚ୍ଚାରେ ସଭିଏଁ ପ୍ରାଣପଣେ ଲାଗିଯିବେ । କୁନାଭାଇ ମାୟାରେ ବାପା, ବୋଉ ସଭିଏଁ ବାୟା । ମା'ଚେଉଣ୍ଡ କୁନାଭାଇ । ଏଥିପାଇଁ ବୋଉ ତାକୁ ଖୁବ୍ ସିନିହ ଶ୍ରଦ୍ଧା କରେ । ବୋଉକୁ ସେ ଡାକୁଥିଲେ ବୋଉ । ବାପାଙ୍କୁ ଡାକନ୍ତି ମଉସା । ଘରକୁ ଆସିଲେ ଜେଜେମା'ଙ୍କୁ ମୁଣ୍ଡିଆଟି ମାରି ପ୍ରଥମେ ଖବରକାଗଜ ପଢ଼ନ୍ତି । ଚୁପ୍‌କିନା ତଳକୁ ମୁହଁପୋତି ବସି ପଢ଼ାପଢ଼ି କରନ୍ତି । କଥା କୁହନ୍ତି ଖୁବ୍ କମ୍ । ଜେଜେମା' କୁନା ଭାଇଙ୍କୁ ଖୁବ୍ ଶ୍ରଦ୍ଧା କରେ । କହେ କୁନା ଆମର ସୁନା ପିଲା । ମାଛିକୁ ମ' ବୋଲି କହେ ନାହିଁ । ଆଉ ଘରେ ଯାହା କିଛି ପୁନିଅଁପରବ, ଆଗ ଖୋଜା ପଡ଼େ କୁନା କିଆଁ ଆସିଲା ନାଇଁ ? ସିଏ ଆସିଲେଇ ସଭିଙ୍କ ମନ ପୂରି ଉଠିବ । ଠା' ପିଢ଼ା ବସିବ । ବାପା ଭାତ ଥାଳିରୁ ଭାତ ପାଟିକୁ ନେବେ । ଆଉ ଜେଜେମା' ମୁରୁକି ମୁରୁକି ହସୁଥିବ । ବୋଉର ପାନଖିଆ ପାଟିରୁ ମହାର୍ଘ ହସ ଟିକକ ସେତିକିବେଳେ ଉକୁଟି ଉଠିବ । ମିନାକ୍ଷୀ ଭାବୁଥିଲା ସତରେ ବୋଉ କୁନାଭାଇକୁ ତା' ପୁଅ କରିଛି । ପ୍ରତ୍ୟେକ ପୁଅ ପାଇଁ ମା'ମନ କାହିଁରେ କେତେ ଖୁସି କେଜାଣି । ଏକୁଟିଆ କବାଟକଣରେ ଲୁଚିକିନା ଲକ୍ଷ୍ୟ କରୁଥିବ କୁନା ଭାଇକୁ । ତା'ମନବୃନ୍ଦାବନରେ ଛାତିତଳେ ଢ଼େଉ ଉଠୁଥିବ ଯମୁନାରୁ ଉଜାଣି । ଆଉ ତା' ଛାତିତଳେ ଉଠୁଥିବ ଶିହରଣ ଆଖିସହ ଆଖି ଉଭୟଙ୍କ ମିଶିଯିବା କ୍ଷଣି । ଲାଜ ଲାଜ ଆନତ ଆଖିରେ ଲୁଚି ଲୁଚି ଦେଖୁଥିବ ତା'ର ପ୍ରାଣାଧିକ କୁନାଭାଇଙ୍କୁ । ଠିକ୍ ଏତିକିବେଳେ ବୋଉ ଡାକିବ "ଆଲୋ ମିନି ! ଶୋଇ ପଡ଼ିଲୁ କି ? ପାଣି ଢ଼ାଳ ଆଣି ଥୋଇ ଦେଇ ଯା' ।" ସନ୍ତର୍ପଣରେ ଆସି ପାଣିଢ଼ାଳ ଥୋଇଦେଇ ଆସୁ ଆସୁ କୁନାଭାଇ ସହ ସିଏ ମୁହାଁମୁହିଁ ହୋଇଯିବ । ସିଏ ଲାଜରେ ବୁଲିପଡ଼ି ଫେରି ଯାଉଥିବ । ଠିକ୍ ଏତିକିବେଳେ କୁନାଭାଇ ଆକଟକଲା ପରି ପଚାରିବେ, "ମିନା ! ମନଦେଇ ପଢ଼ାପଢ଼ି କରୁଛୁ ତ ?" ଛୋଟିଆ ହୁଁଟିଏ କହି ଟାଉ ଟାଉ କିନା କବାଟ କୋଣରେ ଲୁଚିଯିବ ।

ଦିନକର ମାଛି ଅଂଧାର ବେଳ । ବାରିଆଡ଼େ ପିଣ୍ଡାଉପରେ ବସି ବାପା ବୋଉ ଏକାନ୍ତରେ କିଛି ସନ୍ତ ସ୍ୱରରେ ଆଲୋଚନା କରୁଥିଲେ । ମିନାକ୍ଷୀ କାନ ପତେଇ ନିଘେଇକିନା ଶୁଣିବାକୁ ଲାଗିଲା । ବାପାଙ୍କ ସ୍ୱର- ମିନା ପାଇଁ କୁନା ହିଁ ଠିକ୍ ପସନ୍ଦର ଯୋଡ଼ି । ଡ୍ବାଇଁ ହେଲେ ମିନା ସୁଖୀ ହେବ । ମାଷ୍ଟ୍ର ଚାକିରି । କ'ଣ କହୁଛ ? ବୋଉର ସ୍ୱର -" ସେ ଚାକିରି ଉପୁରି କଥା ଛାଡ଼ ମ' । ପିଲାଟି ଖୁବ୍ ସଚ୍ଚରିତ୍ର ଆଉ ସାଧୁ ମଧ । ଆଉ ଏଥିରେ ଦ୍ୱିମତ ହେବାର କିଛି କାରଣ ନାହିଁ । କଥା ହେଉଛି ତା'ର ମୁରବୀ କିଏ ? ସେମାନଙ୍କୁ ପଚାରି ବୁଝି ବିଚାରି କାମ କଲେ ସିନା ହେବ !" ହଉ ବୁଝିବା କାଲିକି କହି, ବାପା ଅନ୍ୟତ୍ର କାମରେ ଉଠିଗଲେ । ମିନାକ୍ଷୀ ନିରୋଳାରେ ବସି କ'ଣ ଚିନ୍ତା କରୁଥାଏ । ଜେଜେମା' ତାକୁ ଲକ୍ଷ୍ୟ କରି କୁହେ - "ରହଲୋ ହୁଣ୍ଡି, ଏଇ ଫଗୁଣରେ ଆସୁଛି ତୋ'ବର ।" ବାସ୍ ! ମିନାକ୍ଷୀ ଲାଜେଇ ଯାଇ କୃତ୍ରିମ ରାଗକରି କହି ଉଠେ- 'ଆଲୋ, ତୁ ତାକୁ ବା'ହେଇ ପଡୁନୁ ?' ଦୁମ୍ ଦୁମ୍ ପାଦ କଚାଡ଼ି ଶୋଇବା ଘରେ ପଶି କବାଟ କିଳିଦିଏ । ଜେଜେମା' ପାକୁଆ ପାଟିରେ ହସିଉଠେ । ମିନିବୋଉ ରୋଷଶାଳରେ ଥାଇ ଶୁଣିପାରେ । ଓଠଧାରେ ଚେନାଏ ହସ ଖେଳିଯାଏ । ବଡ଼ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି କହେ- "ବଳିଦାତା, କର୍ଣ୍ଣଦାତା, ଦାତା ଜୀମୂତବାହନ, ଶ୍ରେଷ୍ଠଦାତା ଜନାର୍ଦ୍ଦନା । କେମିତି ହାତକୁ ଦି'ହାତ ଶୀଘ୍ର କରିଦେଲେ ଯାଏ ।"

ଆଉ ଦିନେ କୁନାଭାଇଙ୍କୁ ବାପା ଡକାଇ ପଚାରିଥିଲେ ତାଙ୍କର ମତାମତ । ବାପା କହୁଥିଲେ - "ବାବୁ, ତୁମକୁ ଦେଖି ଆମର ମାୟା ଲାଗି ଯାଇଛି । ସ୍ଥିର କରିଛୁ ଆମର ଏକମାତ୍ର ସନ୍ତାନ ମିନିକୁ ତୁମ ହାତରେ ଛନ୍ଦିଦେବୁ । ଏଣୁ ତୁମର ମୁରବୀ କିଏ ? ଜଣାଇଲେ ଆମେ ଆଗେଇବୁ । ନଚେତ୍ ଲୋକେ ବୋଲିବେ କ'ଣ ? ଚିଇଁକି ଉଠିଲେ କୁନାଭାଇ ସେଦିନ । ରୋକ୍‌ଠୋକ୍ କହି ପକାଇଲେ - "ମଉସା, ବିବାହ କଥା ଆଦୌ ଚିନ୍ତା କରିନାହିଁ । ଶୈଶବରୁ ମା'କୁ ହରାଇଛି । ବାପା କିଏ ଜାଣିବା ଆଗରୁ ଆନାଥାଶ୍ରମକୁ ମୋତେ ପଠାଇ ଦିଆଯାଇଛି । ଜାତି ଗୋତ୍ର କ'ଣ ଜାଣେନା । ଏଣୁ ମୁଁ ଏସବୁର ଧାର ଧାରେନା । । ଆଇ.ଏ.ଏସ ପରିକ୍ଷା ପାଇଁ ଲାଗିଛି । ପରିକ୍ଷା ଦେବି ନିକଟରେ । ଫଳ ବାହାରିବା ପରେ ଯୋଉ କଥା । କୁନାଭାଇଙ୍କ ଠାରୁ ଏଭଳି ଅପ୍ରତ୍ୟଶିତ ଉ ର ଶୁଣି ବାପା କ୍ଷଣେ କାଳ ଗୁମ୍‌ମାରି ବସି ରହିଲେ । ତା'ପରେ ଇଷତ୍ ହସିଦେଇ କହିଲେ - 'ବେଶ୍ କଥା । ମନଦେଇ ପଢ଼ । ପରିକ୍ଷାରେ ସଫଳ ହୋଇ ସୁନାମ ଅର୍ଜନ କର । କହି ବାପା ଚଉକିରୁ ଉଠି ବାହାରକୁ ଚାଲିଗଲେ ।

ଏଣୁ ଘଟଣାର କିଛି ମାସପରେ । କୁନାଭାଇ ପ୍ରିଲିମିନାରୀ ପରିକ୍ଷା ଦେବା ପୂର୍ବରୁ ବାପାଙ୍କ ପାଖକୁ ଆସିଥିଲେ । ଉଦ୍ଦେଶ୍ୟ ଥିଲା କିଛି ଟଙ୍କା ଧାର ସୂତ୍ରରେ ନେଇ ପରିକ୍ଷାରେ ବସିବେ । ବାପା

ତାଙ୍କର ଅନୁରୋଧକୁ ଗ୍ରହଣ କରି ସଙ୍ଗେ ସଙ୍ଗେ ଟଙ୍କା ଦେଇଥିଲେ । କୁନାଭାଇ ପ୍ରିଲିମିନାରୀ ପରିକ୍ଷାରେ ସଫଳ ହେଲେ । ତା'ପରେ ମେନ୍ ପରିକ୍ଷା । ସେଥିରେ ମଧ ସଫଳ ହେଲେ । ମେନ୍ ପରିକ୍ଷାରେ ସଫଳତା ଲାଭ କରି କୁନାଭାଇ ଧାଇଁ ଆସିଥିଲେ ଆମ ଘରକୁ । ବାପା ବୋଉଙ୍କୁ ଦଣ୍ଡବତ ପକାଇ ଆଖିରୁ ଅଶ୍ରୁ ଗଡ଼ାଇଥିଲେ । ତା'ପରେ ତାଙ୍କର ଇଣ୍ଟରଭ୍ୟୁ ହେଲା ଦିଲ୍ଲୀରେ । ବାପାଙ୍କ ଠାରୁ ପାଞ୍ଚହଜାର ଟଙ୍କା ମାଗି ନେଇଥିଲେ । ଘରୋଇ ସ୍କୁଲରେ ଶିକ୍ଷକତା ଚାକିରି । ଦରମା କେବେ ମିଳେ ତ, କେଉଁ ମାସରେ ନାହିଁ । ଏଣୁ ତାଙ୍କର ସମସ୍ତ ଅଭାବ ଅସୁବିଧା ବେଳେ ବାପା ହିଁ ଥିଲେ ଦିଗ ବାରେଣୀ । କୁନା ଭାଇଙ୍କ ଉପରେ ବାପାଙ୍କର ନିର୍ମଳ ବିଶ୍ୱାସ ଥିଲା ।

କୁନା ଭାଇ ଦିଲ୍ଲୀ ଯିବାର ମାସେଠୁ ଅଧିକ ହେଲାଣି । କାହିଁ ଚିଠି ପତ୍ର ଏ ଯାଏ ଦେଲା ନାହିଁ । ଦିଲ୍ଲୀରେ କେଉଁଠି ହଜିଗଲା କି ଆଉ ! ବାପା ବେଳକୁ ବେଳ ବ୍ୟସ୍ତ ହୋଇ ପଡୁଥିଲେ । ବୋଉ ମନକୁ ମନ କୁହେ - କ'ଣ ଖାଉଥିବ, କୋଉଠି ରହୁଥିବ କେଜାଣି । ଛେଉଣ୍ଡ ପିଲାଟାଏ । ଏଣେ ସ୍କୁଲର ସେକ୍ରେଟାରୀ ଆସି ବାପାଙ୍କୁ ପଚାରୁଥାନ୍ତି - 'କୁନା ମାଷ୍ଟ୍ରଙ୍କ ଖବର କ'ଣ ? ଦୀର୍ଘ ଅନୁପସ୍ଥିତି ଯୋଗୁଁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ହେଉଛି । ଅଭିଭାବକ ମାନେ ଅଭିଯୋଗ କଲେଣି । ଆମେ ବାଧହୋଇ ଅନ୍ୟଶିକ୍ଷକ ଆଣି ସ୍କୁଲରେ ବାହେଲ କରିବୁ । ଦୀର୍ଘ ଅବଧି ଛୁଟି ନିମନ୍ତେ କାରଣ ଦର୍ଶାଇ ନଥିବାରୁ ତାଙ୍କ କାର୍ଯ୍ୟରୁ ଅନ୍ତର କରାଗଲା ବୋଲି ଜାଣି ରଖନ୍ତୁ ।' ବାପା କେବଳ ଗୁମ୍ମାରି ବସି ରହନ୍ତି । ତାଙ୍କର ଆଖିଛଳଛଳ ହେବାର ଅନେକ ବାର ଲକ୍ଷ୍ୟ କରିଛି ମିନାକ୍ଷୀ । ଦେଢ଼ମାସ ପରେ ହଠାତ୍ ଦିନ ଦି'ପହର ବେଳେ ଡାକବାଲା ଆସି କବାଟ ଠକ୍ ଠକ୍ କଲା । ବାପାଙ୍କ ହାତକୁ ଚିଠିଟିଏ ବଢ଼ାଇ ଦେଇ ଫେରିଗଲା । ବାପା ଚିଠି ଖୋଲି ପଢ଼ିଲେ । ଖୁସିରେ ପାଟିକରି କହିଲେ - "ହେଇ ଶୁଣ, କୁନା ଆମର ହାକିମ ବାବୁ ହୋଇଗଲା । ଆଇ.ଏ.ଏସ୍ ପାଇଗଲା ଆଉ ଲେଖିଛି ମସୌରୀରେ ତା'ର ଟ୍ରେନିଂ ପଡ଼ିଛି ।" ଏଇ ଖବରଟି କ୍ଷଣିକରେ କାନକୁ କାନ ବ୍ୟାପିଗଲା ସାରା ଗାଁଟିରେ । କୁନା ମାଷ୍ଟ୍ରଙ୍କ ପରି ଅନାମଧେୟ ତରୁଣଟିକୁ ଯେଉଁ ଗାଁର ଅଭିଭାବକ, ଗାଁ ବାଲା ମିଶି ବରଦାସ୍ତ କରିଥିଲେ, ସ୍କୁଲ ପରିଚାଳକ କାର୍ଯ୍ୟରୁ ଅନ୍ତର କରି ଦେଇଥିଲେ ; ସମସ୍ତଙ୍କ ମୁହଁ ବନ୍ଦ । କୁନା ଭାଇଙ୍କ ଛାତ୍ରଛାତ୍ରୀଙ୍କ ପିତାମାତା ସେମାନଙ୍କ ପିଲାଙ୍କୁ କୁନାଭାଇ ପରି ହେବାକୁ ଶିଖବୋଲି ଚେତାଇ ଦେଉଥିଲେ । ସେଦିନ ଛୋଟ ପରିବାର ଭିତରେ ଏକ ପ୍ରକାର ଆନନ୍ଦର ବାତାବରଣ ଖେଳି ଯାଇଥିଲା । ବାପା ବହୁତ ମିଠା କିଣି ଗାଁରେ ବା ି ଥିଲେ । ବୋଉ ମନରେ କିଂତୁ ସୁଖ ନଥାଏ । ସେ ମନକୁ ମନ କହୁଥାଏ, କୁନା କ'ଣ ସତରେ ଗାଁକୁ ଫେରିବ ? ହେ ଭଗବାନ ! ମତେ କାହିଁକି କେମିତି ଜାଲୁଜାଲୁଆ ଅଂଧାର ଦିଶୁଛି ଚଉଦିଗ । ବାପା ବୁଝାଉଥିଲେ, ଧୈର୍ଯ୍ୟ ଧର । ସବୁ ଠିକ୍ଠାକ୍ ହୋଇଯିବ । ତଥାପି ବୋଉ କହୁଥିଲା ମିନି ପାଇଁ ଅନ୍ୟତ୍ର ବରପାତ୍ର ଖୋଜ । ଛାତି ଫୁଲାଇ ବାପା କହୁଥିଲେ - ରୋହୀକୁ ଛାଡ଼ି କ'ଣ ଦଣ୍ଡକିରି ଧରିବି ? ହେଲେ ବାପାଙ୍କ ଛାତିତଳେ ମଧ ଅନାହୂତ ଆଶଙ୍କାର ବୀଜଟିଏ ଅଙ୍କୁରି ଉଠୁଥିଲା । ସେଇ ଚିଠି ପରର ଦୀର୍ଘ ନିରବତାକୁ ଘରର ସମସ୍ତଙ୍କ ମନକୁ କବଳିତ କରି ସାରିଥିଲା । ବେଳକୁ ବେଳ ବାପା ଚିନ୍ତିତ ହୋଇ ପଡୁଥିଲେ । ସମସ୍ତଙ୍କୁ ଶୁଣାଇ କହୁଥିଲେ, "ଖଣ୍ଡେ ପୋଷ୍ଟକାର୍ଡରେ ଧାଡ଼ିଏ ଭାଷା ଲେଖି ପଠାଇବାକୁ ଏତେ କୃପଣ ? ବେଳ ହେଉନି ପରା ! ହାକିମ୍ ବାବୁଙ୍କ ସମୟ କାହିଁ ?" ଏମିତି ଛ'ମାସ ଗଡ଼ିଗଲା ଆଶଂକା ଭିତରେ । ଦିନେ ଦ୍ୱିପହର ବେଳେ ଗାଁ ଡାକବାଲା ଆସି ବାହାରେ ଡାକିଲା - "ମନିଅର୍ଡର ଆସିଛି ।" ବାପା ମନିଅର୍ଡ଼ର ଫର୍ମରେ ସ୍ୱାକ୍ଷର କରି ଥମକି ଛିଡ଼ା ହେଲେ । ଡାକାବାଲା ବାପାଙ୍କ ହାତକୁ ଗଣି ଗଣି ଟଙ୍କାତକ ଧରାଇଦେଲା । ଗୋଟେ ମୋଟ ଦଶହଜାର ଟଙ୍କା । ବାପା ସେଇ ଟଙ୍କାତକ ଧରି ଘର ଭିତରକୁ ପ୍ରବେଶ କଲେ । ମନିଅର୍ଡର ଫର୍ମତଳେ ଥିବା ଲେଖାଥିବା ସ୍ଥାନରେ ଦି'ଧାଡ଼ି କୁନାଭାଇ ଗାରେଇ ଥିଲେ । ସେଇଟିକୁ ବାପା ପଢ଼ିଗଲେ ଏକା ନିଶ୍ୱାସରେ । ବାପାଙ୍କ ହସ ହସ ମୁହଁ ଖୁବ୍ କରୁଣ ଦିଶିଲା । ବୋଉ ପଚାରିଲା - କ'ଣ ହେଲାକି ? କ'ଣ ଲେଖିଛି ବା ? ସେତେବେଳକୁ ବାପା ଖୁବ୍ କୋହ ଉଠେଇ କାନ୍ଦୁଥିଲେ । ବୋଉ ଆସି ତାଙ୍କୁ ବୁଝାଉଥାଏ - "ଯାହା ହବାର ହେଇଗଲା । ଏରିକି ପଛକଥା ଭୁଲିଯାଇ ସାଷ୍ଟମ ହୁଅ । ମିନା ପାଇଁ ଯୋଉଠି ହେଲେ ଦେଖିବା । ଏତେ ବ୍ୟସ୍ତ କାହିଁକି ? ମିନା ପାଇଁ ଭଗବାନ ହିଁ ସ୍ଥିର କରିବେ ।" କୁନାଭାଇ ମନିଅର୍ଡର ତଳେ ଲେଖିଥିଲେ ମାତ୍ର ଦି'ଧାଡ଼ିର ଚିଠି । ମଉସା, ଆପଣଙ୍କ ବଦାନ୍ୟତାକୁ ଜୀବନରେ ଭୁଲି ପାରିବି ନାହିଁ । ମୋର ଟ୍ରେନିଂ ସାଥୀ ଅନୀତା ରସ୍ତୋଗୀକୁ ଇତି ମଧରେ କୋର୍ଟମ୍ୟାରେଜ୍ କରି ସାରିଛି । ଦୁହେଁ ହରିୟାଣା କ୍ୟାଡ଼ରରେ ଏକାଠି ଯୋଗ ଦେଉଛୁ । ଏଣୁ ଓଡ଼ିଶା ଫେରିଯିବାର ନାହିଁ । ଟଙ୍କା ପଠାଇ ଦେଉଛି । ପ୍ରାପ୍ତି ସ୍ୱୀକାର କରିବେ । ମନରେ କିଛି ଖରାପ୍ ଭାବିବେ ନାହିଁ ।

ବାପା ସେମିତି ଗୁମମାରି ଦାଣ୍ଡ ପିଣ୍ଡାରେ ତଳକୁ ମୁହଁପୋତି ବସିଥିଲେ ଆଖିକୋଣରୁ ଅମାନିଆ ଲୁହ ବୋହି ଚାଲିଥାଏ । କୋହ ଉଠାଇ କହୁଥିଲେ- "ମଣିଷ ମାତ୍ରେଇ କୃତଘ୍ନ । ପାଠ ପଢ଼ିଲେ କ'ଣ ହେବ, ସେ ବିବେକ୍ ବିହୀନ ପଶୁ । ବ୍ୟକ୍ତିତ୍ୱ ଆଉ ମଣିଷ ପଣିଆ ସବୁ ଭୁଲିଗଲା ।" ବୋଉ ଲୁହ ପୋଛୁ ପୋଛୁ କହିଲା, "ଡେଣା ଲାଗିବା ପରେ ପକ୍ଷୀ ବସାରୁ ପକ୍ଷୀଶାବକ ଉଡ଼ିଯାନ୍ତି । ସିଏ ବି ଉଡିଗଲା । ହଉ, ଈଶ୍ୱର ଅଛନ୍ତି । ସେହିଁ ବିଚାର କରିବେ ।" କୁନାଭାଇଙ୍କ ସେଇ ଦି'ଧାଡ଼ିଆ ଉ  ର ବାପାଙ୍କ ହୃଦୟଙ୍କୁ କ୍ଷତାକ୍ତ କରିଦେଇଥିଲା । ବାପାଙ୍କ ଅତି ଆଦରର

କୁନାଭାଇ; ବୋଉ ଅଲିଅଳ ଧନ ସିଏ। ଏଣୁ ଦୁଃଖର ଭସା ବାଦଲ ଆମ ଘର ଉପରେ ଭାସି ବୁଲିଲା। ଏଭଳି ଧୋକ୍‌ବାଜି ବାପା କେବେ ପାଇନଥିଲେ। ବିଷାଦରେ ଦିନକୁ ଦିନ କ୍ଷୀଣତର ହେବାକୁ ଲାଗିଲେ। ଖାଇବା ପିଇବାରେ କି ଭାଷାରେ ଠିକ୍ ତାଳମେଳ ରହୁ ନଥିଲା। ବୋଉ ବି ଢ଼େର ଲୁହ ଗଡାଉଥିଲା। ଆଉ ଜେଜେମା' ମୂକ ପାଲଟି ଯାଇଥିଲା। ହଠାତ୍ ଦିନେ ବାପା ଭୀଷଣ ଯଂତ୍ରଣାରେ ଚିତ୍କାର କରି ଉଠିଲେ - "ଓଃ ମୋ ମୁଂଡ... କ'ଣ ହେଇ ଯାଉଛି ! ଧର ମୋତେ... ଆରେ ଡାକ୍ତରଖାନା ନେଇ ଯାଅରେ।" ଖୁବ୍ ବିକଳ ହୋଇ କହୁଥାନ୍ତି। ପାଖ ପଡ଼ୋଶୀ ସାହିଘର ମାନଙ୍କୁ ଡକାହକା କରି ବାପାଙ୍କୁ ଡାକ୍ତରଖାନା ନିଆହେଲା। ଦୁଇ ଚାରିଦିନ ବେଡ଼ରେ ରହିଲେ ଡାକ୍ତରବାବୁ ପରାମର୍ଶ ଦେଲେ ବାପାଙ୍କୁ ଚିନ୍ତାମୁକ୍ତ ରହିବାକୁ। ନିୟମିତ ଔଷଧ ସେବନ ଆଉ ବିଶ୍ରାମ ହିଁ ବାପାଙ୍କୁ ସୁସ୍ଥ କରିଦେଇ ପାରିବ ବୋଲି ଡାକ୍ତର ବାବୁ ବୁଝାଇ ଥିଲେ। ଏଣେ ବାପାଙ୍କ ଅବସ୍ଥ ଦେଖି ବୋଉ ଲୁଚି ଲୁଚି କାନ୍ଦୁଥିଲା। ଜେଜେମା' ଦିବାନିଶି ବାଉଳି ହେଲା ଖାଲି। କୁନାରେ... ତୁ କୋଉ କୁଳର ହେଲୁରେ... ତତେ କିଏ ମନ୍ତୁରା କଲାରେ... ଧନମଣିରେ... ଓଡ଼ିଆ ଘର ପିଲାତୁ .... ମାଟିକୁ ବି ଛିଃ କଲୁରେ... କୁଳାଙ୍ଗା...ର ! ଅଚାନକ୍ ଦିନେ ବାପା ଚେତାଶୂନ୍ୟ ହୋଇ ବାଟରେ ପଡ଼ିଗଲେ। ତାଙ୍କୁ ଉଠାଉଠି କରି ଡାକ୍ତରଖାନା ନେବା ବେଳକୁ ସବୁ ଶେଷ। ଡାକ୍ତରବାବୁ କହିଲେ ... ଘରକୁ ନେଇଯାଅ। ସବୁ ଶେଷ। ତା'ପରଠୁ ବୋଉ ମଧ ଦିନରାତି ବାପାଙ୍କୁ ଝୁରି ଝୁରି ଆରପାରିକୁ ଚାଲିଗଲା। ତା' ପଛକୁ ଜେଜେମା' ବି। ପୁଅଗଲା, ବୋହୂଗଲା ଆଉ କିଏ ଅଛି ଯେ ? ସବୁଦିନିଆ ହସଖୁସିର ସଂସାରଟି ଭାଙ୍ଗି ଚୁରମାର୍ ହୋଇଗଲା। ଗାଁ ବାଲାଙ୍କ ସହାୟତାରେ ଗୋଟିକ ପରେ ଗୋଟିଏ ଶୁଦ୍ଧିକ୍ରିୟା ସାରି ନିବାକ୍ ନିଃସ୍ୱ ହୋଇ ବସି ରହିଲି। ଘରେ ଧାନ ଚାଉଳ ଯାହା ଥିଲା ସବୁ ସରିଗଲାଣି।

ସାଇ ପଡ଼ିଶା ଆତ୍ମୀୟମାନଙ୍କ ସାନ୍ତ୍ୱନାକୁ ପାଥେୟ କରି ବଂଚି ରହିଛି ଏଣିକି। ସବୁ ପ୍ରତିଶ୍ରୁତି ଯଦି ମିଛ ହୋଇଯାଏ ! ସବୁ ନଦୀ ସାଗରରେ ମିଳିତ ହୋଇ ପାରନ୍ତି ନାହିଁ କି ସବୁ ନାରୀ ଭାଗ୍ୟରେ ମାତୃତ୍ୱର ସଂଭାବନାଟିଏ ଥାଏ କି ? ମଣିଷର ସମସ୍ତ ଇଚ୍ଛା ଓ କାମନା ପୂରଣ ହୋଇ ପାରେ ନାହିଁ। କ'ଣ ବା ଅଛି ମିନାକ୍ଷୀର ? ନା' ଅଛି ପ୍ରଚୁର ଧନ ସଂପ ି, ନା ଅଛି ଉଚ୍ଚ ଶିକ୍ଷାର ମୋହର। କିଛି ବୋଲି କିଛି ନାହିଁ। ନିପଟ ଗାଉଁଲୀ ମଣିଷ ମାନଙ୍କ ଭିତରେ ଗଣା। ଏଭଳି ଉଚ୍ଚ ଆଶା ହିଁ ପରିଣତ ହୁଏ ନିରାଶାରେ। କୁନା ଭାଇ ମୂଳରୁ କହୁଥିଲେ ସେ ବିବାହ କଥା ଚିନ୍ତା କରି ନାହାନ୍ତି। ଆଗ ଆଇ.ଏ.ଏସ୍, ତା'ପରେ ଯାଇ ଯୋଉ କଥା। ସିଏ ତାଙ୍କ ସାଥୀ ନିଜେ ସ୍ଥିର କଲେ। ତାଙ୍କ ମର୍ଜିରେ ବାହାହେଲେ। ନିଜ ରାସ୍ତା ବାଛି ଦେଲେ। ତାଙ୍କ ଭୁଲ୍ ରହିଲା କୋଉଠି ? କାହିଁ ରାଜା ରାମଚନ୍ଦ୍ର ଆଉ କାହିଁ ରାମିଆ ଭଣ୍ଡାରି। ସିଏ ଯୋଉଠି ଥାନ୍ତୁ ଭଲରେ ଥାନ୍ତୁ। ସୁଖମୟ ସାଂସାରିକ ଜୀବନ ନିର୍ବାହ କରି ସୁଖୀ ହୁଅନ୍ତୁ। ବୋଉ ସବୁବେଳେ ତାଙ୍କୁ କହୁଥିଲା ଅନାଥଟାଏ। ଅଥଚ ସମୟର କାଠଗଡ଼ାରେ ସିଏ ସାଜିଲା ଚିର ଅନାଥିନୀ, ତା ସାଂଗକୁ ନିରିମାଖୀ ଅବଳା। ଗାଁର ମଣିଷଙ୍କ ଭିତରେ ଥାଇ ବି ସେ ଦୁଃଖୀ। ଭାରି କିଲିବିଲିଆ ଏ ଜୀବନ ସତେ ! ଗାଁରୁ ବୁଢ଼ା ସରପଂଚ, ତାର ଦିବାଂଗତ ବାପାଙ୍କ ଠାରୁ ବୟସରେ ବଡ଼, ସିଏ ଆସି ଦୁର୍ଦ୍ଦିନରେ ଛିଡ଼ା ହୋଇଛନ୍ତି। ସେହିଁ ଅଭୟପ୍ରଦାନ କରିଥିଲେ। "ଝିଅ, ଦୁଃଖ କରନା, ମୁଁ ଅଛି ପରା ! ବିଡିଓଙ୍କୁ କୁହାବୋଲା କରାଇ ଅଙ୍ଗନୱାଡ଼ି ଚାକିରିରେ ବାହେଲ କରେଇ ଦେବି।" ଚାକିରିଟିଏ ସତକୁ ସତ ହେଲା, ଦରମା କମ୍। ତା' ନିଜ ପାଇଁ ଯଥେଷ୍ଟ। ପେଟପାଟଣା ଚିନ୍ତା ଯାଉଣୁ ପୁଣି ଘଟିଗଲା ଏକ ଅଭାବନୀୟ ଘଟଣାଟିଏ। ଯାହା ସିଏ ସପ୍ନରେ ସୁଦ୍ଧା ଭାବି ନଥିଲା। ଗତ କାଲି ରାତିରେ ଘଟଣା ତା' ଆଖିରୁ ନିଦ ଚୋରାଇ ନେଇଛି। କାଲି ରାତି ସାରା ଦୁଃଶ୍ଚିନ୍ତା, ଆଶଙ୍କା ଆଉ ଭୟରେ ହିଁ ତା'ର କଟିଛି। ହେ ଠାକୁରେ ! ୟେକି ପରିକ୍ଷା ପୁଣି ! ସବୁ ତ ନେଲ, ପୁଣି କିଆଁ କରୁଛ ଏମିତି କଲବଲ ?

ସେଇ ବୁଢ଼ା ସରପଂଚ ମନରେ ଏତେ ପେଂଚ ? ଏତେ ହୀନ ଅଭିଳାଷ ଖୁଂଜାଖୁଂଜି ହୋଇ ରହିଛି। ଗତକାଲି ରାତିରେ ପ୍ରାୟ ଅର୍ଦ୍ଧରାତି ହେବ ଦୁଆର ଖଟଖଟ ଆବାଜ୍ ହେଲା। ମିନାକ୍ଷୀ ଝରକା ବାଟେ ବାହାରକୁ ଚାହିଁ ପଚାରିଲା, କିଏ ଡାକୁଛ ?"

- ଆଲୋ ! ମୁଁ କିଏ ? ତା' ବି ତତେ କହିବାକୁ ହେବ। ଦେ' ଦୁଆର ଫିଟା। "ତାଙ୍କର ଗଳାର ସ୍ୱରରୁ ମିନାକ୍ଷୀ ଅନୁମାନ କଲା ସିଏ ନିଶାଗ୍ରସ୍ତ। ସେ କାକୁର୍ତ୍ତି ହୋଇ କହୁଥିଲେ, ରାତିକ ପାଇଁ ତୋ ବସାରେ ଥାନଟିକେ ଦେବୁନୁ କି ? ବାଟ ଭୁଲି ଯାଇଛି ପରା !"

ପ୍ରଚୁର ମଦ୍ୟପାନ କରି ଆସିଛନ୍ତି ସରପଂଚ। ଏକଥା ଠଉରାଇ ନେଲା ମିନାକ୍ଷୀ। ଭୟ କଲା ନାହିଁ। ଛାତିରେ ଛାତିଏ ସାହସ ସଂଚୟ କଲା। ତୁରନ୍ତ କଟାକ୍ଷ ହାଣି ସରପଂଚଙ୍କୁ ଚାହିଁ କହିଲା - "କିଏ ମନା କରୁଛି ? ମୋର ବାପା ତମେ, ଥାନ ଦେବିନି ତ ଆଉ କାହାକୁ ? ତେବେ ମାମୁଁ ମାଇଁ ଶୋଇଛନ୍ତି ଘର ଭିତରେ। ତମେ ମଦ ପିଇଛ ଶୁଣିଲେ କ'ଣ ଭାବିବେ କହିଲ ? ସମ୍ମାନ ରହିବଟି ?"

- "ହଉ ତୁଥା'। ମୁଁ ପୁଣି କେବେ ଆସିବି।" କହି ବୁଢ଼ା ସରପଂଚ ଟଳମଳ ପାଦ ପକାଇ ସେଠାରୁ ପ୍ରସ୍ଥାନ କଲା।

ଅହେତୁକ ଭୟ ଓ ଆଶଂକାରେ ବିତାଇ ଦେଇଛି ବିନିଦ୍ର ରଜନୀ। ତକିଆ ଭିଜିଛି ଲୁହ ଆଉ କୋହରେ। ଭାବିଥିଲା ସେହି ରାତିରେ ହିଁ ସେ ଅତ୍ମହତ୍ୟା କରିଦେବ। ପୁଣି ବିବେକ ବାଧା ଦେଲା। ନିଜକୁ ଏମିତି ହତ୍ୟା କରି ଅପବାଦର ବୋଝ ଗାଁ ବାଲାଙ୍କ

ଉପରେ ଲଦି ଦେବ କାହିଁକି ? ସେ ଏଇ ଗାଁର ଝିଅ । ଗାଁରେ ରହିବ । ବଂଚିବା ପାଇଁ ଛାତିକୁ ପଥର କରିବ । ନଈ ମଝିରେ ଘରକଲେ କୁମ୍ଭୀର ସହ ମିତ୍ରତା ବାଂଧିବା ଦରକାର । ଇଏ ଅଦିନ ମେଘ କି ଅଦିନ କୁହୁଡ଼ି । କେତେ କୁହୁଡ଼ି ଆସିବ । ଆମ୍ବ ବଉଳକୁ ଜଳାଉଥିବ । ନା ଜଳିବା ବଉଳ କି ଫଳିବ ଆମ୍ବ ହୋଇ ? ଏଇ ସଂସାର ଠିକ୍ ସେମିତି । ନାରୀଟିଏ ନିଜକୁ ମୁକାବିଲା କରି ନ ଶିଖିବା ଯାଏ, ଅତ୍ୟାଚାରିତ ହେଉଥିବ ଥରକୁ ଥର । ଏଣୁ ସେ ମୁଖାଧାରୀ ବ୍ୟକ୍ତିଙ୍କୁ ସାହାସର ସହ ସାଲିସ୍ କରିବ । ମହିଷା ମର୍ଦ୍ଧିନୀ ଦୁର୍ଗାଙ୍କ ରୂପ ବି ଧାରଣ କରିବ, ଯଦି ସେଭଳି ସଂକଟର ସମ୍ମୁଖୀନ ହୁଏ । ଏଇ ସୁନ୍ଦର ପୃଥିବୀର ପ୍ରକୃତି ରାଣୀକୁ ଆହୁରି ସୁନ୍ଦର କରି ତୋଳିବ ।

ଜୀବନାଟା ଖାଲି ମୁଠା ମୁଠା ଶୂନ୍ୟତା । କେଉଁ ପଥକୁ ସେ ଆବୋରି ନେବ । ଏଇ ସୁନ୍ଦର ପଲ୍ଲୀକୋଳରେ ବଂଚିବାର ସଂଗ୍ରାମ ପାଇଁ ତା'ର ଲଢ଼େଇ ଜାରି ରହିବ । ବଂଚିବାର କଳା ଶିଖିଲେ ହିଁ ନାରୀଟିଏ ସମ୍ମାନର ସହ ବଂଚିପାରିବ । ନିଜକୁ ନିଜେ ପ୍ରତାରିତ କରିବାକୁ ଦେବ ନାହିଁ । ବାପା ବଂଚିଥିବା ଯାଏ ସିଏ ଯୁକ୍ତଦୁଇ ଶ୍ରେଣୀ ଯାଏ ପଢ଼ିଥିଲା । ସେତିକି ତା'ର ଶିକ୍ଷାଗତ ଯୋଗ୍ୟତା । ବାପାଙ୍କ ଅକାଳ ବିୟୋଗ ପରେ ତା'ର ପାଠ ପଢ଼ାରେ ଡୋରି ବନ୍ଧା ହେଲା । ଅଙ୍ଗନୱାଡ଼ି ସେବିକା ଚାକିରି କରିଛି । ଦୁଃଖ ନାହିଁ । କୁନି କୁନି ଶିଶୁଙ୍କ ଗହଣରେ ବିତିଯାଉଛି ଦିନର ସମୟ । ଫି ମାସକୁ ଯାହା ରୋଜଗାର ହେଉଛି ସେଇତକ ତା'ର ସମ୍ବଳ । ଆଉ ଏବେ ଚିହ୍ନି ପାରିଲାଣି ଛଦ୍ମବେଶୀ ମୁଖାଧାରୀ ଭଦ୍ରମଣିଷ ମାନଙ୍କୁ । ଏକଥା ବି ଜାଣି ସାରିଲାଣି ଦବାର ମନୋବୃତ୍ତି ଭିତରେ ଥାଏ ଗୋଟେ ହୀନ ପ୍ରବୃତ୍ତି ଏ ସଂସାର ହେଉଛି କାମନାର ଜଉଘର । ଯିଏ ପଇସାଟିଏ ଖର୍ଚ୍ଚ କରୁଛି, ସିଏ ଟଙ୍କାଏ ପାଇବାର ମନୋବୃତ୍ତି ରଖିଛି । ଏଥିପାଇଁ ସେ କାହାରି ଆଗରେ ମଥା ନୁଆଁଇବ ନାହିଁ । ସାରା ଗାଁର ଝିଅ ମାନଙ୍କୁ ଡାକି ଏକାଠି କରିବ । ମହିଳା ସହାୟିକା ଗୋଷ୍ଠୀ ବା ଏସ୍.ଏଚ୍.ଜି ଗଢ଼ିବ । ତା'ରି ମାଧମରେ ସିଲେଇ ଶିକ୍ଷା, ବଡ଼ି, ପାମ୍ପଡ଼, ଆଚାର, ବୁଣାବୁଣି ଇତ୍ୟାଦି ତାଲିମ୍ ଦେଇ ଗାଁର ଝିଅ ବୋହୂ ମାନଙ୍କୁ ସ୍ୱାବଲମ୍ବୀ କରାଇବ । ପୁରୁଷର ଅନ୍ୟାୟ, ପ୍ରତାରଣା ବିରୁଦ୍ଧରେ ତା'ର ଲଢ଼େଇ ଜାରି ରଖିବ । ସଂଗ୍ରାମୀ ଭାବେ ହସି ହସି ମରିବ ପଛେ କାହାର ହୀନ ପ୍ରବୃତ୍ତିକୁ ମଥାପାତି ଆଦରି ନେବ ନାହିଁ । ଏଇଠି ତା'ର ଷଠୀଘର, ଏଇଠି ଜଳିବ ଦିନେ ତା'ର ଜୁଇ । ଏଇ ନିରୀମାଖୀ ତା'ର ଚର୍ମଚକ୍ଷୁରେ ଦେଖିଛି ଅକାଳରେ ବାପା, ବୋଉ, ଜେଜେମା'ଙ୍କ ଜୁଇ ଜଳିବାର । ଜନ୍ମ ଥିଲେ ମରଣ ନିଶ୍ଚିତ ।

ମିନାକ୍ଷୀ ଦର୍ପଣରେ ମୁହଁ ଦେଖୁଥିଲା । ଆଖିତଳେ ଏବେ ବୟସର ଛାପ । ଯୋଉ ଆଖି ଦିନେ କୁନାଭାଇଙ୍କୁ ଆକର୍ଷଣ କରିଥିଲା, ଆଜି ସେ ଆଖିର ଚମକ ଆଉ ନାହିଁ । ସେ ତାଙ୍କ ସଂସାର ନେଇ ସୁଖୀ । ସ୍ନେହ, ପ୍ରେମ, ଦୟା, କରୁଣାର ମୂର୍ତ୍ତିମନ୍ତ ମଣିଷ କୁନାଭାଇ ହଠାତ୍ ବଦଳିଗଲେ କେମିତି ? କୁନାଭାଇଙ୍କ ଅନ୍ତେ ଜୀବନ ପାଲଟିଛି ଶୁଷ୍କ ମରୁ । ସେ ପାଲଟିଛି ଶବ । ନିଜ ଶବକୁ ନିଜ କାନ୍ଧରେ ବୋହି ବଂଚିବାର ଏ ମିଛ ବାହାନା କରି କି ଲାଭ ? ନିଜକୁ ପ୍ରତାରିତା କରିବାର କଷ୍ଟଛଡ଼ା ଆଉ ବେଶି କଷ୍ଟ କ'ଣ ଏଇ ସଂସାରରେ ଅଛି ? ହୁଏ ତ ଜେଜେମା'କୁ ସିନା ସେଦିନ ହସି ହସି ନିଜର ସମ୍ମତି ଜଣାଉଥିଲା । ହେଲେ ଆଜି ଯଦି ଜେଜେମା' ଥାନ୍ତା, ସେ କ'ଣ କୁହନ୍ତା ? କୁହନ୍ତା - ବୁଝିଲୁରେ ମିନି, କୁନାଭାଇ ମାନେ ଏମିତିରେ ! ପ୍ରତିଶ୍ରୁତି ପାଇଁ ସିନା ସଂସାର ଓଲଟିଯାଏ ।

ସମୟର ଚକ୍ରବ୍ୟୁହରେ ନିୟତିର କ୍ରୁର ଖେଳ ନିତି ନିୟତ ଘଟି ଚାଲିଛି । ସେଇଥିପାଇଁ ରାମଚନ୍ଦ୍ର ରାଜପଦରୁ ବଂଚିତ ହୋଇ ବନକୁ ଯାଏ, ସାବିତ୍ରୀ ସତୀ ହୋଇ ସ୍ୱାମୀ ସୁଖ ପାଏ; ଗାଙ୍ଗୀ ଗୋଟି ଗୋଟି କରି ପୁତ୍ର ମାନଙ୍କୁ ନେଇ ନଦୀରେ ବିସର୍ଜନ ଦିଏ; ଦୁଷ୍ମନ୍ତ ସବୁ ପାସୋରି ଯାନ୍ତିଲୋ, ଜେଜେମା' । ଶକୁନ୍ତଳା ଯାହା ଦଗ୍‌ଧ ହୁଏ ବିରହରେ । ସବୁ କୁନା ଭାଇମାନେ କ'ଣ ଜଣେ ଜଣେ ଦୁଷ୍ମନ୍ତ ହୋଇ ଯାଇଛନ୍ତି କି ଜେଜେମା' ? ଖାଲି ଆଜିର ମିନାକ୍ଷୀ ମାନଙ୍କ ପାଇଁ ନୁହେଁ ଲୋ ଜେଜେମା', ସବୁ କାଳରେ ଦେବକୀ ପରି ନାରୀ ମାନେ ହିଁ କଂସ ରାଜାର ଯଂତ୍ରଣାର ବନ୍ଦୀଶାଳାରେ ବନ୍ଦୀ ତ କେତେବେଳେ ଚକ୍ରବ୍ୟୁହରେ । ଏଣୁ ମିନାକ୍ଷୀ ମାନଙ୍କ ମୁକ୍ତି ପାଇଁ କିଛି ଉପାୟ ଅଛି କି ଜେଜେମା' ?

ତଥାପି ମିନାକ୍ଷୀ ମାନେ ସପ୍ନ ଦେଖିବେ । ଏମିତି ଆମ୍ବ ବଉଳ ପରି । ଅମାନିଆ କୁହୁଡ଼ି ଆସିବ । କୁନାଭାଇ, ଗାଁ ବୁଢ଼ା ସରପଞ୍ଚ ପରି, ଚରିତ୍ରମାନେ ଥରକୁ ଥର ଉଭା ହେବେ । ତା' ବୋଲି ଏମିତି ଦୁଃଖରେ ଆମ୍ବ ବଉଳ ପରି ଝରିଯିବେ ଆଜିର ମିନାକ୍ଷୀ ମାନେ । ଛୋଟ ହସ ଧାରଟିଏ ତା'ଓଠରେ ଖେଳିଗଲା ।

"ଅତୀତକୁ ଅତୀତ କରି, ଭବିଷ୍ୟତ ପାଇଁ ବଂଚି ରହଲୋ କଲ୍ୟାଣୀ!" କାଉଟିଏ କେଉଁଠି ଥିଲା କେଜାଣି ଉଡ଼ିଆସି ଦାଣ୍ଡ ଦୁଆର ଉପରେ ବସି ରାବିବାକୁ ଲାଗିଲା । ମିନାକ୍ଷୀ ଉଠି ଠିଆ ହେଲା । ଜୀଇଁବା ପାଇଁ କରିବାର ଅଛି ବୋଲି ଆଜି ତା'ର ମନେ ହେଲା । ଏଇ କିଛି ସମୟ ସକାଳ ଖରାରେ ବସି ଗତ ରାତିର କଥା ଭାବି ଲାଭ କ'ଣ ? ତାକୁ ସଂଗ୍ରାମ ପାଇଁ ଅଣ୍ଟା ଭିଡ଼ିବାକୁ ପଡ଼ିବ । କୁହୁଡ଼ି ଅପସରି ଯାଇ ସୁନେଲି ସକାଳ ଆସିବ । ଫୁଲ ଫୁଟିବ । ଗୀତ ଗାଇବ ପକ୍ଷୀ । ସେ ହସି ହସି କହିବ - "ଗୀତ ଗାଉଥା'ରେ ପକ୍ଷୀ" ।

**ନ୍ୟୁ ଇଂଡ଼ିଆ ଆସ୍ୟୁରାନ୍ସ କଂଲିଃ**
**ରାଉରକେଲା ମଂଡ଼ଳ କାର୍ଯ୍ୟାଳୟ**
**ଉଦିତନଗର, ରାଉରକେଲା -୧୨**

# ଗାଁ ମାଟିର ମହକ

ବାସନ୍ତୀଲତା ମହାପାତ୍ର

ସୁନା, ବେ ସୁନା ! ଶୀଘ୍ର ଉଠ୍ । କହୁ କହୁ ଖୁବ୍ ଜୋରରେ ତାକୁ ହଲାଇଦେଲା କାନ୍ଦୁରୁ । ସୁନା ଶୁଣିବି ନ ଶୁଣିଲା ପରି କଡ଼ ଲେଉଟାଇ କମ୍ବଳଘୋଡ଼ି ଜାକି ଜୁକି ହୋଇ ଶୋଇ ପଡ଼ିଲା । ପୁଣି କାନ୍ଦୁରୁର ପାଟି । ଉଠ୍ ଉଠ୍, ସକାଳ ହେଲାଣି ପରା ! । ସୁନାରାମର ଜମା ଇଚ୍ଛା ହେଉନଥିଲା ଉଠିବାକୁ । ଅନେକ ଦିନ ହେଲା ଭଲ ଭାବରେ ଶୋଇନଥିଲା ସୁନାରାମ । କେଉଁଦିନ ରାତି ଅଧିଆ ପୁଲିସ୍ ଷ୍ଟେସନ ଉପରେ ଆକ୍ରମଣ ତ କେତେବେଳେ ସରକାରୀ ଅଫିସ୍ କିମ୍ବା କଣ୍ଟ୍ରାକ୍ଟରମାନଙ୍କର ମେସିନ୍ ପୋଡ଼ି । ପୁଣି ଆତ୍ମରକ୍ଷା ଓ ତା' ସହ ନିଜର କ୍ୟାମ୍ପ ବଦଳ । ଏଭଳି ଦୌଡ଼ି ଦୌଡ଼ି ସେ ଯେମିତି ହାଲିଆ ହୋଇ ପଡୁଥିଲା । ଭୟର ବାତାବରଣ ସବୁବେଳେ ତ ତାଙ୍କ ପଛରେ ଲାଗିଥିଲା । ନିଶ୍ଚିନ୍ତରେ ଶୋଇବେ ବା କେତେବେଳେ ? ପୁଣି କାନ୍ଦୁରୁର ଚିତ୍କାର ଶୁଭିଲା । ଏଥର ବିରକ୍ତିରେ ଗୁଣୁ ଗୁଣୁ ହେଉଥିଲା ସୁନା ।

ଶଳା ! ସବୁବେଳେ ହାଉ ହାଉ ହେଉଛି । ହୁକୁମ୍ ଦେବାଟା ତା'ର ଅଭ୍ୟାସରେ ପରିଣତ ହୋଇଗଲାଣି । ମାଓ ନେତାର ଖାସ ଲୋକତ ! ତେଣୁ ନିଜକୁ ଜଣେ ଲିଡ଼ର ବୋଲି ଭାବୁଛି । ଶଳା, ଡାକୁଥାଉ ସେ କାନ୍ଦୁରୁ । ସେ କିନ୍ତୁ ଆଜି ମନଭରି ଶୋଇବ ।

ଏଥର ସୁନା ପୁଣି ମୁହଁ ଘୋଡ଼ାଇ ଆଖିକୁ ବନ୍ଦକରି ସେମିତି ସେ କ୍ୟାମ୍ପ ତମ୍ବୁ ଭିତରେ ପଡ଼ି ରହିଲା । ଆଉ ଭାବୁଥିଲା, ଶୋଇବାର ସ୍ୱନସ୍ୱଟା ଆଉ ମିଳିବକି ନାହିଁ କିଏ କହିବ ? ଘର ଛାଡ଼ିବା ଦିନରୁ ମନ ଭରି ସେ କେବେ ଶୋଇଛି ମନେ ପକାଇବାକୁ ଚେଷ୍ଟାକଲା । ତା'ର ଅଠର ବର୍ଷ ବୟସରୁ ସେଇ ଯେ ଘର ଛାଡ଼ିଛି ଯେ ଛାଡ଼ିଛି । ପାଞ୍ଚବର୍ଷ ହେଲାଣି ଖାଇବା ରହିବା ଶୋଇବାର କି ଯେ ଠିକଣା ଅଛି ? ଗୁଳି ବନ୍ଧୁକ ଛୁରି ସହିତ ହୁକୁମ୍ ମାନିବା ତା'ର ଅଭ୍ୟାସରେ ପରିଣତହୋଇଗଲାଣି । ଭୁଲିଗଲାଣି ତା' ଗାଁ, ତା'' ପରିବାର । ତା' ଗାଁପଖ ଜଙ୍ଗଲର ଫୁଲର ବାସନା । ଆଉ ତା ଗାଁର ଆଖଡ଼ା ଘର, ଯେଉଁଠି ରାତିଅଧ ଯାଏ ନାଚ ଗୀତରେ ଫାଟି ପଡୁଥିଲା । ତାରି ଗାଁର ଧାଙ୍ଗଡ଼ା, ଧାଙ୍ଗଡ଼ୀମାନେ ନାଚ, ଗୀତରେ ଭାଗ ନେଉଥିଲେ । କି ଆନନ୍ଦରେ କଟୁଥିଲା ସେ ଦିନ ଗୁଡ଼ିକ । ସୁନାରାମର ମନେ ପଡୁଥିଲା ମୋଟା ଧୋତି ପିନ୍ଧି ଅଣ୍ଟାରେ ଓ ମୁଣ୍ଡରେ ରଙ୍ଗୀନ ଗାମୁଛାକୁ ବାନ୍ଧିଦେଇ ନାଚ ସହିତ ତାଳଦେଇ ମାଦଳଟାକୁ ଜୋର୍‌ରେ ବଜାଇ ଚାଲିଥିଲା ସେ । ଆଉ ସେହି ମାଦଳ ସହିତ ତାଳ ଦେଇ ଗାଁ ଝିଅଙ୍କ ସହିତ "ସଲମା" ଗୀତର ସୁରରେ ମତୁଆଲା କରୁଥିଲା ତା'ର ଯୁବକ ମନକୁ । ଆଉ ସଲମାର ନାଚିଲା ମୁହଁକୁ ଦେଖୁ ଦେଖୁ ସୁନାରାମ ଆହୁରି ଜୋରରେ ବାଜାକୁ ପିଟି ଚାଲୁଥିଲା । ଗାଁର ସମସ୍ତେ ଜାଣିଥିଲେ ପଣ ଦେଇ ସାରିବା ପରେ ସଲମା ମୁଣ୍ଡରେ ସିନ୍ଦୁର ଦେଇ ତାକୁ ତାଙ୍କ ଘରକୁ ନେଇ ଆସିବ । ହେଲେ ପଣ ପାଇଁ ତ ଟଙ୍କା ଦରକାର । ସେଇଥି ପାଇଁ ତ ଆଜି ତା'ର ଏ ଜୀବନ । କମ୍ବଳ ଭିତରେ ସେ ସଲମା ମୁହଁକୁ ବାରମ୍ବାର ମନେ ପକାଇବାକୁ ଚେଷ୍ଟା କରୁଥିଲା । ଆସିବା ଠାରୁ ଖୁବ କମ ସମୟ ପାଇଛି ସଲମାକୁ ମନେପକାଇବାକୁ କାମର ଚାପଭିତରେ । ସଲମା କ'ଣ ଏବେବି ତାକୁ ଚାହିଁ ବସିଥିବ ? ଯଦି ଆଉ କେହି ତା' ମୁଣ୍ଡରେ........ । ନା ଉତ୍ତେଜନାରେ ବାରମ୍ବାର କଡ଼ ଲେଉଟାଇଲା । ସୁନାରାମ ଅନେକ ଦିନ ହେଲା କିଛି ଖବର ପାଇନି ତା ଗାଁର ଓ ସଲମାର ।

ତିନି ବର୍ଷ ଆଗରୁ ଏକ ଶୀତୁଆ ରାତିରେ କାନ୍ଦୁରୁଠାରୁ ଅନୁମତି ନେଇ ଯାଇଥିଲା ତା ଗାଁକୁ । ସେତେବେଳେ ତାଙ୍କ ଗାଁ ପାଖ ଜଙ୍ଗଲରେ ତାଙ୍କ କ୍ୟାମ୍ପ ପଡ଼ିଥିଲା । ଗାଁରେ ଯାଇ ପହଞ୍ଚିଲା ବେଳକୁ ତାଙ୍କ ଗାଁଟା ଗାଢ଼ କଳା ପରଦାରେ ଢ଼ାଙ୍କି ହୋଇ ଯାଇଥିଲା । ଛାଡ଼ି ଆସିଥିବା ତା' ଜନମ ମାଟିକୁ ସେ ଭଲଭାବେ ଦେଖିପାରି ନଥିଲା । ଡିବି ଆଲୁଅରେ ଦୁଇବର୍ଷ ତଳୁ ଛାଡ଼ି ଆସିଥିବା ବାପା, ମାଆଙ୍କୁ ସବୁ କହି ଭୟାଳୁ ଚାହାଣୀରେ ଦେଖିଥିଲା । ନେଇଥିବା ପୁଳାଏ ଟଙ୍କାକୁ ମା'ହାତରେ ଗୁଞ୍ଜିଦେଇ ବାପାର ରୋଗଣା ଚେହେରାଟାକୁ ଦେଖୁ ଦେଖୁ ଦୀର୍ଘଶ୍ୱାସ କେତୋଟି ତା'ର ପଞ୍ଜରା ଥରାଇ ବାହାରି ଆସିଥିଲା । ଶେଷରେ ସଲମା କଥା ପଚାରିଥିଲା ତା ମା'କୁ । ଆଉ ତାକୁ ଦେଖିବାର ଇଚ୍ଛାକୁ ମାଆ ପାଖରେ କହିଥିଲା । ମା' ତାକୁ ସ୍ନେହରେ ଆଉଁସି ଦେଉଁ ଦେଉଁ କହିଥିଲା ଏ ଗାଁ ଲୋକମାନଙ୍କର କଥା । ମାଓବାଦୀଙ୍କ ବିରୋଧରେ ଏକଜୁଟ ହେବାର ଖବର ପାଇ ସୁନାରାମ ଚମକି ପଡ଼ିଥିଲା । ସେତିକିବେଳେ ଗାଁର ଆଖଡ଼ା ଘରୁ ମାଦଳର ସ୍ୱର ତାକୁ ବିଭୋର କରିଥିଲେ ବି ପୁଲିସର ଜୁଲୁମ ତା' ଘରୁ ପରେ ଶୁଣିବା ପରେ ସେହି ରାତିରେ ଜୀବନକୁ ପାଣି ଛଡ଼ାଇ ଲୁଚି ଲୁଚି କ୍ୟାମ୍ପକୁ ଫେରି ଆସିଥିଲା ।

ମାଓର ଜୀବନ । ପୁଣି ସେହି ବାରବୁଲାର ଜୀବନ । ଉତ୍ତେଜନାରେ କମ୍ବଳକୁ ଛାଟିଦେଇ ଉଠିବସିଲା ସୁନାରାମ । ଅସ୍ତବ୍ୟସ୍ତ ଲାଗିଲା ତାକୁ । ପିଲାଦିନୁଁ ଓପାସ ଭୋକରେ ରହି ରହି ଅତିଷ୍ଠ ହୋଇ ପଡ଼ିଥିବା ସୁନାରାମ ଫେରି ଯାଇଥିଲା ତା' ପିଲାବେଳରୁ ଅବସ୍ଥାକୁ । ମା' ବାପାଙ୍କ ସଂସାରର ଋଣବୋଝ

ପାଇଁ ଅଧା ପାଠ ଛାଡ଼ି ସାହୁକାର ଘରର ବାରମାସିଆ ରହି ମାଡ଼ ଗାଳିକୁ ଚନ୍ଦର କରିଥିବା ସୁନାରାମ ଆକୁଳରେ ପିଠିକୁ ଆଉଁସି ପକାଉଥିଲା । ଆଉ ଦେଖୁଥିଲା ଗୋଡ଼ି ପଥର ଭାଙ୍ଗି ଶାନ୍ତ ହୋଇଥିବା ନିଜର ହାତପାପୁଲି ଦୁଇଟିକୁ । ସବୁ ଭିତରେ ତଥାପି ନା ଋଣ ସୁଝିପାରିଲା ନାଁ ଭଲରେ ତା' ପରିବାରର ପେଟ ପୁରୁଥିଲା । ଯେତେ ଚେଷ୍ଟା କଲେବି ତା' ସଂସାର ବୋଝକୁ ସେ ଠିକ ଭାବରେ ଉଠାଇ ପାରିନଥିଲା । ଦୁଃଖ ଦୈନ୍ୟ ଭିତରେ ତା ପରିବାର ପେଷି ହୋଇ ଯାଇଥିଲା । ତା' ପରି ଆଉ ଅନେକ ପରିବାରବି । ଏଥର ପେଟରେ ହାତବୁଲାଇଲା ସୁନା । ତାକୁ ଲାଗୁଥିଲା ଗରିବର ବୋଧହୁଏ ଭାଗ୍ୟରେ ଲେଖା ଅଧାପେଟ, ଅଧା ପାଠ ଓ ଅଧା ପିନ୍ଧା ଦେହ । ସେହି ଅଧା ଭିତରେ ସେ ବି ଦେଖୁଥିଲା । କେତେ ସପନ । ସଲାମ ସହିତ ସପନ ଗୁଡ଼ିକ ସବୁ ଆପେ ଆପେ ତା' ମନ ଭିତରକୁ ପଶି ଆସୁଥିଲା । ଯେଉଁ ଦିନ ସରକାରୀ ଦୁଇଟଙ୍କିଆ ଚାଉଳ କଥା ଶୁଣିଲା ସେ ପୁଣି ସପନ ଦେଖୁଥିଲା ତା' ପରିବାରର ସମସ୍ତଙ୍କର ଅଧାପେଟ ଗୁଡ଼ିକ ଟୁମ୍ ଟମ୍ ଦେଖା ଯାଉଥିବାର ଦୃଶ୍ୟ । ହେଲେ ବାପା, ପୁଅ ଦୁଇଜଣଯାକ ଗାଁ ଓ୍ୱାର୍ଡ ମେମ୍ବର ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେବି ପାଇ ନଥିଲେ କଣ୍ଟ୍ରୋଲ କାର୍ଡ । ତେଣୁ ପୁଣି ଭାଙ୍ଗି ଯାଇଥିଲା ତାଙ୍କର ଆଉ ଗୋଟିଏ ସ୍ୱପ୍ନ । ଠିକ୍ ତା' ପରଦିନ ସଲମା ମୁଣ୍ଡିଆ ପାହାଡ଼ ପାଖରେ ତାକୁ ଦେଖାଇଥିଲା ପୁଣି ଏକ ସପ୍ନ ।

ଶୁଣିଲୁରେ ସୁନା ! ଏଥର ସରକାର ଆମପାଇଁ ଢ଼େର ସ୍କୁଲ କଲେଣି । ଆଁ - ଟା - କରି ସପନ ଦେଖୁଥିଲା ସୁନାରାମ ସଲମା ମୁହଁକୁ ଚାହିଁ । ସଲମା କହିଚାଲିଥିଲା. " ଜାନିଛୁକିରେ ମୋ ବାଆ କହୁଥିଲା ମୁଁ ପୁଣି ପାଠ ପଢ଼ିବିରେ । ହେଲେ ମନ ହେଉନିରେ ତତେ ଜମା ଛାଡ଼ି ଯିବାକୁ । ଏ ସୁନା, ତୁ ଶୀଘ୍ର ଶୀଘ୍ର ପଣ ଯୋଗାଡ଼ କରରେ ।" ହଠାତ୍ ମନେ ପଡ଼ିଗଲା ସୁନାରାମର । ସତେ ତ । ସଲମା ପାଇଁ ଗାଈ, ଗାମୁଛା, ଶାଢ଼ୀ ଆଉ ଟଙ୍କା ଦରକାର । କେଉଁଠୁ ଆଣିବ ଏତେ ଟଙ୍କା । ନ ହେଲେ ସପ୍ନ, କିଛି ନ କହି ଲମ୍ବା ଲମ୍ବା ପାଦ ପକାଇଥିଲା ସୁନା । ଆଉ ପଛରୁ ସଲମାର ଡାକ ଖାଲି ଶୁଭି ଯାଉଥିଲା । ସୁନା ! ସୁନା ! ରହ, ରହ, ଶୁଣ, ଶୁଣ ।

ସୁନାର ମନେ ପଡ଼ିଯାଏ ଯେଉଁଦିନ ତା' ଭାଇ, ଭଲ ପଢୁଥିଲେ ବି ଆଶ୍ରମ ସ୍କୁଲରେ ସିଟ୍ଟି, ନପାଇ ଫେରି ଆସିଥିଲା । ତା' ବା'ର ଉଦାସିଆ ଚେହେରାଟିକୁ ଦେଖି ତା'ର ଆଉ ଏକ ସପ୍ନ ତୁଟି ଯାଇଥିଲା, ତା ଭାଇକୁ ଉଚ୍ଚଶିକ୍ଷା ଦେବାର ଆଶା ସେଦିନ ସେ ମନେ ମନେ ଠିକ କରିଦେଇଥିଲା ଏ ଗାଁ ଛାଡ଼ି କାମ କରିବାକୁ ଯେଉଁ ଆଡ଼େ ହେଲେ ପଳାଇଯିବା । ତା ପରିବାର ମୁହଁରେ ହସ ଫୁଟାଇବ । ତା'ର ସପନ ଗୁଡ଼ିକ ସତରେ ପରିଣତ କରିବ । ଏମିତି ଚିନ୍ତାରେ ବ୍ୟସ୍ତ ହୋଇ ଉଠୁଥିବାବେଳେ ପାଖ ଗାଁର କାନ୍ଦୁରୁ ସହିତ ଦେଖା ହୋଇଥିଲା । ତା'ର ସବୁ ଦୁଃଖକୁ ଶୁଣି ଶୁଣି କାନ୍ଦୁରୁ କାମ ଦେବାର ପ୍ରଲୋଭନ ସହିତ ତା ହାତରେ ଧରାଇ ଦେଇଥିଲା ବିଡ଼ାଏ ଟଙ୍କା । ସେଇ ଟଙ୍କାକୁ ଘରେ ଦେଇ କାମ କରିବାକୁ ସେ ବାହାରି ଯାଇଥିଲା । ସେତେବେଳେକୁ ଏ ସମାଜ ପ୍ରତି ତା' ମନରେ ଏକ ବିଦ୍ରୋହର ସୂତ୍ରପାତ ହୋଇସାରିଥିଲା ।

କାନ୍ଦୁରୁ ସଙ୍ଗରେ ଯେଉଁଦିନ ମାଓବାଦୀ କ୍ୟାମ୍ପରେ ପାଦ ରଖିଲା, ପ୍ରଥମେ ଭୟରେ ଶିହରୀ ଉଠିଥିଲେ ବି କାନ୍ଦୁରୁ ତାକୁ ଦେଖାଇଥିଲା ଗରୀବର ଦୁଃଖ ଦୂର ହେବାର ସପନ । ସେ ବୁଝିଥିଲା ତାରି ଭଳି ଅନେକ ଗରୀବଙ୍କର ଦୁଃଖ ଦୂର କରିବାକୁ ଏଠାରେ ସଂଗ୍ରାମ ଜାରି ରଖିଛନ୍ତି । ଆଉ ଜୟଲାଭ କଲେ ତାରି ଭଳି ଅନେକଙ୍କର ଆଶା ପୂରଣ ହୋଇ ପାରିବ । କିନ୍ତୁ କାହିଁ ସେ ଦିନ ? ପୋଖରୀର ପଦ୍ମଫୁଲ ପରି ଆଶା ଘୁଙ୍ଗି ଘୁଙ୍ଗିଯାଉଛି । ଏଠାରେ ଅଧାଦିନ, ଅଧାପେଟ, ଲୁଚିବୁଲିବା, ହାଣକଟା, ମର ଓ ପୋଡ଼ାକଲା ଭିତରରେ ସେ ଅତିଷ୍ଠ ହୋଇପଡୁଥିଲା । ବର୍ଷ ବର୍ଷ କରି ପାଞ୍ଚିଟି ବର୍ଷ ବିତିଗଲେ ବି ତାଙ୍କ ସଂଗ୍ରାମର ଶେଷ ହୋଇ ନଥିଲା । ଏହି ପାଞ୍ଚିଟି ବର୍ଷ ଭିତରେ ସୁନା ଅତିଷ୍ଠ ହୋଇଯାଇଥିଲା । ହଜାଇ ଦେଇଥିବା ଅତୀତକୁ ଫେରିପାଇବାକୁ ଇଚ୍ଛା ଥିଲେ ବି ଏ ଚକ୍ରବ୍ୟୁହରୁ ମୁକୁଳିବାକୁ ସେ ଛଟପଟ ହେଉଥିଲା । ଅନେକ ସମୟରେ କାମ ନଥିବା ବେଳେ ତା ଗାଁ ମାଟିର ଡାକ ଆଉ ତା'ର ମହକରେ ସେ ବିଭୋର ହୋଇ ଉଠୁଥିଲା । ଗାଁ କଥା ଭାବି ଉଦ୍‌ବେଳିତ ହୁଏ ତାର ମନ । ବାଧ୍ୟହୋଇ ସେ କ ବ୍ୟ ତାଡ଼ନାରେ ଦିଆଯାଇଥିବା କାମକୁ କରିଚାଲେ ସିନା, କିନ୍ତୁ ତା ମନଟା ଯେ କ୍ଲାନ୍ତ ତାହା ସେ ଅନୁଭବ କରେ ।

ସକାଳୁ ଭାବୁଭାବୁ ସଂଧ୍ୟାହେବାକୁ ବସିଲାଣି । ଏମିତି ଭାବନା ଭିତରେ ତା' ମନଟା ଭଡ଼ିଯାଇଥିଲା ତା' ଗାଁକୁ । ତା' ଗାଁର ଅତିତର ସବୁ ମଉଳାସପ୍ନ ଫୁଲକୁ ସାଉଁଟୁ ସାଉଁଟୁ ମନଟାତାର ଭାରାକ୍ରାନ୍ତ ହୋଇଉଠୁଥିଲା । ଧୀରେ ଧୀରେ ସୁନାର ମନ ହେଉଥିଲା ପକ୍ଷୀଟିଏ ହୋଇ ଉଡ଼ିଯିବାକୁ ତା' ପ୍ରିୟ ଜନ୍ମମାଟିକୁ । ଏମିତି ସମୟରେ ସେ ଶୁଣୁଥିଲା କାନ୍ଦୁରୁର ଭୟଭୀତ ସ୍ୱର ସହିତ ଏକ ଆଦେଶ । ଶୀଘ୍ର ସମସ୍ତଙ୍କୁ ପ୍ରସ୍ତୁତି ହେବାକୁ ସେ ବଡ଼ ପାଟିରେ କହୁଥିଲା । କାରଣ ଏକ ସରକାରୀ ଟଙ୍କା ନେଇ ଅସୁଥିବା ଜିପ୍ ଆଜି ଲୁଟ୍ ହେବ । ଏ କାମରେ ଯେମିତି ହେଲେ ସଫଳତା ପାଇବାକୁ ହେବ । ଲକ୍ଷ ଲକ୍ଷ ଟଙ୍କା ଆସୁଛି । ଏ ଟଙ୍କା ଆମ ହାତକୁ ଆସିଗଲେ...

ଏ କଥା ଶୁଣି ଦୌଡ଼ି ଯାଇଥିଲା ସୁନାରାମ । ଧରିପକାଇଥିଲା କାନ୍ଦୁରୁର ହାତ । କାନ୍ଦୁରୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ସୁନାରାମ ମୁହଁକୁ । ବୋଧହୁଏ ତା ପ୍ରଶ୍ନିକ ମୁଖମଣ୍ଡଳରେ କାନ୍ଦୁରୁ ଦେଖିଥିଲା ଏକ ସତ୍ ସାହସର ଆଭା । ନିର୍ବାକ ହୋଇଯାଇଥିଲା କାନ୍ଦୁରୁ । ଆଉ କହି ଚାଲିଥିଲା ସୁନାରାମ, ଏ

ଟଙ୍କା ଲୁଟ୍ ପରେ ତୁ କି ଲାଭ ପାଇବୁରେ କାନ୍ଦୁରୁ ? ଲୁଟ୍ ଟଙ୍କା ତା ଆମ ନେତାଙ୍କ ପାଖକୁ ଯିବ। ତୋ ପରିବାର, ସ୍ତ୍ରୀ, ଛୁଆ ସେମିତି ଗରିବ ହୋଇ ରହିଥିବେରେ କାନ୍ଦୁରୁ ଭାଇ। ଆଉ ତୁ ମାଓବାଦୀର ଆଶ୍ରା ପାଇ ପଶୁଭଳି ଜଙ୍ଗଲରେ ଦିନ କାଟୁଥିବୁ ସାରାଜୀବନ। ନଚେତ୍ କେତେବେଳେ ପୁଲିସ ହାତରେ ଧରାପଡ଼ି ନରହତ୍ୟା, ଚୋରୀ ଓ ଲୁଣ୍ଠନ ଅଭିଯୋଗରେ ଯାହାତ ଦଣ୍ଡ ମିଳିବ ତାହାକୁ ଜାଣୁରେ କାନ୍ଦୁରୁ ଭାଇ। ଏଇ ହାତରେ ଏସବୁ କାମ କରିବା ଠାରୁ ମାଟି ତାଡ଼ିବା ଭଲରେ ଭାଇ ଭଲ। ନାଁ ସରକାର ନାଁ ମାଓବାଦୀ କେହି ଏ ଗରିବର ସାହା ନୁହେଁ। ନିଜେ ହିଁ ନିଜର ସାହା। ଏ କାମଠାରୁ ନଖାଇ ମରିବା ଶହେ ଗୁଣରେ ଭଲ। ଏ କାମ ଆଉ କରିବିନିରେ କାନ୍ଦୁରୁ ଭାଇ। ଥରେ ଖାଲି ମନଭିତରେ ଶୁଣ। ଆମ ଗାଁ ମାଟି ଆମକୁ କିପରି ଡାକୁଛି ଏତେଦିନ ଏଠାରେ ରହିଲୁ। କେବେ କ'ଣ ଗାଁ ମାଟିର ମହକ ଏଭିତରେ ପାଇଛୁ କିରେ କାନ୍ଦୁରୁ ଭାଇ ?

ଏଥର କାନ୍ଦୁରୁ ଚାହିଁଲା ସୁନାରାମର ଲୁହବୋଳା ମୁହଁକୁ। କ'ଣ ଭାବିଲା କେଜାଣି, ସୁନାରାମକୁ କୁଣ୍ଢାଇ ଧରି ଭୋ ଭୋ ହୋଇ କାନ୍ଦିଉଠିଲା।

ଏହା ପରେ ହାତ ଧରାଧରି ହୋଇ ଦୁଇଜଣ ଦୌଡୁଥିଲେ ଜଙ୍ଗଲିଆ ସରୁ ରାସ୍ତାରେ। ତାଙ୍କ ପଛରେ ତାଙ୍କ ଦଳର ପାରାଉ ଆଉ କର୍ମା। ରାତିସୁଦ୍ଧା ପାରି ହେବାକୁ ପଡ଼ିବ ଏ ଜଙ୍ଗଲ। ଆଉ ପହଞ୍ଚିବାକୁ ହେବ ବଡ଼ବିଲ ପୁଲିସ ଷ୍ଟେସନରେ। କ୍ରମେ ଜୋର୍‌ରେ ପାଦ ପକାଇଲେ ସେମାନେ ।

ହନୁମାନ ବିହାର, ବାରିପଦା

# GANESH PUJA SPONSORS

| | |
|---|---|
| Ravi L Thapa | Special Donation |
| Pritam Nayak | Shree Ganesh Statue (50%) |
| Tank Dhar Das | Shree Ganesh Statue (50%) |
| Pradeep Sahu | Prasad (Halwa) |
| Dr.Sanat Sahoo | Prasad (Mid-day) |
| Arvind Sharma | Prasad ( Night) |
| Alok Das | Prasad ( Night) |
| Dr.A.K.Goel | Prasad ( Night) |
| CA Dinesh Goel | Prasad ( Night) |
| Jitendra K.Sahoo | Prasad ( Night) |
| Surendra Dhillon | Prasad ( Night) |
| Raj K.Sahoo | Prasad ( Night) |
| Monaranjan Saha | Prasad ( Night) |

# ଲକ୍ଷ୍ମୀ

ବିସ୍ମିତା ମହାନ୍ତି

ଲକ୍ଷ୍ମୀ ଆଖିକୁ ଆଜି ନିଦ ନାହିଁ । ସେ ଅନୁଭବ କରୁଛି, ତା' ସମ୍ମୁଖରେ ଯେମିତି ଠିଆ ହେଇଛି ଏକ ଅନତିକ୍ରମ ସମୟ, ଯାହାକୁ ଅତିକ୍ରମ କରିବାକୁ ସାହସ ଯୁଟାଇ ପାରୁନି ଲକ୍ଷ୍ମୀ । ମନଟା ଭାରି ଭାରି ଲାଗୁଛି । ମନଟା ଏମିତି ଭାରି ଭାରି ଲାଗିଲେ 'ସୁର' ତା'ର ବହୁତ ମନେ ପଡ଼େ । ଆଜି ବି ମନେ ପଡୁଛି । ଜ୍ୟୋସ୍ନା ବିଧୌତ ରଜନୀର ନୀରବ ମୁହୂର୍ତ୍ତରେ ସେ ଅଣ୍ଡାଳି ହେଉଛି ସୁରର ଅସ୍ତିତ୍ୱକୁ । କାହିଁ 'ସୁର' ? ସେ ତ ତାକୁ ଛାଡ଼ି କାହିଁ କେତେ ଦୂରକୁ ଚାଲିଯାଇଛି । ଆଖି ଖୋଲିଲା ଲକ୍ଷ୍ମୀ ପାଖରେ ଶୋଇଛି - ନଅବର୍ଷର ଝିଅ ଲିପି । ଯିଏ ନିଜ ଇଚ୍ଛାରେ ଚାଲିବୁଲି ପାରେନା, ସାତ ବର୍ଷର ଝିଅ ମିତା, ଯିଏ ଇସ୍କୁଲ ଯିବା ବଦଳରେ ଅପାକୁ ଖୁଆଇ ଦିଏ, ସାନ ଭଉଣୀର ଯତ୍ନ ନିଏ, ମାଆକୁ ସବୁ କାମରେ ସାହାଯ୍ୟ କରେ, ଅଢ଼େଇ ବର୍ଷର ରୀତା । ତିନି ଝିଅଙ୍କୁ ନେଇ ଲକ୍ଷ୍ମୀର ସଂସାର । ପର ଘରେ ପାଇଟି କରି ସଭିଙ୍କ ପେଟ ପୋଷେ ସେ । ବଡ଼ ଝିଅ ପଙ୍ଗୁ ବିଛଣାରେ ପଡ଼ିଥାଏ ସେମିତି । କାମ ସାରି ଫେରିଲା ବେଳକୁ ନିଜ ଖାଇବାକୁ ପଛକରି ଲିପିର ଗୁହ ମୂତ ସଫାକରି ବସେ ଲକ୍ଷ୍ମୀ । ଭାଗ୍ୟର କ୍ରୁର ପରିହାସକୁ ମୁଣ୍ଡପାତି ସହିଯାଇଛି ସେ । ଜୀବନଟା ଚିରାଚିରିତ ଭାବରେ ଚାଲିଥିଲା ବେଳେ, ଡ୍ରାଇଭର 'ନବ' ତାକୁ ଭଲ ପାଇ ବସିଛି । ବିବାହ ପାଇଁ ପ୍ରସ୍ତାବ ଦେଇଛି । ଲକ୍ଷ୍ମୀର ସବୁ ଦୁଃଖକୁ ସୁଖରେ ପରିଣତ କରିବାକୁ ଅଣ୍ଟା ଭିଡ଼ିଛି । ଲକ୍ଷ୍ମୀ କେମିତି ତା' ହୃଦୟରେ ଧସେଇ ପଶି ଯାଇଛି । ଜୀବନ ତା'ର ଅର୍ଥପୂର୍ଣ୍ଣ ହୋଇଯାଇଛି ।

କାମ କରିବାକୁ ଗଲାବେଳେ 'ନବ' ତାକୁ ଅପେକ୍ଷା କରି ଠିଆ ହୋଇଥିବାର ଅନେକଥର ଦେଖେ ଲକ୍ଷ୍ମୀ । ହେଲେ ନିଜ ସଂସାର ଛଡ଼ା ଅନ୍ୟ କିଛି ଭାବିବାକୁ ଇଚ୍ଛା କରିନି ସେ । ସଂପର୍କର ମାନେ ସେ ବୁଝିଛି ଯେ 'କାହାର ଅନୁପସ୍ଥିତିରେ ବି ତାକୁ ନେଇ ବଞ୍ଚିବା' । ସୁର ବ୍ୟତୀତ ଆଉ କିଛି ଚିନ୍ତା କରି ପାରେନା ସେ । ନବକୁ କିନ୍ତୁ ଭଲ ଲାଗେ ଲକ୍ଷ୍ମୀର ପାରିଲାପଣ କାନି ଘୋଡ଼ାଇ ମୁଣ୍ଡ ନୁଆଁଇ ରାସ୍ତା ଚାଲୁଥିବା ଲକ୍ଷ୍ମୀ ପ୍ରତି କେମିତି ଗୋଟେ କୃତଜ୍ଞତା ଭାବ ତା ମନକୁ ଆପେ ଆପେ ଚାଲିଆସେ ।

ଶୋଇବାକୁ ଚେଷ୍ଟା କରି ବ୍ୟର୍ଥ ହେଲା ଲକ୍ଷ୍ମୀ । ସ୍ମୃତିର ଗଣ୍ଠିଲିଟି ଆପେ ଆପେ ଖୋଲି ଯାଉଥିଲା ସୁର ଘରେ ଘରେ ଯାଇ ଗ୍ୟାସ ପହଞ୍ଚାଉ ଥିଲା । ଆହୁରି କେତେ କ'ଣ କାମ କରେ ସୁର । ଦିନ ରାତି ଖଟେ । ଭଲ ରୋଜଗାର କରେ । ଲକ୍ଷ୍ମୀ ବାରଣ କଲେ ତା' ସୁନ୍ଦର ମୁହଁଟିକୁ ହାତରେ ତୋଳିଧରି କୁହେ - 'ତୁ କାହିଁକି ବ୍ୟସ୍ତ ହେଉଛୁ ଯେ ? ତତେ ଦେଖିଦେଲେ ତ ମୋର ସବୁ କଷ୍ଟ ଲିଭିଯାଏ' । ବାସ୍ ସେଇ କଥା ପଦକରେ ଲକ୍ଷ୍ମୀ ଉଛୁଳି ପଡ଼େ । ସୁରର ବଳିଷ୍ଠ ବାହୁ ବନ୍ଧନରେ ହଜାଇ ଦିଏ ନିଜକୁ । ଲିପି ପାଇଁ ମନ ଦୁଃଖୀ କଲେ, ସୁର ବୁଝାଇ କୁହେ - ' ଭଗବାନ ଦେଇଛନ୍ତି ଯେତେବେଳେ ସେ ବୁଝିବେ ତୁ ଅଧୈର୍ଯ୍ୟ ହଅନା' । ଦୁଇ ଝିଅ ଲିପି ଓ ଗୀତା ପରେ ପୁଣି ଖୁସି ଖବରଟା ଶୁଣି ବିଭୋର ହୋଇଯାଇଥିଲା ସୁର । ସପ୍ନ ଦେଖିଥିଲା ଲକ୍ଷ୍ମୀ ସାଙ୍ଗରେ । 'ଆମର ପୁଅଟିଏ ହେବ ଗିତା ଓ ସେ ସ୍କୁଲ ଯିବେ । ବାପା ଭଳି ଅପାଠୁଆ ନ ହୋଇ ବହୁତ ପଢ଼ିବ ସେ', ଏମିତି କେତେ କ'ଣ ସପ୍ନ ଦେଖିଥିଲା ସେ ହେଲେ ତା' ସପ୍ନ ପାଖରେ ଭଗବାନଙ୍କ 'ତଥାସ୍ତୁ' ଶବ୍ଦ ନଥିଲା । ଲକ୍ଷ୍ମୀ କୋଳକୁ ଆସିଲା ରୀତା । ନିରାଶାର ପ୍ରବଳ ଶୀତରେ ଥରୁଥିବା ବେଳେ ରୀତାକୁ ଦୁଇ ହାତରେ ଟେକି ଧରିଥିଲା ସୁର । ପିଡ଼ିତ ଆତ୍ମାର କ୍ଷତରେ ସତେ କି କିଏ ବୋଳି ଦେଲା ଆଶ୍ୱାସନାର ଅଞ୍ଜନ । କାତର ଆଖିରେ ଚାହିଁଲା ଲକ୍ଷ୍ମୀ । ମୁଁ ତୁମକୁ ପୁଅଟିଏ ଦେଇ ପାରିଲି ନାହିଁ । ଲକ୍ଷ୍ମୀ ଆଶାର ଇମାରତ ରକ୍ ରକ୍ କରି ଭାଙ୍ଗିଯାଉଥିଲା । କିନ୍ତୁ 'ସୁର'ର ମୁଖମଣ୍ଡଳରେ ନିରାଶା ଓ ବିଷାଦ ବଦଳରେ ଚରମ ଶାନ୍ତି ବିଦ୍ୟମାନ କରୁଥିଲା । ଲକ୍ଷ୍ମୀକୁ ବୁଝାଉଥିଲା ସେ, ଦୁଇ ଝିଅଙ୍କୁ ପାଠ ପଢ଼ାଇ ମଣିଷ କରିବା ମୁଁ ଆହୁରି ପରିଶ୍ରମ କରିବି ତୁ ବ୍ୟସ୍ତ ହଅନା ପୁଣି ଥରେ ହସି ଉଠିଥିଲା ଲକ୍ଷ୍ମୀର ସଂସାର ।

ଜୀବନର ଗତିପଥ କେତେବେଳେ ଯେ ବଦଳିଯାଏ ଜାଣିହୁଏନା । କିଛି ଦିନ ପରେ 'ସୁର'କୁ ଜ୍ୱର ହେଲା । କି ନିଆଁଲଗା ଜ୍ୱର ହେଲା କେଜାଣି ଯେତେ ଯାହା କଲେ ବି ଭଲ ହେଲାନି । ଶେଷରେ ସୁର ଆଖି ବୁଜିଲା ପ୍ରବଳ ବାତ୍ୟାରେ ସବୁ ଭାଙ୍ଗିଯିବା ପରି ତା ସଯତ୍ନ ସୁରକ୍ଷିତ ସୌଧଟି 'ସୁର' ବିନା ଭାଙ୍ଗି ଚୁରମାର୍ ହୋଇଗଲା । ତିନି ଝିଅକୁ ନେଇ ଚଳିବା ଖୁବ କଷ୍ଟକର ହୋଇ ପଡ଼ିଲା । ଭାଙ୍ଗି ପଡ଼ିଲା ଲକ୍ଷ୍ମୀ । ଶେଷରେ ବାପଘର କଟକ ପଳେଇ ଆସିଲା ସେ । ଦୁଇ ବର୍ଷ ହୋଇଗଲାଣି ଏଇଠି ରହିଛି ସେ । ବାପା ମରିଯାଇଛନ୍ତି ମାଆ ଦୁଇଭାଇ ଓ ଭାଉଜ ସମସ୍ତେ ତା ଦୁଃଖରେ ଦୁଃଖୀ ହେଲେ କିନ୍ତୁ ଏଠାରେ ରହିବା ପ୍ରସ୍ତାବକୁ ଶୁଣୁ ଶୁଣୁ ନାକ ଟେକିଲେ । ବଖରାଏ ଘର ବ୍ୟତୀତ ଅନ୍ୟ କିଛି ସାହାଯ୍ୟ ପାଇଁ ଆଶା ନ ରଖିବାକୁ ବୁଝାଇ ଦେଲେ । ସୁର ଥିଲା ବେଳେ ଘରୁ କେବେ ଗୋଡ଼ କାଢ଼ି ନଥିଲା ସେ ଏବେ ନିଜ ଛୁଆମାନଙ୍କ ମୁହଁକୁ ଚାହିଁ ଘରୁ ଗୋଡ଼ କାଢ଼ିଲା ଲକ୍ଷ୍ମୀ ।

ରାତି ପାହି ପାହି ଆସୁଛି । ଅତୀତ ଓ ବର୍ତ୍ତମାନ ଭିତରେ କେମିତି ମନ୍ଥି ହୋଇ ଯାଉଥିଲା ସେ । ପିଲାମାନଙ୍କ ପାଇଁ ବାପାର ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚାହୁଁଛି ସେ ହେଲେ ସୁର ତା ମନ ଅଗଣାରେ ଯେଉଁ ପ୍ରିତିର ଚାରା ଲଗେଇ ଥିଲା ତାହା ଯେ ଆଜି ଶାଖା ପ୍ରଶାଖା ମେଲାଇ ନିଜର ଅସ୍ତିତ୍ୱ ଜାହିର କରୁଛି । କ'ଣ କରିବ ସେ ? କେମିତି ଭୁଲିଯିବ ସବୁକିଛି ? ତା ପୃଥିବୀର ଅନ୍ୟନାମ ଯେ 'ସୁର' । ମନକୁ ଦୃଢ଼କଲା । ଘରର ବାସି କାମ ସାରି ତାକୁ ପୁଣି କାମକୁ ଯିବାକୁ ପଡ଼ିବ ।

ସବୁଦିନ ପରି ନବ ଅପେକ୍ଷା କରିଛି ଲକ୍ଷ୍ମୀକୁ । ଆଜି କିନ୍ତୁ ତା ଅପେକ୍ଷାରେ ରହିଛି ଭିନ୍ନ ଏକ ମଧୁମୟ ବାସ୍ନା । ଯାହାର ସୁଗନ୍ଧରେ ସେ ଆତ୍ମହରା ହୋଇ ଉଠିଛି । ସେ ଖୁବ୍ ଭଲପାଏ ଲକ୍ଷ୍ମୀକୁ, ତା ସୁନ୍ଦରତାକୁ ତା ଲଜ୍ୟାଗୁଣକୁ । ଲକ୍ଷ୍ମୀକୁ ଦେଖି ଭାବନା ରାଜ୍ୟରୁ ଫେରି ଆସିଲା ନବ । ଲକ୍ଷ୍ମୀର ଛୋଟ ଉତ୍ତର 'ମୁଁ ପାରିବିନି' । ମଉଳିଗଲା ପ୍ରତୀକ୍ଷାର କୃଷ୍ଣଚୂଡ଼ା । ସେ ବୁଡ଼ିଗଲା, ବୋହିଗଲା, ବତୁରି ମିଳେଇ ଗଲା । ସେ ଭୁଲିଗଲା ନିଜ ସ୍ଥିତିକୁ, ସଭିଙ୍କୁ, ନିଜ ଆବେଗ ସପ୍ନକୁ ଫୋପାଡ଼ି ଝାଡ଼ିଝୁଡ଼ି ହୋଇ ସେ କିଛି କହିବାକୁ ଚାହୁଁଥିଲା, କାରଣ ଜାଣିବାକୁ ଚାହୁଁଥିଲା ହେଲେ ଆଗେଇ ଯାଇଥିଲା ଲକ୍ଷ୍ମୀ । ନିଜ ମନକୁ କହୁଥିଲା ସେ ମତେ ତମ ଛଡ଼ା କେହି ଛୁଇଁବେନି, କେହି ପାଇବେନି ସୁର । ଏ ଜନ୍ମ ପାଇଁ ଲକ୍ଷ୍ମୀ ଖାଲି 'ସୁର'ର ।

ଭୁବନେଶ୍ୱର


*With Best Compliments from :*

**NMF EQUIPMENT & PLANTS PVT. LTD.**

Regd. Office : A-152, Kalkaji, New Delhi - 110019 (India)
Factory : Gali No. 2, Gurukul Inderprastha, Anangpur Road, Faridabad

Off : 011-26436639, 26221887 Fax : 011-26436639, 26430728
Mobile : +91-9811301678

Email : nmfeqpts@ndf.vsnl.net.in, nmf_bps@yahoo.co.in
Website : www.nmfindia.com www.nmfindia.net

# ଭଷା ମେଘ



ସ୍ନେହଲତା ନାୟକ

ଯାତ୍ରା ବାଲା ତାଙ୍କ ଟେ ଉଠେଇ ନେଲେଣି ତିନି ଦିନ ହେଲା । ଖାଲି ବାଉଁଶ ଖୁଣ୍ଟ କେତେଟା ଠିଆ ହୋଇଛି । ପଲିଥିନ, ଜରି, ଖଇନିପେକେଟ ବିଛେଇ ହେଇପଡ଼ିଛନ୍ତି ଚାରିଆଡ଼େ । ଗୋଟେ ଝୁଙ୍କା ପବନରେ ଉଡ଼ିଆଡ଼ି ଏକାଠି ହେଉଛନ୍ତି । ପୁଣି ଗୋଟେ ଥରରେ ଖେଳେଇ ହେଇ ଯାଉଛନ୍ତି କୁଆଡ଼େ କୁଆଡ଼େ । ସେସବୁକୁ ଦେଖି ଗୋଲାପ ଗୋଟିଏ ଭାବୁଥିଲା କେବଳ - ଠିକ୍ ଏଇଭଳି ବୋଧହୁଏ ଯାତ୍ରା ପାର୍ଟିମାନେ । ଶେଇ ଶେଇ ଅଞ୍ଚଳର ଲୋକଙ୍କୁ ଏକାଠି କରନ୍ତି ଗୋଟାଏ ପେଣ୍ଡେଲ ଚାରିଆଡ଼େ । ଯାତ୍ରା ସରିଲେ ପୁଣି ସମସ୍ତେ ଛିନ୍‌ଛିତ୍ର ହୋଇଯାନ୍ତି । ବେଳେ ବେଳେ ପୁଣି କେତେ ଝିଅ ବି ବାନ୍ଧି ହୋଇଯାନ୍ତି ବିବାହ ବନ୍ଧନରେ ଏଇ ଯାତ୍ରା ଯୋଗୁଁ । ଦୂରଦୂର ଗାଁ ମାନଙ୍କର ଯେତେବେଳେ ଏକାଠି ସମାଗମ ହୁଏ ସେତେବେଳ କୋଉ ପୁଅ କୋଉ ଝିଅକୁ ପସନ୍ଦ କଲାଣି ତ କୋଉ ଝିଅ ଘରକୁ ତାଙ୍କ ପସନ୍ଦ ହେଲାଣି । ଦେଖା ଦେଖି କାମ ଏକ ପ୍ରକାର ସରିଯାଏ ସେଇଠି । ତା ପରେ ଚାଲେ ଯୋଗାଯୋଗ କଥା ବାର୍ତ୍ତା ଇତ୍ୟାଦି । ତା' ଭାଗ୍ୟରେ ବି ସେମିତି ଯୋଟକ ଟିଏ ଆସିଥିଲା । ଗୋଲାପ ଖୁବ୍ ସୁନ୍ଦରୀ । ପାଖ କଲେଜ୍‌ରୁ ପ୍ଲସ-ଟୁ ପାସ କରିଛି । ଦୋଳଯାତ୍ରା ଦେଖିବାକୁ ସେଦିନ ସେ'ବି ଆସିଥିଲା ଭଉଣୀ ଓ ସାଙ୍ଗମାନଙ୍କ ସହିତ । ତାଙ୍କ ଗାଁ ଠାରୁ ତିନି ଚାରି କିଲୋମିଟର ଦୂରରୁ ସାମନ୍ତରାୟ ପରିବାର ମଧ ଆସିଥିଲେ । ଯାତ୍ରା ପେଣ୍ଡେଲର ଆରପଟେ ଗୋରା ତକତକ ଛପୁଟିଆ ଟୋକାଟିଏ ବାରମ୍ବାର ତାକୁ ଚାହୁଁଥିଲା । ଗୋଲାପର ସାନଭଉଣୀ ଓ ସାଙ୍ଗମାନେ ତାକୁ ଖେଞ୍ଜୁଥିଲେ - ଆଲୋ ଏ ଟୋକାଟା କିଏ କିଲୋ ? ତୋତେ କଣ ଚିହ୍ନିଛି ? କ'ଣ ଯାତ୍ରା ନଦେଖି ତୋତେ ଖାଲି ଅନାଉଚି । ତା'ପାଖରେ ସେ ଝିଅ ଦି'ଟା ଠରାଠରି ହସୁଛନ୍ତି । ଘଟଣାଟା କ'ଣ ଆମେତ କିଛି ବୁଝି ପାରୁନୁ । କେମିତିକା ଅଭଦ୍ର ଟୋକାଟିଲ କେଜାଣି । ଯାତ୍ରା ନଦେଖି ଝିଅକୁ ଦେଖୁଛି ଛି.... ଛି....

ଗୋଲାପ ସତରେ ସେତେବେଳା ଯାଏ ଆଖି ଉଠେଇ ସେ ପିଲାକୁ ଦେଖିନଥିଲା । ସେ ମଗ୍ନ ଥିଲା ଯାତ୍ରା କଳାକାରଙ୍କ କଳା ନିପୁଣତାରେ । ବାରମ୍ବାର ଏମାନଙ୍କ କଥା ଶୁଣି ଶୁଣି ଶେଷରେ ବରିକ୍ତ ହୋଇଗଲା ଏବଂ ଅନେଇଦେଲା ସେଇ ଆଡ଼କୁ ଯେଉଁଠି ଆଉ ଦୁଇଟି ଆଖି ତାକୁ ଚାହିଁଥିଲା କୌତୂହଳ ଏବଂ ଗମ୍ଭୀର ମୁଦ୍ରାରେ । ଗୋଲାପକୁ ଲାଜ ଲାଗିଲା । ଯାତ୍ରା ଦେଖିବ କ'ଣ ତଳକୁ ମୁହଁ ପୋତି ପୋତି ଘରକୁ ଆସିଲା । ଯାତ୍ରା ପାଇଁ ଘରେ କୁଣିଆ ବନ୍ଧୁବାସ ଭର୍ତ୍ତି । ଦିନସାରା କାମରେ ବ୍ୟସ୍ତ ରହି ସେ ଭୁଲିଗଲା ଗତରାତିର କଥା । - ଯାହା କହ ନାନୀ ! ସେ ଟୋକାଟା ତୋତେ ପୁରା ରସି ଯାଇଛି । ନହେଲେ ଯାତ୍ରା ନଦେଖି କାହିଁକି ଖାଇ ଗଲା ଭଳିଆ ଅନଉଥିଲା କହ ... ସାନଭଉଣୀ ଚିଡ଼େଇଲା - ଟୋକାଟାର ଚେହେରା କିନ୍ତୁ ଝକାସ....- ଧେତ୍ ତେରିକା ସେ ଟୋକା ମୋତେ ରସୁକି ନରସୁ ତମେ ଦି'ଜଣ କିନ୍ତୁ ତାକୁ ପୁରାପୁରି ରସିଯାଇଛ.... ଗୋଲାପ ସେମାନଙ୍କୁ ଚୁଗୁଲେଇଲା । କାର୍ଯ୍ୟ ବ୍ୟସ୍ତତା ଭିତରେ ଅବଶ୍ୟ ବାରମ୍ବାର ତା'ମନ ଭିତରକୁ ଧସେଇ ପଶୁଥିଲା, ସେଇ ମୁଗ୍‌ଧ ଆଖି ଯୋଡ଼ାକ ଯିଏ ତାକୁ ସାରାରାତି ଏକ ଲୟରେ ଚାହିଁ ରହିଥିଲେ ।

ଦୋଳପର୍ବର ଶେଷ ଦିନ । କୁଣିଆ ମାନଙ୍କର ଘର ବାହୁଡ଼ାର ପ୍ରସ୍ତୁତି । ବାସ ଠିକ୍ ଏଇ ସମୟରେ ଗାଡ଼ିଟିଏ ଲାଗିଲା ଗୋଲାପଙ୍କ ଘର ଦୁଆର ମୁହଁରେ । ସମସ୍ତେ ହଡ଼ବଡ଼ ହେଇ ଦାଣ୍ଡକୁ ଧାଇଁଲେ । ତା' ବାପା, ବଡ଼ବାପା, ବଡ଼ବୋଉ ଏବଂ ଅନ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଗାଡ଼ିରୁ ଓହ୍ଲେଇଲେ ଜମିଦାର ଅଚ୍ୟୁତ ସାମନ୍ତରାୟ । ଗୋଲାପ ସେତେବେଳେ ରୋଷେଇ ଘରେ ଥାଏ ।ଶୁଣିଲା -ତାକୁ ବୋହୂ କରି ନେବାକୁ ଜମିଦାରଙ୍କ ପରିବାର ଆଗ୍ରହୀ । ତାଙ୍କର କେବଳ ଭଲ ଗୁଣୀ ଝିଅଟିଏ ଲୋଡ଼ା । ଗୋଲାପକୁ ଚଟାପଟ ବେଶ କରିଦେଲେ ତା' ସାଙ୍ଗମାନେ । ଚା ପାନ ଟ୍ରେ ନେଇ ସେ ଆସିଲା ସମସ୍ତଙ୍କ ସାମନାକୁ ।

- ବାଃ ସତରେ ଝିଅଟିତ ଗୋଲାପ ଫୁଲଟେ ପରି । ସ୍ତ୍ରୀ ଲୋକ ଜଣେ ମନ୍ତବ୍ୟ ଦେଲେ ।

- ବଡ଼ଜେନା ବାବୁ ! ଆମର କିଛି ଲୋଡ଼ା ନାହିଁ । ଝିଅଟି ଆମର ମନକୁ ପାଇଛି । କାଲି ସଂଜକୁ ପୁଅ ଓ ତା' ମାଆ ଆସି ମୁଦି ପିନ୍ଧେଇ ଦେଇ ଯିବେ ।

ସେମାନେ ଚା ଜଳଖିଆ ଖାଇ ବିଦାୟ ନେଲେ । ପୁଣି ପରଦିନ ସଂଜକୁ ଅପେକ୍ଷା । ସାଜ ସଜା ଚା ଜଳଖିଆର ଯୋଗାଡ଼ ଯନ୍ତ୍ର । ଗୋଲାପର ବଡ଼ବାପା ଗାଁର କେତେଜଣ ଭଦ୍ର ଲୋକଙ୍କୁ ନିମନ୍ତ୍ରଣ ଦେଇ ଆସିଲେ । ଜମିଦାର ସାମନ୍ତରାୟଙ୍କ ଘରକୁ ବଡ଼ଜେନାଙ୍କର ଝିଅ ବୋହୂ ହୋଇ ଯାଉଛି । ଏ'ତ କମ୍ ବଡ଼ ସୌଭାଗ୍ୟର କଥା ନୁହଁ । ପୁଅ ତ ତାଙ୍କର ରାଜକୁମାର, ପୁଣି ବଡ଼ ଅଫିସର । ଆଠ ମଙ୍ଗଳା ସରିଲେ ଝିଅ ଚାଲିଯିବ ସହରକୁ

ଲୋକେ କୁହାକୁହି ହେଲେ । ବଡ଼ ନସୀବ୍‌ବାଲା ବଡ଼ଜେନା । ଝିଅଟାର କପାଳ ବି ଭଲ... । ଆଉ ଝିଅମାନଙ୍କର ମାଆମାନେ ଇର୍ଷାରେ ଜଳିଲେ

- ହାତୀ କ'ଣ ଏଇ ବଡ଼ ଜେନାଝିଅ ମୁଣ୍ଡରେ ସୁନା କଳସ ଢ଼ାଳିବାକୁ ଥିଲା ? ସିଏ ଏକା ସୁନ୍ଦରୀ । ଆଉ କ'ଣ ଏ ସାର ଗାଁଟା ଯାକର ଝିଅ ବାନ୍ଦରୀ ... ?

ପ୍ରତୀକ୍ଷାର ଅନ୍ତ ଘଟେଇ ଠିକ ସଂଜଦିଆ ପରେ ଗାଡ଼ିଟେ ଲାଗିଲା ବଡ଼ଜେନାଙ୍କ ଘର ଦୁଆରେ । ବନାରସୀ ପାଟ, ଗହଣା ଗାଣ୍ଠିରେ ମଣ୍ଡିତା ଜମିଦାରଙ୍କ ପତ୍ନୀ ସୁହାସିନୀ ଦେବୀ ଓହ୍ଲେଇଲେ ଗାଡ଼ିରୁ । ଆଦରରେ ତାଙ୍କୁ ଏବଂ ତାଙ୍କ ପୁଅକୁ ପାଛୋଟି ନେଲେ ସମସ୍ତେ । ମୁଦି ପିନ୍ଧେଇବାର ବେଳ ଆସିଲା । ଗୋଲାପ ଆଉ ତା'ର ସାନ ଭଉଣୀ ପ୍ରବେଶ କଲେ ସେଇ ଘରକୁ ଯେଉଁଠି ଅପେକ୍ଷା କରିଥିଲେ ତାକୁ ତା'ଭାବୀ ବର ଏବଂ ଶାଶୁ । ଗୋଲାପ ହାତରେ ଚା ଟ୍ରେ । ସାମନାରେ ବସିଥିବା ଯୁବକକୁ ଚାହିଁ ଚମକି ପଡ଼ିଲେ ଦୁଇ ଭଉଣୀ ।

- ଆରେ ଏ'ତ ଯାତ୍ରାର ସେଇ ଲଫଙ୍ଗା ଟୋକା ...

ସାନ ଭଉଣୀ ଚିମୁଟି ଦେଲା ଗୋଲାପକୁ । କିଛି ତ କହି ହେବନି ଏବେ ଚାରିପଟେ ଗୁରୁଜନମାନେ ଘେରି ବସିଛନ୍ତି । କିନ୍ତୁ କହିବା ଶୁଣିବା ଆଗରୁ ଶାଶୁ ତାକୁ ମୁଦି, ହାର ପିନ୍ଧେଇ ଦେଲେ । ଖୁସିରେ ଗଦଗଦ ହେଇ କହିଲେ, - ମୋ ଘରେ ସବୁ ଅଛି, କେବଳ ସଂପନ୍ନା, କୁଳୀନା ଝିଅଟିଏ ଲୋଡ଼ା ଥିଲା ଯିଏ ମୋ ସଂସାରକୁ ସମ୍ଭାଳିବ... । ଠାକୁର ମୋତେ ଲକ୍ଷ୍ମୀ ଠାକୁରାଣୀ ବୋହୂ ଜୁଟେଇ ଦେଲେ । ଏଥର ମୁଁ ନିଶ୍ଚିନ୍ତ ...

ବିଦାୟ ନେବା ପୂର୍ବରୁ ଟୋକାଟା ସାନ ଭଉଣୀ କାନରେ କହିଲା -ଏ ନାଟକଟା ଯାତ୍ରା ନାଟକ ଠାରୁ ସୁନ୍ଦର ହେଲାନି ?

ମାତ୍ର ଛଅଟା ଦିନ ପରେ ନିର୍ବନ୍ଧ ଆଉ ମାସକ ପରେ ବାହାଘର । ଗୋଲାପ ଜୀବନର କେଳବ ସୁଖ ହିଁ ସୁଖ । ଘରେ ଚାକର ବାକର ଭର୍ତ୍ତି । ଖାଲି ଦିନରାତି ପାଟମଠା ଗହଣା ଗାଣ୍ଠି ବଦଳେଇବା କଥା । ସତରେ ଯାକୁ ହିଁ କହନ୍ତି ବୋଧେ ସର୍ଗ ସୁଖ । ମଧ୍ୟବିତ୍ତ ପରିବାରର ଝିଅ ଗୋଲାପ ଜୀବନର ବିଧାତା ଏତେବଡ଼ ସୁଖ ରଖିଥିଲା ? ମାସ ଚାରିଟା ଶାଶୁ ଶଶୁରଙ୍କ ଗହଣରେ କଟେଇ ସେ ସ୍ୱାମୀ ଅନୁକଳ୍ପଙ୍କ ସହିତ ଭୁବନେଶ୍ୱର ଆସିଲା । ଏଠି ବି ଚାକର ଚାକରାଣୀ ଢ଼େରେ । କେବଳ ଖାଇବା, ପିଇବା, ଓ ସଜେଇ ହେଇ ବୁଲିବା କଥା । ଇସ୍ କି ସୁନ୍ଦର ମଧୁମୟ ଜୀବନ । ସର୍ଗଟା ଯେମିତି ହାତ ମୁଠାରେ । ଦି'ବର୍ଷଯାଏ ଅନୁକଳ୍ପ ମୋଟେ ବାପା ହେବାକୁ ଚାହିଁଲାନି । ଘରେ ଏଣେ ଶାଶୁଙ୍କ ଚାପ - ମୋତେ ନାତି କି ନାତୁଣୀଟେ ଦେଇ ତମେ ତମର ବୁଲୁଥାଅ । ମୁଁ କାହା ସାଙ୍ଗରେ ହସି ଖେଳି ଦିନ କଟେଇବି ? ଗୋଲାପ ଅନୁକଳ୍ପକୁ ବୁଝେଇ ଥକିଲା । ହେଲେ ସେତ ଫୁଲୁ ଫାଙ୍କିଆ । ଆଗ ପାଞ୍ଚବର୍ଷ ଜୀବନକୁ ଉପଭୋଗ କରିସାରେ ତା'ପରେ ଛୁଆ ପିଲା ଧନ୍ଦା ବାସ ଏତକ କହି ସେ ତାଙ୍କର କ ର୍ତ୍ତବ୍ୟ ଶେଷ କରନ୍ତି ବୋଧେ । ଗୋଲାପର ମନ ଦିନକୁ ଦିନ ମରିଯାଉଥିଲା । ଏପଟେ ଶାଶୁ ଶ୍ୱଶୁର ସେପଟେ ସ୍ୱାମୀ । କାହାକୁ ସେ ଅଙ୍କିରେ ଭରିବ । କାହା ପାଇଁ ହାତ ମୁଠା ଖାଲି କରିଦେବ ଆଉ ଏତିକି ବେଳକୁ ତା' ସୁଖ ସଂସାରକୁ ଯେମିତି ରାହୁ ଗ୍ରାସିଲା । ନିଆଁ ଲାଗିଗଲା ତା ମଧୁମୟ ଦାମ୍ପତ୍ୟ ଜୀବନରେ । ତା'ର ଅନ୍ତରଙ୍ଗ ବାନ୍ଧବୀ ଅର୍ପିତା ବି.ଏ.ପାସ କରିସାରି ବି.ଇ.ଡ଼ି କରିବାକୁ ଆସିଲା ସେଇ ସହରକୁ । ଗୋଲାପର ଘରଟାତ ରାଜ ଉଆସ । କେତେ ରୁମ୍ ଖାଲି ରହିଛି । ଗୁଡ଼ିଏ ରୁମ୍‌ରେ ଚାକର ବାକର ଆସ୍ଥାନ ଜମେଇଛନ୍ତି । ଅର୍ପିତାର ବାପା ପ୍ରସ୍ତାବ ଦେଲେ - ଝିଅଟା କାହିଁକି ହଷ୍ଟେଲରେ ରହିବ । ଏବେ ଯୁଗକାଳର ଯାହା ହାଲଚାଲ । ସେ ଏଇଠି ରହିଯାଉ । ଦିନ କେଇଟାର କଥା । ତୋର ବି ସମୟ କଟିଯିବ । ଏକୁଟିଆଟା ରହୁଛୁ ଦିନଟା ଯାକ... ।

ଗୋଲାପକୁ ସତରେ ଖୁବ ଏକୁଟିଆ ଲାଗୁଥିଲା । ଯଦିଓ ତା ସ୍ୱାମୀ ସାଙ୍ଗରେ ସେ ବୁଲୁଥିଲା ସବୁବେଳେ ତଥାପି ତା' ଭିତରେ ଏକ ଶୂନ୍ୟତା ବୋଧ ତାକୁ ଝୁଣି ଖାଉଥିଲା । ଅନୁକଳ୍ପର ସାଙ୍ଗସାଥିମାନେ ଯେଝାର ଛୁଆ ପିଲାଙ୍କୁ ନେଇ ବ୍ୟସ୍ତ ଥିଲାବେଳେ ଏ ଦୁହେଁ ଖାଲି ଖାଲି ଯେଉଁଠି ନାଇଁ ସେଇଠି ପହଞ୍ଚି ଯିବାଟାକୁ ଆଦୌ ସୁସ୍ଥ ମନରେ ସେ ଗ୍ରହଣ କରିପାରୁନଥିଲା । ସେଇ ଯୁଗେ କେଉଁ ଉତ୍ସବ କିମ୍ବା କାହା ଘରକୁ ଯିବାକୁ କୁଣ୍ଠାବୋଧ କରୁଥିଲା । ଅର୍ପିତାକୁ ପାଇ ସତରେ ସେ ଯେମିତି ବିଭୋର ହୋଇଗଲା ଏକାଥରେ । ସେ କ'ଣ ସେତେବେଳେ କ'ଣ ଜାଣୁଥିଲା କି ଗୋଟେ କାଳସର୍ପକୁ ବେକରେ ଗୁଡ଼ାଉଛି ବୋଲି, ନିଜ ଗୋଡ଼ରେ କୁରାଢ଼ି ଚୋଟ ମାରୁଛି ବୋଲି । ସେ କେବଳ ବାନ୍ଧବୀର ସଙ୍ଗସୁଖରେ ପାଗଳୀ ହୋଇଯାଇଥିଲା । ମାସେ ଖଣ୍ଡେ ଯାଏ ସବୁକିଛି ଠିକ୍‌ଠାକ ଚାଲିଥିଲା । ତା'ପରେ ଅନୁକଳ୍ପ ଅର୍ପିତା ପାଇଁ ଛୋଟ ଛୋଟ ଉପହାର ଧରି ଆସନ୍ତି । ଗୋଲାପକୁ ବାହାରକୁ ବୁଲେଇ ନେଲା ବେଳେ ତାକୁ ମଧ ଯିଦ୍‌କରି ସାଙ୍ଗରେ ନିଅନ୍ତି । ଥଟ୍ଟା ମଜା ବେଶ୍ ଚାଲେ ଦୁହିଁଙ୍କ ଭିତରେ । ପ୍ରଥମେ ପ୍ରଥମେ ଗୋଲାପ ଏ ସବୁ ବିଷୟରେ ଗୁରୁତ୍ୱ ଦେଉନଥିଲା, କିନ୍ତୁ ଭାବୁ ନଥିଲା । ଆସ୍ତେ ଆସ୍ତେ ତା'ମନ ଭିତରେ ସନ୍ଦେହ ଜମାଟ ବାନ୍ଧିଲା । ଅନୁକଳ୍ପର ଅଫିସ ଫେରନ୍ତା ପଥକୁ ସେ ନୁହେଁ ବରଂ ଖୁବ୍ ଉତ୍କଣ୍ଠାର ସହ ସଜେଇ ଧଜେଇ ହୋଇ ଅର୍ପିତା ହିଁ ଅପେକ୍ଷା କରୁଥିଲା । ଅନୁକଳ୍ପ ଘରେ ପାଦ ଦେବା ମାତ୍ରେ ଖୁସିରେ ଉଛୁଳି ଉଠୁଥିଲା । ସଙ୍ଗେ ସଙ୍ଗେ ଚା ପକୋଡ଼ି, ଚପ୍ ଇତ୍ୟାଦି ହାତରେ ବନେଇ ଥୋଇ ଦେଉଥିଲା ଟେବୁଲ ଉପରେ । ହଠାତ୍ ସେଇ ସମୟରେ ଗୋଲାପର ମାଆଙ୍କର ଦେହାନ୍ତ ଘଟିଲା । ତାକୁ ଗାଁକୁ ଆସିବାକୁ ତ ହେବ । ସେ ଅର୍ପିତାକୁ

ଢ଼େରେ ଡାକିଲା ତା ସାଙ୍ଗରେ ଯିବାକୁ । ପରୀକ୍ଷା, ପ୍ରାକ୍ଟିକାଲ ଏମିତି ସେମିତିର ବାହାନା ଦେଖେଇ ଅର୍ପିତା ଅଟକି ଗଲା । ବାଧ ହୋଇ ଗୋଲାପ ଏକୁଟିଆ ଆସିଲା । ଗାଁକୁ ତା' ଆସିବାର ଆଠ ଦିନପରେ ଅର୍ଥାତ ଦଶାହ କ୍ରିୟାରେ ଯୋଗ ଦେଇ ଅନୁକଳ୍ପ ମାତ୍ର ଦୁଇଟା ଦିନପରେ ସହର ଫେରିଗଲେ । ଥରୁଟିଏ ବି ତାକୁ ପଚାରିଲେନି, - ତମେ କେବେ ଆସୁଛ, କିମ୍ବା ମୋ ସାଙ୍ଗରେ ପଳେଇ ଚାଲ । ବାହାଘର ପରେ ଏଇଟା ହିଁ ଖୁବ୍ ଦୀର୍ଘତମ ବ୍ୟବଧାନ ଦୁହିଁଙ୍କ ଭିତରେ, ତା'ପରେ ବି ଅନୁକଳ୍ପ ବେଫିକର, ନୀରବ ! ଗୋଲପକୁ କେମିତି ଗୋଟେ ଶକ୍ତ ଧକକା ଲାଗିଲା । ତା ବାପା ପଚାରିଲେ - ଜୋଇଁ ତୋ ଯିବା କଥା ତ କିଛି କହିଲେ ନାହିଁ ...

- ହିଁ... କହିଛନ୍ତି ନା, ମୁଁ ତ କାଲି ବାହାରିବି ବାପୁ ସାଙ୍ଗରେ, ଚଟାପଟ ଗୋଲାପ ଉତ୍ତର ଫେରେଇଲା ତା' ବାପାଙ୍କୁ । ସତରେ ତା ବାପାଙ୍କୁ ଏମିତି ଅସହାୟ ଅବସ୍ଥାରେ ଛାଡ଼ି ଯିବାକୁ ଆମ୍ଭା ଚାହୁଁ ନଥିଲେ ସେ ବାଧ ହୋଇ ଲେଉଟିଲା ଅଚାନକ ଅନୁକଳ୍ପଙ୍କୁ କିଛି ଖବର ନଦେଇ । କିନ୍ତୁ ସେତେବେଳକୁ ଆଉ କ'ଣ କିଛି ବାକିଥିଲା କି ? ତା' ଦୁନିଆ ଉଜୁଡ଼ି ସାରିଥିଲା । ତା' ଶୋଇବା ଘର ଅର୍ପିତାର କବଜାରେ, ଯେଉଁ ସ୍ତୀର ଶୋଇବା ଘର ଆଉ ଜଣଙ୍କ ହାତକୁ ଯାଏ ସେତେବେଳେ ସେ କ'ଣ ଆଉ ମଣିଷ ହେଇ ରହେ ? ସେ ହୋଇଯାଏ ସଉତୁଣୀ । ନିଃସ୍ୱ ଜୀବନରେ ଅଧିକାରିଣୀ । ସାନ ଭାଇ ସବୁ ଦେଖିଲା, ସବୁ ବୁଝିଲା । ଅପାର ଉଜୁଡ଼ା ସଂସାରରେ ସେ ସତେ ଅବା ଅଲୋଡ଼ା କୁଣିଆ । ଶୁଖିଲା ମୁହଁ ନେଇ ସେଇ ସଂଧ୍ୟା ବସରେ ସେ ଗାଁକୁ ଫେରିଲା । ଗୋଲାପ ଯଦିଓ ରାତିରେ ତା ଶୋଇବା ଘରେ ଅନୁକଳ୍ପ ସହ ଥିଲା କିନ୍ତୁ ରାତି ଅଧକୁ ସେ ଉଠିଗଲେ ଅର୍ପିତା ପାଖକୁ ।

କ'ଣ କରିବ ଗୋଲାପ ? କାହାକୁ ଏକଥା କହିବ ? କିନ୍ତୁ କଥା ତ ଛପି ରହିଲାନି । ପବନରେ ଯେମିତି ଖେଳେଇ ହୋଇ ଗାଁ ଦାଣ୍ଡରେ ଉଡ଼ି ବୁଲିଲା । ମୁରବୀ ମାନଙ୍କ କାନକୁ କଥା ଗଲା ବେଳକୁ ଢ଼େରେ ଡ଼େରି ହୋଇ ସାରିଥିଲା । ତଥାପି ତା' ସଂସାରରେ ସେ ରହିଥିଲା ଅଲୋଡ଼ା ଅଖୋଜା ହୋଇ, କିନ୍ତୁ ଯେଉଁ ଦିନ ଅନୁକଳ୍ପ ଅର୍ପିତାକୁ ମନ୍ଦିରରେ ସିନ୍ଦୁର ଫୁଲମାଳ ଦେଇ ବାହାହେଇ ଗଲେ ଆଉ ତା' ହାତ ଧରି ଗୃହ ପ୍ରବେଶ କରେଇଦେଲେ ସେଇଦିନ ଗୋଲାପ ଛାଡ଼ି ଦେଲା ସେ ଘର ଆଉ ତା' ସ୍ୱାମୀ ନାମକ ମଣିଷଟିକୁ । ନିଜର ଘନିଷ୍ଠ ବାନ୍ଧବୀ ହୋଇ ଗୋଲାପର ଅଧିକାରକୁ ଛଡ଼େଇ ନେବାରେ ଟିକେ ବି କୁଣ୍ଠାବୋଧ କଲାନି ଅର୍ପିତା । ଗୋଲାପ କିନ୍ତୁ ଲଢ଼ିଲାନି । ତା'ସ୍ୱାମୀ ବୋଧହୁଏ କାପୁରୁଷ । ପିତା ହେବାର ଯୋଗ୍ୟତା ତାଙ୍କଠି ନାହିଁ କି କ'ଣ ସେଇ ଯୁଗେ ଭୟରେ ଦୂରେଇଗଲେ ତା'ଠୁ । ନାରୀ କ'ଣ କେବଳ ଭୋଗ୍ୟା ? ତା'ର ମନବୋଲି କିଛି ନାହିଁ ? ହଉ... ସେବି ଅପେକ୍ଷା କରିବ ଅର୍ପିତାର ମାତୃତ୍ୱକୁ । କେତେ ଦିନ ଯାଏ ଜୀବନକୁ ଏମିତି ଉପଭୋଗ କରି ଚାଲିଥିବ ସେ ବି ଦେଖିବ । ଛିଃ କରିଦେଇ ଆସିଛି ଯେ ଆଉ ଲେଉଟିନି । ଏ ଭିତରେ ଦଶବର୍ଷ ହେଇଗଲାଣି । ଏବେ ସେ, ନିଜ ଘର ପାଖ ସ୍କୁଲରେ ଟିଚ୍‌ର । ମଝିରେ ମଝିରେ ଶାଶୁଙ୍କ ପାଖକୁ ଯାଏ । ତାଙ୍କ ବଂଶ ଆଉ ଆଗକୁ ବଢ଼ିଲାନି । ଅନୁକଳ୍ପ ପାଖରେ ହିଁ ଶେଷ ହେବ ବୋଧେ । ଏଇ ଯାତ୍ରା ଆସିଲେ ତା ଭିତରଟା ଯେମିତି ଖଣ୍ଡ ଖଣ୍ଡ ହୋଇଭାଙ୍ଗି ପଡ଼େ । ସାନ ଭଉଣୀର ଯାତ୍ରାରେ ଠିକ୍ ହୋଇଥିବା ଏକ ବା'ଘର ପ୍ରସ୍ତାବକୁ ସେ ନିଜେ ଭାଙ୍ଗିଦେଲା । ଅବଶ୍ୟ ସେ ଅନ୍ୟଠି ବାହା ହୋଇଛି ତା' ଛୁଆ ଗୋଲାପର ଛାତ୍ର ଛାତ୍ରୀ ।

**ମାର୍ଫତ୍ କିଶୋର ଚନ୍ଦ୍ର ନାୟକ**
**ରାଉରକେଲା ପୌରପାଳିକା କଲୋନୀ**
**ଓରାମପଡ଼ା, ଉଦିତନଗର**
**ରାଉରକଲୋ-୧୨**

***With Best Compliments from :***

# BIOCHEM INDUSTRIES

(Manufacturer & Suppliers of: Textile Auxiliaries)

Plot No: 03, Street No: 04, Main Sheetla Mata Road,
Opp. Tivoli Gardan, Sheetla Colony, Gurgaon-122001
Ph. No: 0124-6568403, Mob. No: 9899282203
Email: biochemindustri@gmail.com

# ଆଉ ଏକ କାହାଣୀ

କସ୍ତୁରୀ ଚରଣ ଦାସ

କଲ୍ୟାଣ ଚଉଧୁରୀ ପ୍ରାତ୍ୟହିକ ଶୌଚକାର୍ଯ୍ୟ ଶେଷ କରି ବୈଠକଖାନାରେ ବସି ପ୍ରାତଃରାସରେ ମଗ୍ନଥିଲେ। ସେତିକି ବେଳେ ବାହାରୁ କେହି କବାଟର କଡ଼ା ହଲେଇବାର ଶବ୍ଦ ଶୁଣି ଚା କପ୍‌ଟା ଟେବୁଲ ଉପରେ ରଖି କହିଲେ, କାମ୍ ଇନ୍। ଦରଜା ଖୋଲା ଅଛି।

ବାହାରୁ କବାଟ ଖୋଲିବା ମାତ୍ରେ ଘରଟାରେ ଯେପରି ସୁବାସର ଏକ ଦମ୍‌କା ପବନ ପଶି ଆସିଲା। କଲ୍ୟାଣ ବାବୁ ଦେଖିଲେ ଗୋଟିଏ ସୁବେଶା ତରୁଣୀ ସହିତ ଜଣେ ବୟସ୍କ ଭଦ୍ରଲୋକ ଭିତରକୁ ପଶି ଆସୁଛନ୍ତି। ଦୁହେଁ ହାତଯୋଡ଼ି ନମସ୍କାର କରିଠିଆ ହୋଇଛନ୍ତି। କଲ୍ୟାଣ ବାବୁ ଇଙ୍ଗିତରେ ହାତ ହଲାଇ ବସିବାକୁ କହିଲେ। ବୟସ୍କ ଭଦ୍ର ଲୋକ ଜଣକ ଚେଆରରେ ବସିବା ପୂର୍ବରୁ କହିଲେ - ମୋ ନାଁ ଚନ୍ଦ୍ର ଶେଖର। ଏ ଝିଅଟିର ନା ରାଧାରାଣୀ। ମୁଁ ଜଣେ ପରଫ୍ୟୁମ୍ ବିକ୍ରେତା। ସବୁ ପ୍ରକାର ଇମ୍ପୋଟେଡ୍ ପରଫ୍ୟୁମ୍‌ର ମୁଁ ଏଜେଣ୍ଟ। ଗାଁ ଲୋକଙ୍କ ଠାରୁ ଶୁଣିଲି ଆପଣଙ୍କର ପରଫ୍ୟୁମ୍‌ର ଖୁବ୍ ସଉକ। କଲ୍ୟାଣ ବାବୁ କହିଲେ - ଆପଣ ଠିକ୍ ଶୁଣିଛନ୍ତି। ଆପଣଙ୍କ ସୁବାସିତ ପରଫ୍ୟୁମ୍‌ର ମୁଁ ଟିକିଏ ନମୁନା ଦେଖିବାକୁ ଚାହେଁ।

ଚନ୍ଦ୍ରଶେଖର ବାବୁ ଅତର ଦାନିଟି ଖୋଲି ଛୋଟ ଛୋଟ ଶିଶି କେଇଟି ବାହାର କରି ସୋଫା ଉପରେ ଥୋଇଲେ। ଗୋଟିଏ ଶିଶିଧରି ଠିପି ଖୋଲିଲେ। କଲ୍ୟାଣ ବାବୁ ବାଁହାତ ପାପୁଲିଟି ତାଙ୍କ ଆଡ଼କୁ ବଢ଼ାଇ ଦେଲେ। ଚନ୍ଦ୍ରଶେଖର ବାବୁ ଶିଶିରୁ ଟୋପାଏ ତରଳ ପଦାର୍ଥ ବାହାର କରି ହାତ ପାପୁଲିରେ ଘଷିଦେଲେ। କଲ୍ୟାଣବାବୁ ପାପୁଲିଟି ନାକ ପାଖକୁ ନେଇ ଶୁଙ୍ଘିସାରି କହିଲେ - ଏଇଟା ଚମ୍ପକ। ଚନ୍ଦ୍ରଶେଖର ବାବୁ ଆଉ ଗୋଟିଏ ଶିଶିରୁ ଟୋପାଏ ବାହାର କରି ପାପୁଲିର ଟିକିଏ ଦୂରକୁ ଘଷିଦେଲେ। କଲ୍ୟାଣବାବୁ ନାକ ପାଖକୁ ହାତ ନେଇ କହିଲେ- ଏଇଟା କେତକୀ- ହଁ କହି ଚନ୍ଦ୍ରଶେଖର ବାବୁ ଆଉ ଗୋଟାଏ ଶିଶି ଖୋଲିବାକୁ ଯାଉଥିଲେ, କଲ୍ୟାଣବାବୁ ମନାକଲେ ନା ଆଉ ଖୋଲନ୍ତୁ ନାହିଁ। ଗନ୍ଧରୁ ମୁଁ ବୁଝିପାରୁଛି। ଏଗୁଡ଼ିକ ଅରିଜିନାଲ। ମୁଁ କିଛି କିଣିବି କିନ୍ତୁ ଏଗୁଡ଼ିକର ଦାମ୍ କିପରି ? ଚନ୍ଦ୍ରଶେଖର ବାବୁ କହିଲେ- ସବୁ ଗୁଡ଼ିକରେ ଭଲ 'ଅଫର' ଅଛି। ଶହେ ଟଙ୍କାର କିଣିଲେ, କୋଡ଼ିଏ ଟଙ୍କାର ଗୋଟିଏ ଶିଶି ଫ୍ରି ପାଇବେ। ଆପଣ ଯେତେ ବେଶୀ ଟଙ୍କାର କିଣିବେ ସେତେ ବେଶୀ ଅଫର ପାଇବେ। ଏପରିକି ଗୋଟିଏ କିଣିଲେ ଗୋଟିଏ ଫ୍ରି ପାଇବାର ଅଫର ମଧ୍ୟ ଅଛି।

ତାପରେ ଟିକିଏ ଅଟକି ଯାଇ, ଝିଅଟି ଆଡ଼େ ଚାହିଁ କହିଲେ- ଆପଣ ଯଦି ଦୁଇ ହଜାର ଟଙ୍କାର କିଣନ୍ତି ତା' ହେଲେ ଏଇ ଝିଅଟି ସହିତ ଆଠଘଣ୍ଟା ନିରୋଳାରେ କଟାଇବାର ସୁଯୋଗ ପାଇବେ।

କଲ୍ୟାଣ ବାବୁ ଝିଅଟି ଆଡ଼େ ଚାହିଁଲେ। ଝିଅଟି ଟିକିଏ ହସି ମୁଣ୍ଡ ହଲାଇ ସମ୍ମତି ଜଣାଇଲା।

କଲ୍ୟାଣ ବାବୁ ଖୁସି ହେଲେ କି ନାହିଁ, କେଜାଣି ଝିଅଟି ଆଡ଼େ ଅପଲକ ନୟନରେ ଅନେକ ସମୟ ଚାହିଁ ରହିଲେ। ହଁ ଆଜ୍ଞା ଚନ୍ଦ୍ରଶେଖର କହିଲେ।

-ଆପଣଙ୍କର ଏ ବଡ଼ ଅଦ୍ଭୁତ ଅଫର। ମୁଁ ଅନେକ ମଲ୍ ବୁଲିଛି। ସବୁଠି ଗୋଟିଏ କିଣିଲେ ଗୋଟିଏ ଫ୍ରି ପାଇଛି। କିନ୍ତୁ ଦୁଇ ହଜାର ଟଙ୍କାର ଫରଫ୍ୟୁମ କିଣିଲେ, ଗୋଟିଏ ଯୁବତୀ ଆଠ ଘଣ୍ଟା ପାଇଁ ଫ୍ରି'ରେ ମିଳିବ ଏକଥା ମୁଁ ଶୁଣି ବିଶ୍ୱାସ କରି ପାରୁନାହିଁ।

-ଆପଣ ବିଶ୍ୱାସ କରନ୍ତୁ କଲ୍ୟାଣ ବାବୁ। ଯୁଗ ବଦଳୁଛି ଆହୁରି କେତେ କ'ଣ ଅଜବ କଥା ଯେ ଶୁଣିବେ ତା'ର ଠିକ୍‌ଠିକଣା ନାହିଁ। ଆପଣ କହିଲେ ମୁଁ ଦୁଇହଜାର ଟଙ୍କାର ପରଫ୍ୟୁମ୍ ଦେବି। ଆଠଘଣ୍ଟା ପାଇଁ ରାଧାରାଣୀକୁ ଛାଡ଼ିଦେଇ ଯିବି। ଠିକ୍ ଆଠଘଣ୍ଟା। ତା'ଠାରୁ ମିନିଟିଏ ବେଶୀ ହେବନାହିଁ।

କିନ୍ତୁ...

କିନ୍ତୁ ଆଉ କାହିଁକି ? ଆପଣ ପରୀକ୍ଷା କରି ଦେଖନ୍ତୁ।

କଲ୍ୟାଣବାବୁ ଘରେ ଏକା ଅଛନ୍ତି। ଛୁଆପିଲା କେହି ନାହାନ୍ତି। ସମସ୍ତେ ବାହାଘର ନିମନ୍ତ୍ରଣରେ ଯାଇଛନ୍ତି। ସେ ବିସ୍ମିତ ହୋଇ କିଛି ସମୟ ଅନାଇ ରହିଲେ ଝିଅଟି ମୁହଁକୁ। ତା'ପରେ କ'ଣ ଭାବି ଭିତରକୁ ଉଠିଯାଇ ଦୁଇହଜାର ଟଙ୍କା ଆଣି ଚନ୍ଦ୍ର ଶେଖର ହାତ ବଢ଼ାଇ ଦେଲେ। ଚନ୍ଦ୍ରଶେଖର ବାହାରି ଯିବା ଆଗରୁ ଦୁଇ ହଜାର ଟଙ୍କାର ପରଫ୍ୟୁମ୍ ତାଙ୍କ ହାତକୁ ବଢ଼ାଇ ଦେଇ କହିଲେ ଏଇକ୍ଷଣି ଦଶଟା ବାଜୁଛି ମୁଁ

ଠିକ୍ ଛଅଟା ବେଳକୁ ଆସି ରାଧାରାଣୀକୁ ନେଇଯିବି।

ସେ ଆଉ ମୁହୂର୍ତ୍ତେ ଛିଡ଼ା ହେଲେନାହିଁ। ସେଠାରୁ ବାହାରି ଚାଲିଗଲେ ।

ଏଥର କଲ୍ୟାଣବାବୁ ଝିଅଟି ମୁହଁକୁ ଅପଲକ ନୟନରେ ଅନାଇ ରହି କହିଲେ

-ତମେ ଆଠଘ । ମୋ ପାଖରେ କ'ଣ କରିବ

-ଆପଣ ଯାହା କହିବେ କରିବି ।

-ତମେ ମୋର ନାତୁଣୀ ବୟସର, ତମ ସହିତ ମୁଁ କ'ଣ କରିବି ?

-କୌଣସି ଅଶାଳୀନ କାମ ଛଡ଼ା ମତେ ଯାହା ଆଦେଶ ଦେବେ ମୁଁ ସେଇଆ କରିବି।

-ଅଶାଳୀନ କାମର ମୟସ ମୋର ଆଉ ନାହିଁ ରାଧାରାଣୀ। ଦୁଇହାଜାର ଟଙ୍କା ବଦଳରେ ତମେ ମୋର କ'ଣ କରିବ ସେଇଆ ମୁଁ ଭାବୁଛି।

-ଆପଣ ସେବା ତ କରି ପାରିବି

-ଆଠଘଣ୍ଟା ସମୟ ଭିତରେ ତମେ ମୋର କି ସେବା କରିବ ?

-ଆଠଘଣ୍ଟା କାହିଁକି ! ଷୋଳଘଣ୍ଟା, ଚବିଶଘଣ୍ଟା ଆପଣ ଯେତେ ଚାହିଁବେ, ସେତେ ରଖିପାରିବେ କିନ୍ତୁ ସେତିକି ଟଙ୍କାର ପରଫ୍ୟୁମ କିଣିବାକୁ ପଡ଼ିବ।

-ହେଲା, ସେ ଦେଖାଯିବ, ଆଗ ଏଇ ଆଠଘଣ୍ଟା ସମୟ କଟୁ, ତମେ ମୋ ସଙ୍ଗରେ ଘର ଭିତରକୁ ଆସ।

ରାଧାରାଣୀ ଉଠିଲା। କଲ୍ୟାଣବାବୁଙ୍କ ସହିତ ଘର ଭିତରକୁ ଗଲା। କଲ୍ୟାଣବାବୁ ତାଙ୍କ ଶୋଇବା ଘର ଭିତରକୁ ଯାଇ ଖଟଉପରେ ବସିଲେ। ପାଖରେ ପଡ଼ିଥିବା ଗୋଟିଏ ଚେଆରକୁ ହାତ ବଢ଼ାଇ କହିଲେ- ବସ।

ରାଧାରାଣୀ ଚେଆରରେ ବସିଲା।

-ତମେ ଚାହା କରି ଜାଣ ?

-ଜାଣେ, ରନ୍ଧାବଢ଼ା ବି କରିପାରେ।

-ଏଇ ପାଖ ଘରଟା ଆମର ରୋଷେଇ ଘର।

ଯାଅ ଦୁଇକପ ଚା' କରି ଆଣ। ତା'ପରେ ତମ ସହିତ ମୁଁ କଥା ହେବି।

ରାଧାରାଣୀ ରୋଷେଇ ଘରକୁ ଯାଇ ଦେଖିଲା ସବୁ ସଜଡ଼ା ହୋଇ ଅଛି। ଗ୍ୟାସଚୁଲି। ଚାହା, ଚିନି ସବୁ ଗୋଟାଏ ର୍ୟାକ୍ ଉପରେ ସଜା ହୋଇ ରହିଛି। ଦୁଇ କପ୍ ଚା କରି ଆଣି ପହଞ୍ଚିବାକୁ ତାକ ବେଶୀ ସମୟ ଲାଗିଲା ନାହିଁ। ବିସ୍କୁଟ ଡବାଟାକୁ ହାତରେ ଧରି ଆଣି ଟେବୁଲ୍ ଉପରେ ଥୋଇଲା।

କଲ୍ୟାଣବାବୁ ଚା' କପ୍ ଉଠାଇଲେ। ଆଉ କପେ ରାଧାରାଣୀ ଆଡ଼କୁ ବଢ଼ାଇ ଦେଲେ। କହିଲେ, ଚା'ପିଅ। ରାଧାରାଣୀ ଚା' ବିସ୍କୁଟ ଖାଇ ସାରିବା ପରେ କଲ୍ୟାଣ ବାବୁ ପଚାରିଲେ-

- ତମେ କିଏ ?

- ମୁଁ ଗୋଟିଏ ଝିଅ, ମୋ ନାଁ ରାଧାରାଣୀ।

-ଏଠିକି କାହିଁକି ଆସିଛ ?

-ପେଟ ପାଇଁ ।

-ପେଟ ପାଇଁ ଅନ୍ୟ ପେଷାତ ଅନେକ ଅଛି।

-ଅଛି ଯେ ତେବେ ଏତେ ସହଜ ପେଷା କିଛି ନାହିଁ।

-ଏଇଟା ସହଜ ପେଷା ? ନିଜକୁ ବିକି ରୋଜଗାର କରିବାକୁ ଲଜ୍ଜା ଲାଗେ ନାହିଁ ?

-ତେବେ ଆପଣ କୁହନ୍ତୁ ତ ନିଜକୁ ନ ବିକି କି ଉପାୟ ପେଟ ପୋଷି ହେବ।

-କାହିଁକି ତମେ ଚାକିରି ତ କରିପାରନ୍ତ।

-ଚାକିରି କଲେ ବି ନିଜକୁ ବିକିବାକୁ ହେବ, ମାଲିକର ଆଦେଶ ତ ପାଳନ କରିବାକୁ ହେବ। ସେଇଟା କ'ଣ ନିଜକୁ ବିକିବା ନୁହେଁ ? ଚାକିରି କୁହନ୍ତୁ, ବ୍ୟବସାୟ କୁହନ୍ତୁ ସବୁଠି ନିଜକୁ ବିକିବାକୁ ପଡ଼ିବ।

-ତମର କ'ଣ ଆଉ କେହି ନାହାଁନ୍ତି ?

-ବାପା ମା' ଭାଇ ସମସ୍ତେ ଅଛନ୍ତି। କିନ୍ତୁ ସମସ୍ତେ ଅକର୍ମଣ୍ୟ। ବାପା ମାଆ ତ ବିଛଣାରେ। ଭାଇମାନେ ନିଶା ଭାଙ୍ଗ ଆଉ ଜୁଆ ଆଡ଼ା ଛଡ଼ା କିଛି ଜାଣନ୍ତିନି ବାପା ମାଆକୁ ପୋଷିବ କିଏ ?

-ହେଲା, ଏଥର ରୋଷେଇ ଘରକୁ ଯାଅ। ରନ୍ଧାରନ୍ଧି କର। ଆଜି ଆମ ଘରେ କେହି ନାହାନ୍ତି। ରୋଷେୟାଟା ବି ଛୁଟିରେ ଯାଇଛି। ମୋତେ ଆଜି ହୋଟେଲରୁ ଖାଇବା ମଗେଇବାକୁ ହୋଇଥାଆନ୍ତା। ତମେ ସବୁଜାଣ ଯେତେବେଳେ ଖାଇ ସାରି ବାକି କଥା ହେବା।

ରାଧାରାଣୀ ରୋଷେଇ ଘରକୁ ଚାଲିଗଲା। ରନ୍ଧାର ସମସ୍ତ ସରଞ୍ଜାମ ସଜଡ଼ା ହୋଇ ଥୁଆ ହୋଇଛି। ସେ ଗ୍ୟାସ ଜଳେଇ ରୋଷେଇ ଆରମ୍ଭ କଲା। ଘଣ୍ଟାକ ଭିତରେ ରନ୍ଧାବଢ଼ା ଶେଷ କରି ଡାଇନିଂ ସ୍ପେସ୍‌ରେ ସଜାଡ଼ି ରଖି କଲ୍ୟାଣ ବାବୁଙ୍କୁ ଡାକିଲା, ଦୁହେଁ ଭୋଜନ ସାରି କଲ୍ୟାଣବାବୁ ଗୋଟିଏ ତୃପ୍ତିର ହାକୁଟି ମାରି କହିଲେ- ଭାରି ସୁନ୍ଦର ରାନ୍ଧିଛ। ରାଧାରାଣୀ ପାନ ମସଲା ପ୍ଲେଟ କଲ୍ୟାଣ ବାବୁଙ୍କ ହାତକୁ ବଢ଼ାଇ ଦେଇ ସାମନା ଚେଆରରେ ବସିଲା।

କଲ୍ୟାଣ ବାବୁ ଆରମ୍ଭ କଲେ- କ'ଣ କହୁଥିଲି ଯେ ତମ ପେଷା କଥା। ବାପା ମାଆକୁ ପୋଷିବା ଦାୟିତ୍ୱ ତମ

ଉପରେ। ସେଥିପାଇଁ ତମେ ଏ ପେଷା ଧରିଛ। ଆଚ୍ଛା କହିଲ, ଏ ପେଷାରୁ ତମେ ମାସକୁ କେତେଟଙ୍କା ପାଅ ?

-ପନ୍ଦର କୋଡ଼ିଏ ହଜାର ଟଙ୍କା ମିଳିଯାଏ।

-ଏଇ ପେଷାରେ ତମେ ଯଦି କୌଣସି ଅଜ୍ଞ ବୟସ ଲୋକଙ୍କ ହାବୁଡ଼ରେ ପଡ଼ିଯାଅ ସେ ଯଦି ତମର ଶାରୀରିକ ଲାଞ୍ଛନା କରିବାକୁ ଚାହେଁ ତମେ ନିଜକୁ ରକ୍ଷା କରିବ କିପରି ?

-ସେପରି ଘଟଣା ଯେ ଘଟିନାହିଁ, ତାହା ନୁହେଁ, ଥରେ ସେହିପରି ଜଣେ ଲୋକ ପାଖରେ ମୁଁ ବିକ୍ରି ହୋଇଥିଲି, ସେ ମୋତେ ନାନା ପ୍ରକାର କୋମଳ କଥା କହି, ସାଙ୍ଗରେ ଡାକି ନେଇଥିଲା ତାଙ୍କ ବଗିଚା ଭିତରକୁ। ମୁଁ ଗଲି ସେ ବଗିଚାରେ ଗୋଟାଏ ଦୋଳି ଉପରେ ମୋ ପାଖରେ ବସିଲା। ମୋ ଦେହରେ ହାତ ବୁଲେଇ ମୋତେ କଅଁଳେଇ କହିଲା, ଜାଣ ରାଧା ଏଇଟା କୁଞ୍ଜବନ। ମୁଁ କୃଷ୍ଣ ସାଜି ତମ ସାଙ୍ଗରେ କେଳି କରିବି।

-କେଳିରେ ମୋର ଆପତ୍ତି ନାହିଁ। କିନ୍ତୁ ମୋ ଦେହରେ ଏଇଟ୍ ଫଟି କରେଣ୍ଟ ଅଛି। କିଛି ଅଶାଳୀନ କାମ କରିବାକୁ ଗଲେ ଏତେ ଜୋର୍ ସକ୍ ଲାଗିବ ଯେ ନିଜକୁ ସମ୍ଭାଳି ପାରିବ ନାହିଁ।

-ଏତେ ବଡ଼ ଆସ୍ପର୍ଦ୍ଧା, ଏହ କହି ସେ ଯେପରି ମୋର ନିଷିଦ୍ଧ ଅଙ୍ଗକୁ ସ୍ପର୍ଶ କରିବାକୁ ଗଲା, ମୋ ପାଖରେ ଲୁକ୍କାୟିତ ଥିବା ପିସ୍ତଲଟା ଶୂନ୍ୟରେ ଗର୍ଜି ଉଠିଲା। ଲୋକଟା ସତରେ ଏଇଟ୍ ଫଟି କରେଣ୍ଟ ଲାଗିଲା ପରି ଦୂରକୁ ଛିଟିକି ପଡ଼ିଲା। ଦୂରରୁ ଦୁଇହାତ ଯୋଡ଼ି ପଛକୁ ଦଉଡ଼ୁ ଦଉଡ଼ୁ ମୋତେ ହାତଯୋଡ଼ି କହିଲା ରକ୍ଷାକର ମା' ମୁଁ ଆଉ ସେ ପଥରେ ଆଗେଇବି ନାହିଁ। ସତକୁ ସତ ସେ ଆଉ ମୋ ପାଖ ନମାଡ଼ି ସିଆଡ଼େ ଦଉଡ଼ି ପଳାଇଲା। ଆମ କାମରେ ବିପଦ ଅଛି ଯେତିକି ଆନନ୍ଦ ଅଛି ସେତିକି। ମଣିଷର ସବୁକାମ ତ ଆଉ ନିର୍ବିବାଦରେ ହୋଇଯାଏ ନାହିଁ। ବିପଦକୁ ସଙ୍ଗରେ ଧରି ଆଗେଇବାକୁ ହୁଏ। କଲ୍ୟାଣବାବୁ ରାଧାରାଣୀ ମୁଣ୍ଡରେ ହାତ ବୁଲାଇ କହିଲେ- ତତେ ମା' ଜୀବନ ପାଇଁ ଏତେ ଅସାଧ ସାଧନ କରିବାକୁ ପଡୁଛି- ତୁ ଧନ୍ୟ। ହଁ ଆଉ ଗୋଟାଏ କଥା, ତୁ ଏଇ ଧନ୍ଦା କେବେଠାରୁ ଆରମ୍ଭ କରିଛୁ ?

-ବେଶୀଦିନ ନୁହେଁ ଏଇ ତିନିଚାରିବର୍ଷ ହେଲା କରୁଛି। ବାପା ମା'ଙ୍କୁ ସୁଖରେ ରଖିଛି। ଛୋଟ କରି ତିନି ବଖରାର ଘରଟିଏ ତୋଳିଛି। ଚଳି ଯାଉଛି।

-ତୋ ମୁହଁରୁ ଏହି ଅଭିନବ ପେଷା କଥା ଶୁଣି ମୁଁ କାବା ହୋଇଯାଉଛି।

ପେଟ ପୋଷିବାକୁ ମଣିଷ କେତେ ରକମର ପେଷା କରେ, ସେ କଥା ଆପଣ ଜାଣି ପାରିବେ ନାହିଁ। ବହୁ ଅନ୍ୟାୟ ଅପବାଦ କାମ ବି ମଣିଷ କରୁଛି। କାହାଘରୁ ପିଲା ଛୁଆ ଚୋରି କରି ନେଇ ବିକ୍ରି କରି ଦେଉଛି। ଆଉ କେହି ବି ବଢ଼ିଲା ଝିଅ ପୁଅ ମାନଙ୍କୁ ଚାକିରୀ ଲୋଭ ଦେଖାଇ ଗାଁରୁ ଭୁଲେଇ ନେଇ ଏଜେଣ୍ଟମାନଙ୍କୁ ବିକି ଦେଉଛନ୍ତି। ସେମାନେ ଅନ୍ୟ ରାଜ୍ୟମାନଙ୍କୁ ଚାଲାଣ କରି ଚକ୍ରରେ ଯଥେଷ୍ଟ ରୋଜଗାର କରୁଛନ୍ତି। ସେଇଭଳି ଗୋଟିଏ ଦୁଷ୍ଟ ଚକ୍ରରେ ମୁଁ ଥରେ ପଡ଼ି ଯାଇଥିଲି। ସେମାନେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ। ତାଙ୍କର ବିଭିନ୍ନ ଆଡ଼େ ଏଜେଣ୍ଟ ଅଛନ୍ତି। ଏଜେ ମାନେ ଦାଣ୍ଡରେ ଖେଳୁଥିବା ପୁଅଝିଅମାନଙ୍କୁ ଚକୋଲେଟ ଲଜେନ୍ସ ଦେଇ ଭୁଲେଇ ନେଇ ଯାଆନ୍ତି। ସେମାନଙ୍କର ଗୋଟାଏ ଆଡ୍ଡା ଅଛି। ସେଠି ଏଇ ଛୋଟ ଛୋଟ ପିଲାମାନଙ୍କୁ ନେଇ ସେଇ ଆଡ୍ଡାରେ ପୁରେଇ କାହାର ଆଖି ଫୁଟେଇ ଦିଅନ୍ତି। କାହା ଗୋଡ଼ ତ କାହା ହାତ ଭାଙ୍ଗି ଦିଅନ୍ତି। କାହାକୁ ପଙ୍ଗୁ କରି ଦିଅନ୍ତି। ଏସବୁ କାର୍ଯ୍ୟ କରିବା ପାଇଁ ସେମାନେ ଡାକ୍ତର ରଖିଛନ୍ତି। ସେମାନଙ୍କ ଚିକିତ୍ସା ଶେଷ ହୋଇଗଲେ ଏଇ କଣା କୁଜା ପିଲାଙ୍କ ହାତରେ ଗୋଟିଏ ଲେଖା ଭିକ୍ଷାପାତ୍ର ଦେଇ ରାସ୍ତାର ବିଭିନ୍ନ ମୋଡ଼ରେ ବସାଇ ଦିଅନ୍ତି। ସଂଧ୍ୟା ବେଳକୁ ଯାଇ ଭିକ୍ଷା ପାତ୍ର ସହ ଫେରାଇ ଆଣନ୍ତି। ଭିକ୍ଷା ପାତ୍ରରୁ ସମସ୍ତ ଟଙ୍କା ପଇସା ନେଇ ପୁଣି ସକାଳ ହେଲେ ଶାଗ ପଖାଳ ଗଣ୍ଡେ ଖୁଆଇ ଦେଇ ଭିକ୍ଷା ପାତ୍ରସହ ମୋଡ଼ ମୋଡ଼ରେ ବସାଇ ଦେଇ ଆସନ୍ତି। ମୁଁ ଥରେ ସେଇ ଭଳି ଗୋଟିଏ ଦଳ ହାବୁଡ଼ାରେ ପଡ଼ି ଯାଇଥିଲି। ସେତେବେଳେକୁ ମୋର ବୟସ ଟିକେ ବେଶୀ ହୋଇଥିଲା। ସେମାନେ ମୋର କୌଣସି ଅଙ୍ଗ ହାନି ନକରି ମୋତେ ଯୌନ ବ୍ୟଭିଚାର କାମରେ ଲଗେଇ ଦେଇଥିଲେ। ଯେଉଁ ସ୍ୱାମୀ ସ୍ତ୍ରୀ ଦି'ଜଣ ମୋତେ ଏକାମରେ ଲଗେଇବାକୁ ନେଇଥିଲେ, ମୋତେ ତାଙ୍କ ଘରେ ରଖି ବହୁ ଆଦର ଯତ୍ନ କରୁଥିଲେ, ନିଜ ଝିଅ ପରି ପାଳିଥିଲେ। ଗେଲ ବସର କରି ନିତି ନୂତନ ପୋଷାକ ପତ୍ର ଦେଇ ସଜଉ ଥିଲେ। ଆହୁରି କେତେ ବଢ଼ିଲା ଝିଅ ତାଙ୍କ ପାଖରେ ରଖିଥିଲେ। ରାତି ହେଲେ କେତେ ଗାଡ଼ି ଆସି ଦୁଆରେ ଲାଗୁଥିଲା। ସଜବାଜ ହୋଇ ଦାମି ଦାମି ଗାଡ଼ିରେ ସେମାନେ କୁଆଡ଼େ ଚାଲିଯାଉଥିଲେ। ରାତି ପାହିବା ଆଗରୁ ଗାଡ଼ି ଆଣି ସେମାନଙ୍କୁ ଫେରେଇ ଦେଇ ଯାଉଥିଲା।

ଥରେ ଗୋଟିଏ ଝିଅକୁ ମୁଁ ପଚାରିଲି ରୋଜ ସଂଜବେଳେ ଗାଡ଼ିରେ ବସି ତମେ ସବୁ କୁଆଡ଼େ ଯାଉଛ ?

ଝିଅଟି ହସିହସି କହିଲା- ଏଥର ତୋ'ପାଳି ପଡ଼ିବ ଯେ! ତୁ ବୁଝିପାରିବୁ କୋଉ ମନ୍ତ୍ରୀ କି କଟୁଆଳ ଘରକୁ

ଯାଉଛୁ। ମୁଁ ଦେଖିଲି ମୋ ଠାରୁ ସେ ଝିଅମାନେ ମହା ଖୁସିରେ ଅଛନ୍ତି। ନିତି ନୂତନ ପୋଷାକରେ ସଜ୍ଜିତ ହୋଇ ବାହାରି ଯାଉଛନ୍ତି। ମୋ ମନରେ ପାପ ଛୁଇଁଲା। ସେଠାରେ ରହୁଥିବା ମୋର ଜଣେ ଘନିଷ୍ଠ ବାନ୍ଧବୀକୁ ପଚାରିଲି। ସେ ମୋ କଥା ଶୁଣି ହସି ହସି ଗଡ଼ିଗଲା। ଓଃ ତୋ ପାଳି ପଡ଼ିନାହିଁ ବୋଧେ। ତୁ ଦେଖେ, ରାତିଏ ଗଲେ ହାତିଏ ପାଇବୁ। କିନ୍ତୁ ସେଇ ଅନୁସାରେ ସେମାନଙ୍କ ମନୋରଞ୍ଜନ କରିବାକୁ ହେବ। ସେମାନଙ୍କର ଶଯ୍ୟା ସଙ୍ଗିନୀ ହୋଇ ଆନନ୍ଦ ଦେବାକୁ ହେବ। ସକାଳକୁ ମାଲେ ମାଲ ହୋଇ ଫେରିବୁ। ଆମ ଭଳି ଅଲୋଡ଼ା ଜୀବନ ପାଇଁ କ୍ଷତି କ'ଣ। ଆମର ବାପ ଭାଇ ଜ୍ଞାତି ଗୋଷ୍ଠି କେହିତ ଆମକୁ ଖୋଜିଲେ ନାହିଁ। ବରଂ ସେମାନଙ୍କ ମୁଣ୍ଡରୁ ପଥର ବୋଝ ଉହ୍ଲେଇ ଗଲାଭାବି ଶାନ୍ତିର ନିଶ୍ୱାସ ମାରିଲେ। ଏଠିତ ଆମେ ସୁଖରେ ଅଛୁ। ତମର ବି ସୁଖର ଦିନ ଘନେଇ ଆସୁଛି। ଚିନ୍ତା କରନାହିଁ ଭଉଣୀ।

ଏଇକଥା ଶୁଣିବା ପରଠାରୁ ମୁଁ ସୁଯୋଗ ଉଣ୍ଡି ସେଠାରୁ ବାହାରି ପଳେଇ ଆସିଲି।

କଲ୍ୟାଣ ବାବୁ ରାଧାରାଣୀ ମୁହଁକୁ ବୋକାଙ୍କ ଭଳି ଅନେଇ ଥିଲେ- ତୁ କ'ଣ କହୁଛ ରାଧାରାଣୀ। ଏଇ ଦୁନିଆର ମଣିଷ ପିଲାମାନଙ୍କୁ ପଙ୍ଗୁ କରି ଝିଅମାନଙ୍କୁ ବିକ୍ରିକରି ପେଟ ପୋଷୁଛନ୍ତି ? ହାୟ ଭଗବାନ ଏ ବୟସରେ ମୋତେ ପୁଣି ଏପରି ଅନାଚାର କଥା ଶୁଣିବାକୁ ଥିଲା ! ତୁ ଝିଅ ଏପରି ଏକ ଚକ୍ରବ୍ୟୁହ ଭିତରୁ ଯେ ଖସି ପଳାଇ ଆସି ପାରିଛୁ, ସେଥିପାଇଁ ପ୍ରଶଂସା କରିବାର ଭାଷା ମୋ ମୁହଁରେ କିଛି ନାହିଁ, ଏଥର ତୋ ଜୀବନ ସମ୍ବନ୍ଧରେ ଦି'ପଦ କହ।

ମୋର ପୁଣି ଜୀବନ। ଯାହା ହେଉ ମନରେ ଶୁଭଚିନ୍ତା ଥିଲେ, ଭଗବାନ ସରଳ ବାଟ ଦେଖାନ୍ତି। ମୁଁ ଇମିତି ସ୍ରୋତ ମୁଖରେ ଭାସି ଯାଉ ଯାଉ ଅସହାୟ ମଣିଷ କୁଟା ଖିଅକୁ ଆଶ୍ରା କଲାପରି ଚନ୍ଦ୍ର ଶେଖର ବାବୁଙ୍କୁ ଭେଟିଲି। ସେ ମୋତେ ମହତ ପଥ ଦେଖାଇ ଏପରିପରି ଏକ ପେଷାରେ ନିଯୁକ୍ତ କରିଛନ୍ତି। ମୁଁ ଭଲଅଛି।

ଠିକ୍ ସେତିକି ବେଳେ ଝଡ଼ର ଇଗଲ ପରି ଚନ୍ଦ୍ର ଶେଖର ଆସି ପହଞ୍ଚିଗଲେ। ହାତ ଘଡ଼ି ଦେଖାଇ କହିଲେ ଛଅଟା ବାଜୁଛି।

ରାଧାରାଣୀ ଉଠିଲା। ଚନ୍ଦ୍ରଶେଖର ହାତ ଯୋଡ଼ି ନମସ୍କାର କଲେ।

କଲ୍ୟାଣବାବୁ ହସି ହସି କହିଲେ - ପୁଣି କେବେ ଦେଖା ହେବ ?

ଆଉ ନୁହେଁ, ମୁଁ ଥରେ ଯେଉଁଠି ପାରଫ୍ୟୁମ ବିକେ ସେଠିକି ଆଉ ଦ୍ୱିତୀୟ ଥର ଆସେ ନାହିଁ, ନମସ୍କାରକରି ସେମାନେ ଚାଲିଗଲେ। କଲ୍ୟାଣ ବାବୁ କାବା ହୋଇ ସେମାନଙ୍କ ଯିବା ପଥକୁ ବିସ୍ଫାରିତ ନୟନରେ ଚାହିଁଥିଲେ। ଚାହିଁଥିଲେ...


୨୦/୩, ବାଲିଗଂଜ ପ୍ଲେସ୍,
କୋଲକତା-୭୦୦୦୧୯
ମୋ:୯୩୩୧୦୦୫୬୬୫



With Best Compliments from :

GOEL TRIPATHY & CO.

CHARTERED ACCOUNTANTS

# ପାନପିକର କାଳିରେ ବିଚିତ୍ରିତ ସକାଳ

ପୁଣ୍ୟପ୍ରଭା ଦେବୀ

ସକାଳ ନଅଟାରେ ଓଭରଲୋଡେଡ ବସ୍। କଟକରୁ ଭୁବନେଶ୍ୱର। କିଛି ସମୟ ପୂର୍ବରୁ ଆସିଯାଇଥିଲା ବୋଲି ସିଟଟିଏ ପାଇଯାଇଛି ଅସୀତ ଏବଂ ସିଟ୍‌ଟିଏ ପାଇଯାଇଛି ବୋଲି ମନେ ମନେ ହସୁଛି ସେ। ଗାଡ଼ି ଭର୍ତ୍ତି ପାସେଂଜରଙ୍କ ମଧ୍ୟକୁ ପୁଣି ପାସେଂଜର ପଠାଇ ଦେଉଥିବା କଣ୍ଡକଟରର ସେ ଦୁରୁହ ପ୍ରଚେଷ୍ଟାକୁ ଦେଖି। ଯେମିତି ତାର ସ୍ତ୍ରୀ ପ୍ଲାଷ୍ଟିକ୍ ଡବାରେ ଚା ପତ୍ର ରଖିଲାବେଳେ ଟେବୁଲ ଉପରେ ଠୁକ୍ ଠୁକ୍ କରି ବାଡ଼ାଉଥାଏ, ଚାପିଚୁପି ଆଉରି କିଛି ଚା ପତ୍ର ଭରିଦେବ ବୋଲି।

ବସ୍‌ଟା ଚାଲିବାକୁ ଆରମ୍ଭ କଲା। ସ୍ୱସ୍ତି ଅନୁଭବ କଲେ ଅଣନିଃଶ୍ୱାସୀ ହୋଇଯାଉଥିବା ପାସେଂଜର ମାନେ। ପବନ ଟିକିଏ ବାଜିବାରୁ ଲାଗୁଥିଲା ଯେମିତି ଗୁଳୁଗୁଳି ହେଉଥିବା ଦିପହରରେ ଅସରାଏ ମେଘ ବର୍ଷି ଯାଉଛି।

ଚାରିଦିନର ଛୁଟି ନେଇ ଭୋପାଳରୁ କଟକ ଆସିଥିଲା ଅସିତ। ତାର ପିଲାଦିନର ପ୍ରିୟସାଂଗ ମହେଶର ବାହାଘରରେ ଯୋଗ ଦେବ ବୋଲି। ଏଠାକୁ ଆସିଗଲା ପରେ କେମିତି କେଜାଣି ଶୁଚୀ ଖବର ପାଇଗଲା। ତାର ମାମୁଁଝିଅ ଭଉଣୀ। ଏବଂ ତା'ର ସେଇ ଚିରାଚରିତ ଗେହ୍ଲେଇ କଣ୍ଠରେ କହିଥିଲା, ମୁଁ କେତେ ଲକ୍ସି ସୀତୁଭାଇ ! ତମେ ଆସି ଠିକ୍ ମୋ ବାହାଘର ସମୟରେ ହିଁ ପହଞ୍ଚି ଯାଇଛ। ଭୋପାଳରେ ଥିଲେ ଅବଶ୍ୟ ତୁମକୁ ଡାକି ନଥାନ୍ତି ମୁଁ। କେବଳ ଗୋଟାଏ ବାହାଘର ଭୋଜି ଖାଇବାପାଇଁ ଏତେ ଦୂରରୁ ଆସିବାଟା କ'ଣ ସହଜ କଥା। ତା ଅପେକ୍ଷା ବରଂ ଅଧିକ ସୁଖଦାୟକ ହେଉଛି ଫ୍ୟାମିଲି ସହିତ ଯାଇ ସେଠି କୌଣସି ଫାଇଭ୍‌ଷ୍ଟାର ହୋଟେଲ୍‌ରେ ଖାଇନେବାଟା। ତାପରେ ତା'ର ସେଇ ସ୍ୱଭାବ ସୁଲଭ ଖିଲିଖିଲି କରି ହସି ଦେଇ କହିଲା, କ'ଣ କିଛି ଅବାନ୍ତର କଥା କହିଲି ସୀତୁଭାଇ ?

ଶୁଚୀଟା ମୂଳରୁହିଁ ଏମିତି ପ୍ରାକ୍‌ଟିକାଲ। ସେମିତି ପ୍ରାକ୍‌ଟିକାଲ ବୋଲି ତ ନିଜର ବାହାଘରଟାକୁ ଏମିତି ସଟ୍‌କଟରେ ସାରିଦେଉଛି।

ଗଲାକାଲି ସରି ଯାଇଥିବା ମହେଶର ବାହାଘର ସହିତ ଆଜି ଅସୀତ ଯୋଗ ଦେବାକୁ ଯାଉଥିବା ଶୁଚୀର ବାହାଘର ଭିତରେ ଯେମିତି ଦୁଇଟା ମେରୁର ପାର୍ଥକ୍ୟ ! ଆଇ.ଆର୍.ଏସ୍ ପାଇ ରେଲ୍‌ୱେରେ ଅଛି ମହେଶ। କର୍ମସ୍ଥାନ ତା'ର ଚେନ୍ନଇ। ବାହାଘରରେ ଯୌତୁକ ପାଇଲା ନଗଦ ଚାରିଲକ୍ଷ ଟଙ୍କା ଓ ମାରୁତିକାର। ଭୁବନେଶ୍ୱରରେ ଫ୍ଲାଟ ଏବଂ ଆନୁସଙ୍ଗୀକ ଦ୍ରବ୍ୟମାନ।

ବରଯାତ୍ରୀମାନେ କାଲିରାତିରେ ଯେତେବେଳେ ଭାଂଡ଼ା ନାଚି ନାଚି ଯାଉଥିଲେ, ତାକୁ ଦେଖି ଅସମ୍ଭାଳ ହୋଇ ଉଠିଥିଲା ମହେଶ। ନିଜର ବରବେଶର ପଗଡ଼ି ଫୁଲମାଳ ଇତ୍ୟାଦି ସିଟ ଉପରେ ରଖିଦେଇ ଓହ୍ଲାଇ ଆସିଲା କାରରୁ। ନାଗେଶ୍ୱର ବାଦ୍ୟ ଶୁଣି ନାଗରାଜ ଅଥୟ ହୋଇଗଲା ପରି। ଏବଂ ଅନ୍ୟାମାନଙ୍କ ସହିତ ନାଚି ନାଚି ଉନ୍ମତ୍ତ ହୋଇଯାଇଥିଲା ସେ। ଦୁଇ କିଲୋମିଟର ରାସ୍ତା ପାର ହେବା ପାଇଁ ତିନିଘଣ୍ଟା ଲଗେଇ ଦେଇଥିଲେ ନାଚି ନାଚି। ମଦ୍ୟପାନ ସହିତ ତିନିଘଣ୍ଟାର ନାଚ ପରେ ବରଯାତ୍ରୀମାନେ କ୍ଳାନ୍ତ ହୋଇପଡ଼ିଥିଲେ। ଅଳ୍ପ କେତେ ଜଣ ବୟସ୍କ ବ୍ୟକ୍ତିଙ୍କୁ ଛାଡ଼ିଦେଇ ସମସ୍ତେ ଡିନର ନଖାଇ ଶୋଇ ପଡ଼ିଥିଲେ। ବେଦୀକୁ ଯିବା ପାଇଁ ବରକୁ ଯେତେବେଳେ ଡାକରା ଆସିଲା ସେ ସେତେବେଳେ ନିଦରେ ଅଚେତ। ବହୁତ ଡକାଡାକି ପରେ ଅନୁରୋଧ କରି କହିଥିଲା, ବାହାଘରଟା କାଲିକୁ ପୋଷ୍ଟପଣ୍ଡ ପ୍ଲିଜ୍। ମୁଁ ଆଜି ଏତେ ଟାୟାର୍ଡ ଯେ ବେଦୀ ଉପରେ ବୋଧେ ଶୋଇପଡ଼ିବି।

ବର ଆଇ.ଆର୍.ଏସ୍‌କୁ କନ୍ୟାର ଭାଇ ଆଇ.ପି.ଏସ୍। ବରର ସେ ଅସ୍ୱାଭାବିକ କାଣ୍ଡ ଦେଖି କରି ସେ ହଠାତ୍ ଉତ୍ୟକ୍ତ ହୋଇ ପଡ଼ିଥିଲେ। ତାଙ୍କର ପୋଲିସ ଗଳାରେ ପାଟିକରି କହିଥିଲେ- ଲଗ୍ନ ଆସି ଗଡ଼ିଗଲାଣି, ଏତେବେଳେ ବର କ'ଣ କହୁଛି ନା, ବାହାଘର କାଲିକୁ ପେଣ୍ଡିଙ୍ଗ ରଖ। କିଏ କହୁଥିଲା ତାକୁ ନାଚିବା ପାଇଁ। ବର କ'ଣ କେବେ ନାଚେ ? ତାକୁ ଉଠେଇ ଆଣ। ବସେଇଦିଅ ନେଇ ବେଦୀ ଉପରେ।

କନ୍ୟାଭାଇର ସେ ପୋଲିସ୍ ହୁକୁମ ଶୁଣି ବରର ବାପା ଅପମାନିତ ବୋଧ କରିଥିଲେ। ଏବଂ ବାହାଘର ବନ୍ଦ କରିଦେଇ ବରକୁ ବାହୁଡ଼େଇ ନେଇଯିବା ପର୍ଯ୍ୟନ୍ତ ବି କଥା ଯାଇଥିଲା। ତାପରେ ଅସରଣିଆ କନ୍ୟାର ପିତା ଆସି କ୍ଷମା ମାଗିଥିଲେ ତାଙ୍କ ପୁଅର ସେ ଧୃଷ୍ଟତା ପାଇଁ। ଏବଂ ନିଜର ଜିଦ୍ଦିରେ ବର ଶୋଇରହିଥିଲା ସକାଳ ଚାରିଟା ଯାଏ। ତାପରେ ବାହାଘର ହୋଇଥିବ ହୁଏତ। କାରଣ ବର ଉଠିବା ପୂର୍ବରୁ

ଅସୀତ ତାର ବାପାଙ୍କ ଘରକୁ ଫେରିଯାଇଥିଲା ।

ଅସୀତ ଏବେ ଭୁବନେଶ୍ୱର ଯାଉଛି ଶୁଚୀର ବାହାଘର ପାଇଁ । ବରଟି ହରିଆଣାର । ଶୁଚୀ ନିଜେ ଠିକ୍ କରିଛି ଇଣ୍ଟରନେଟ ଦ୍ୱାରା । ଗୋଟିଏ ଆନ୍ତର୍ଜାତୀକ କମ୍ପାନୀରେ ଏକ୍‌ଜିକ୍ୟୁଟିଭ ଅଛି ଏବେ । ପୋଷ୍ଟିଙ୍ଗ ମୁମ୍ବାଇରେ । ସେମାନଙ୍କର ବାହାଘରଟା ରେଜିଷ୍ଟ୍ରେସନ୍ କୋର୍ଟରେ ହେବ । ତାପରେ ହୋଟେଲରେ ଲଂଚ । ତା ମଧ୍ୟ ପଚାଶ ଜଣକ ମଧ୍ୟରେ ହିଁ ସିମୀତ । ବରର ମାତ୍ର ତିନିଜଣ ସଂଗରେ ଆସିଛନ୍ତି ମୁମ୍ବାଇରୁ । ବାକି ଶୁଚୀର ନିକଟ ସମ୍ପର୍କୀୟ ଏବଂ ସାଙ୍ଗ କେତେଜଣ । । ଯେଉଁମାନଙ୍କୁ ଫୋନ୍ ମାଧ୍ୟମରେ ଶୁଚୀ ଡାକି ଦେଇଛି ।

ଆହାଃ ! ସବୁ ବାହାଘର ଗୁଡ଼ିକ ଯଦି ଏଇପରି ସାଧାରଣ ଭାବରେ ହୋଇଯାଆନ୍ତା ! ବସ୍‌ରେ ଗଲାବେଳକୁ ଅସୀତ ଭାବୁଥିଲା । ତାହେଲେ ଲୋକଙ୍କର କେତେ ସମସ୍ୟା କମିଯାଆନ୍ତା ! ବର-କନ୍ୟା ଖୋଜା ଖୋଜିର ସମସ୍ୟା, ଯୌତୁକ ଦେବା ନେବାର ମୂଳଚାଲ ଏବଂ ଘରକୁ ଘର ଘୁରି ଘୁରି ଶହ ଶହ ନିମନ୍ତ୍ରଣ କାର୍ଡ ବାଂଟିବାର ମହାସମସ୍ୟା ।

ଅସିତର ବସଟା ହଠାତ୍ ଅଟକିଗଲା କଣ୍ଡକ୍ଟରଙ୍କର ସାଙ୍କେତିକ ବେଲ୍ ଶବ୍ଦରେ । କଟକର ସୀମାନ୍ତରେ ଆଉ ଦୁଇ ତିନି ଜଣଯାତ୍ରୀ ପଶି ଆସିଲେ ଭିତରକୁ ଏବଂ ସେମାନଙ୍କ ମଧ୍ୟରୁ ଜଣକୁ ଦେଖିଦେଲା ପରେ ଅସୀତର ପଛ ସିଟ୍‌ରୁ ଉଠିପଡ଼ିଲେ ଭଦ୍ରଲୋକ । "ସାର୍, ଆପଣ !" ଏବଂ ନମସ୍କାର କରି ନିଜର ଛାଡ଼ିଦେଇଥିବା ସିଟ୍‌ଟାକୁ ଦେଖାଇଦେଇ କହିଲେ, "ଆସନ୍ତୁ ସାର୍, ଏଇଠି ବସି ଯାଆନ୍ତୁ ।"

"ଭଗବାନ୍ ତମର ମଙ୍ଗଳ କରନ୍ତୁ ପୁଅ" । ଆଶୀର୍ବାଦ ଦେଇ ବୃଦ୍ଧ ଭଦ୍ରଲୋକ ଜଣକ ସଦ୍ୟ ଖାଲିହୋଇଥିବା ସିଟ୍ ଉପରେ ବସି ପଡ଼ିଲେ । ଏବଂ କୃତକୃତ୍ୟ ହୋଇ ପାଖରେ ବସିଥିବା ଯାତ୍ରୀ ଜଣକ ଆଡ଼କୁ ମୁହଁକରି କହିଲେ, "ଦେଖୁଛନ୍ତି ତ ? ଏବେ ମଧ୍ୟ ଶିକ୍ଷକଟିକୁ ପୁରୁଣା ଛାତ୍ରମାନେ କେତେ ଶ୍ରଦ୍ଧା କରନ୍ତି, ସମ୍ମାନ ଦିଅନ୍ତି ଗୁରୁକୁଳର ଶିଷ୍ୟମାନଙ୍କ ପରି !"

"ପୂର୍ବରୁ ଶିକ୍ଷକମାନଙ୍କର ସେମିତି ବେଶୀ ନିଷ୍ଠା ଥିଲା ବୋଲି ନା !" ହୃଦ୍‌ବୋଧ ହୋଇଗଲାପରି ପାଖରେ ବସିଥିବା ଭଦ୍ରଲୋକ ଜଣକ କହିଲେ, "ନ ହେଲେ ଆଜିକାଲି କ'ଣ ସରକାରୀ ସ୍କୁଲମାନଙ୍କରେ ଆଉ ପାଠ ପଢ଼ାଉଛନ୍ତି ? ସେଥିପାଇଁ ଦେଖୁ ନାହାନ୍ତି ଏବେ ସମସ୍ତେ କେମିତି ଧାଉଁଛନ୍ତି ଇଂଲିଶ୍ ମିଡିୟମ ସ୍କୁଲରେ ଦେବା ପାଇଁ ? ଛତୁ ଫୁଟିଲା ପରି ଦେଖୁନାହାନ୍ତି କେତେ କେତେ ଇଂଲିଶ ମିଡିୟମ ସ୍କୁଲ ଖୋଲିଯାଉଛି । ସ୍ତର ମାପିକି । ଫାଇଭ୍ ଷ୍ଟାର ସ୍କୁଲଠାରୁ ଆରମ୍ଭ କରି ଢାବାସ୍କୁଲ ପର୍ଯ୍ୟନ୍ତ ।" କହିଦେଇସାରି ନିଜ କଥାରେ ନିଜେ ଖୁସ୍ ହୋଇଗଲେ ଭଦ୍ରଲୋକ ଜଣକ । ସମୟୋପଯୋଗୀ ଉଦାହରଣଟିଏ ଦେଇପାରିଛନ୍ତି ବୋଲି ଗର୍ବବୋଧରେ ଝଟକି ଉଠିଲେ ।

"କିନ୍ତୁ କ'ଣ ବା ଲାଭ ହେଉଛି ସେଥିରେ ?" ଶିକ୍ଷକ ଜଣକ ପୂର୍ବକାଳର ଉଦାହରଣର ଅବତାରଣା କରିବାକୁ ଯାଇ କହିଲେ, "ସେତେବେଳେ ଓଡ଼ିଆ ମିଡ଼ିୟମରେ ପଢ଼ି ମଧ୍ୟ ସିଭିଲ୍ ସର୍ଭିସେସ୍‌ରେ ଯେତେ ବେଶୀ ସ୍ଥାନ ପାଉଥିଲେ, ଆଜିକାଲି ଆଉ ତା ପାଉଛନ୍ତି ? ମୋର ଛାତ୍ରମାନଙ୍କ ମଧ୍ୟରୁ ତ ପାଞ୍ଚଜଣ ପାଇଲେ ଆଇ.ଏ.ଏସ୍ ।" କହିଲେ ଏବଂ ପୁଚ୍‌କିନା ପାନପିକାଗୁଡାଏ ଫୋପାଡ଼ି ଦେଲେ । ବସର ଝରକା ବାଟ ଦେଇ ରାସ୍ତା ଉପରକୁ ।

ସେହି ଶିକ୍ଷକଙ୍କ ମୁହଁରୁ ତାଙ୍କ ଜୀବନର କୀର୍ତ୍ତିର ଗାଥା ଶୁଣୁ ଶୁଣୁ ଅସୀତ ମନରେ ତାଙ୍କ ପ୍ରତି ଶ୍ରଦ୍ଧାର ଅଙ୍କୁରୋଦ୍‌ଗମ ହେଉ ହେଉ ଗଜା ମରୁଡ଼ି ହୋଇଗଲା ଯେମିତି ! ତା'ର ବିଶ୍ୱାସ ହେଉ ନଥିଲା, ଯେଉଁ ଶିକ୍ଷକ ଜଣଙ୍କର ନାଗରୀକ ସଚେତନତାର ଏତେ ଅଭାବ- ପଥଚାରୀ ଲୋକମାନଙ୍କୁ ଭ୍ରୂକ୍ଷେପ ନ କରି ପାନପିକ ଫୋପାଡ଼ି ଦେଉଛନ୍ତି, ତାଙ୍କର ଶିକ୍ଷାଦାନ ପୁଣି ଏତେ ଜ୍ଞାନ ବର୍ଦ୍ଧକ ହୋଇଥିବ !

"ଆମ ସମୟରେ କଥା କ'ଣ ଆଉ ଆଜିକାଲି ଅଛି ? ଏବେ ତ ପିଲାମାନଙ୍କ ପାଖରେ ବାପାମା ଯେମିତି ଫ୍ରେଣ୍ଡସ୍ ଶିକ୍ଷକ ବି ସେଇପରି ଫ୍ରେଣ୍ଡ ।" କହିଦେଇ ଶିକ୍ଷକ ଜଣକ ପୁଣି ପାନପିକରୁ ଥୋଡ଼ାଏ ପିଚ୍‌କାରୀ ପରି ଛାଡ଼ିଦେଲେ ଝରକାବାଟେ ।

ପାନପିକଗୁଡ଼ାକ କାହାଉପରେ ପଡ଼ିଗଲା ନାହିଁ କି ! ଉତ୍‌କଣ୍ଠିତ ଅସୀତ ଚଟ୍‌କରି ଦୃଷ୍ଟି ପକେଇଲା ବାହାରକୁ । ନା-ମଣିଷ ଉପରେ ନୁହେଁ । ତାଙ୍କର ବସ୍‌କୁ ଓଭରଟେକ କରିଥିବ କାର୍‌ଟା ପାନପିକର ଲାଲରଂଗରେ ବିକୃତ ହୋଇଗଲା । ଯେମିତି କେଉଁ ଦୁର୍ଦ୍ଦାନ୍ତ ଅପରାଧୀ ଭୁଜାଲୀ ମାରିଦେଲା ତାର ଶତ୍ରୁକୁ ଏବଂ ମଣିଷର ତାଜା ରକ୍ତର ବିଭତ୍ସ ଦେଖାଗଲା ରାଜପଥଟା ।

କ୍ରୋଧ, କ୍ଷୋଭ, ଘୃଣାର ତୀକ୍ଷ୍ଣ ଦୃଷ୍ଟିନେଇ ପଛକୁ ଚହିଁଲା ଅସୀତ । ତାର ଉଦ୍ଦେଶ୍ୟ ଥିଲା, ସେହି ଶିକ୍ଷକ ଜଣକ ତାକୁ ଦେଖନ୍ତୁ ଏବଂ ତା ମଧ୍ୟରୁ ପ୍ରକାଶ ପାଉଥିବା ପୁଂଜିଭୂତ ବିଦ୍ରୋହକୁ ଲକ୍ଷ କରନ୍ତୁ । ତାହେଲେ ହୁଏତ ପାନପିକ ଫିଂଗିଲା ପରି ଅଭଦ୍ର ଆଚରଣରୁ ନିବୃତ୍ତି ହୋଇ ପାରନ୍ତି ।

କିନ୍ତୁ ନାଃ, ଅସୀତର ସେ ନୀରବ ପ୍ରୟାସ ଏଥର ବିଫଳ ହେଲା । ଶିକ୍ଷକ ଜଣକ ସେଇପରି ମସ୍‌ଗୁଲ୍ ରହିଛନ୍ତି

କଥାବାର୍ତ୍ତାରେ। ସହଯାତ୍ରୀଙ୍କ ପାଖରେ ବଖାଣି ଯାଉଛନ୍ତି ନିଜର ଶିକ୍ଷକ ଜୀବନର ଗୌରବ ଗାଥାକୁ। ଖଣ୍ଡିଏ ପାନ ସରିଗଲେ ଆଉ ଖଣ୍ଡିଏ ପାନଖିଲ ଭର୍ତ୍ତି କରିଦେଉଥାନ୍ତି ପାଟି ଭିତରେ, ପୁଣି ବାରଂବାର ନିକ୍ଷେପ କରୁଥାନ୍ତି ପାନପିକର ଫୁଆରାକୁ।

ଯେମିତି କେତେକ ଲୋକ ଶବ୍ଦ ପ୍ରଦୂଷଣ ଉପେକ୍ଷା କରି ମାଇକ ବଜାଉଥାଆନ୍ତି। ନିଜର ଡିଣ୍ଡିମ ପିଟିବା ପାଇଁ।

ମାସଟା ଅଗଷ୍ଟ। ଆକାଶରେ ସୂର୍ଯ୍ୟ ଆଉ ବଉଦର ଲୁଚକାଳି ଖେଳରେ ପୃଥିବୀ ଛାୟାଲୋକିତ। କ୍ଷେତରେ ସବୁଜିମାର ଢେଉ। ପାଣିରେ କଇଁଫୁଲର ହସ। ଅନ୍ୟ ସବୁ ସମୟ ପରି ବାହାରର ଏ ସବୁ ଦୃଶ୍ୟ ପ୍ରତି ଆକର୍ଷିତ ହୋଇପାରୁ ନ ଥିଲା ଅସୀତ। ଅସ୍ଥିର ମନରେ ସେ ଖାଲି ଅପେକ୍ଷା କରୁଥିଲା କେତେବେଳ ଭୁବନେଶ୍ୱର ଆସିବ। କେତେବେଳେ ଏ ବସରୁ ଓହ୍ଲେଇଯିବ ସେ। କେତେବେଳେ ନିଷ୍କ୍ରାନ୍ତ ହୋଇଯିବ ପାନପିକ ଉତ୍କ୍ଷେପଣର ଏ ଦୁଃସହ ଦୃଶ୍ୟରୁ।

ଭାରତୀୟ ସଂସ୍କୃତିରେ ଏଇ ପାନଟା କୁଆଡ଼େ ଏକ ସମୟରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନଟିଏ ଅଧିକାର କରିଥିଲା। ପାନର ଅନ୍ୟନାମ ମୁଖବାସ। ଭୋଜନାନ୍ତେ ପାନଖଣ୍ଡିଏ ପାଟିରେ ଗୁଂଜି ଦେଲେ ଆମିଷ-ଭକ୍ଷଣ ଜନିତ ଦୁର୍ଗନ୍ଧ ବ୍ୟାପି ପାରେନାହିଁ। ଖାଦ୍ୟ ଜୀର୍ଣ୍ଣ କରିବାରେ ମଧ୍ୟ ପାନର ଔଷଧୀୟ ଗୁଣ ଅଛି। କେହି ଅତିଥି ଯଦି ହଠାତ୍ ଘରକୁ ଆସିଯାନ୍ତି ଏବଂ ତାଙ୍କୁ ଆପ୍ୟାୟିତ କରିବାପାଇଁ ଉଚିତ ଖାଦ୍ୟପେୟ ଯଦି ନ ଥାଏ, ତେବେ ପାନଦୁଇଖିଲ ଥାଳିଆରେ ବଢ଼େଇଦେଲେ ମଧ୍ୟ ଅତିଥି ସମ୍ମାନିତ ମନେ କରୁଥିଲେ।

ଏବେ ତ ଅତିଥି ଅଭ୍ୟାଗତଙ୍କର ସଂଖ୍ୟା କମିଯାଉଛି ଦିନକୁ ଦିନ। ବନ୍ଧୁ ପରିଜନଙ୍କର ଦର୍ଶନପାଇଁ କାହାରିକୁ ଆଉ ସମୟ ମିଳୁନାହିଁ। ସମସ୍ତେ ବ୍ୟସ୍ତ ଏବେ ନିଜ ନିଜର କାମରେ। ଯଦିବା କେବେ ଏକତ୍ରିତ ହେବାକୁ ପଡ଼େ- ତେବେ ସେ ସ୍ଥାନ ହେଉଛି କ୍ଲବର କୌଣସି ଅନୁଷ୍ଠାନରେ। ନ ହେଲେ ବିବାହ ବ୍ରତ ଇତ୍ୟାଦିର ଉତ୍ସବ ସମୟରେ। କିମ୍ବା କେବେ ଯଦି କେହି ସାମାଜିକ ଆନୁଷ୍ଠାନିକତା ବଜାୟ ରଖି କାହା ଘରକୁ ଗଲେ ବି ଫ୍ରିଜରୁ ବାହାର କରି କୁଲ୍ ଡ୍ରିଙ୍କ୍ ଦେଇଦେଲେ କାମଶେଷ। ଯେଉଁଠି ସୁବିଧାରେ କାମ ସରିଯିବ ସେଠାରେ ହାତ ମଇଳା କରି ପାନ ଭାଙ୍ଗିବାର ଆବଶ୍ୟକତା କ'ଣ ? ତା ଛଡ଼ା ପାନଟା କେମିତି ବିଷମ ନିଶା ସେ କଥା ଆଖି ଆଗରେ ତ ଦେଖୁଛି ଅସୀତ। ଧୂମ ପାନ ନିଷେଧ ପରି, ତାମ୍ବୁଳ ଭକ୍ଷଣ ନିଷେଧ ବୋଲି ପବ୍ଲିକ ସ୍ଥାନମାନଙ୍କରେ କ'ଣ ଲେଖା ହୋଇପାରନ୍ତା ନାହିଁ ? ତା ହେଲେ ତ ସେଇ ନିଷେଧାଜ୍ଞା ପାଇଁ ପାନର ନିଶା କମିଯାଉଥାଆନ୍ତା।

ଯେମିତି ସିଗାରେଟର ନିଶାଟାକୁ ଛାଡ଼ି ଦେଇ ପାରିଥିଲା ଅସୀତ। ଟ୍ରେନ୍‌ର ଏଆରକଣ୍ଡିସନ କମ୍ପାର୍ଟମେଂଟରେ ଗଲାବେଳେ ତ ଟୟଲେଟ ପାଖକୁ ଯାଇ ତାକୁ ସିଗାରେଟ ଟାଣିବାକୁ ହେଉଥିଲା। ସିଗାରେଟଟାଏ ନ ଟାଣିବା ପର୍ଯ୍ୟନ୍ତ ଟେନ୍‌ସନ ଯାଉ ନଥିଲା। ଅସ୍ଥିର ଲାଗୁଥିଲା କିଛି ଗୋଟାଏ ଘଟିଯିବ ବୋଲି। ସେତେବେଳେ ଅଛୁଆଁ ରୋଗୀଙ୍କ ପରି ଟୟଲେଟ ପାଖରେ ଠିଆ ହୋଇ ସିଗାରେଟ ଟାଣିଲାବେଳେ ନିଜର ବଦଭ୍ୟାସ ପ୍ରତି ବିତୃଷ୍ଣା ଆସି ଯାଉଥିଲା।

ଥରେ ଅକସ୍ମାତ୍ ଯାତ୍ରା ପାଇଁ ଫାର୍ଷ୍ଟକ୍ଲାସ ବା ଏଆର କଣ୍ଡିସନରେ ରିଜର୍ଭେସନ ମିଳି ନଥିଲା ଅସୀତକୁ। ବାଧ୍ୟହୋଇ ସେକେଣ୍ଡ କ୍ଲାସରେ ଯାଉଥିଲା ଭୋପାଳରୁ ମୁମ୍ବାଇ। ଝରକା ସିଟରେ ବସିଥିଲା ବୋଲି ସିଗାରେଟ ଟାଣିବାର ଧୃଷ୍ଟତା ବୋଧ କରି ନଥିଲା। କିନ୍ତୁ ତା ମୁହଁରୁ ନିର୍ଗତ ସିଗାରେଟ ଧୂଆଁଦ୍ୱାରା ପାଖରେ ବସିଥିବା ବୃଦ୍ଧଲୋକଂକର କାଶ ଉଠିଥିଲା। କାଶ ଉଠିଥିଲା ମାନେ ଲଗାତାର କାଶି କାଶି ଅଣନିଃଶ୍ୱାସୀ ହୋଇଗଲେ ବିଚାରା। ଏବଂ ପାଖରେ ବସିଥିବା ସେ ମହାଶୟଂକର ପତ୍ନୀ ଘୃଣାରେ ନାସିକା କୁଂଚନ କରି ଅସୀତକୁ ଚାହିଁଥିଲେ। ଶ୍ୱାସ ପାଇଁ ବ୍ୟବହୃତ ହେଉଥିବା ଇନ୍‌ହେଲରଟିଏ ବ୍ୟାଗରୁ କାଢ଼ି ପତିଙ୍କୁ ଦେଉ ଦେଉ କହିଥିଲେ ଦୁନିଆରେ କେତେକେତେ ସୁନ୍ଦର ସୁନ୍ଦର ନିଶା ଥିବା ସ୍ଥଳେ ଲୋକମାନେ ଏମିତି ମାରାତ୍ମକ ନିଶା କାହିଁକି ଧରନ୍ତି କେଜାଣି ? ଯେଉଁଟା ଅନ୍ୟମାନଙ୍କ ପାଇଁ ପୀଡ଼ାଦାୟକ ହୋଇପଡ଼େ।

ଭଦ୍ରମହିଳାଙ୍କର ସେ ବକ୍ରୋକ୍ତିରେ ଅପମାନିତ ବୋଧ କରିଥିଲା ଅସୀତ। ତାର ଆଙ୍ଗୁଠି ସନ୍ଧିରେ ଧରିଥିବା ସିଗାରେଟଟା ହୁଗୁଳା ହୋଇଯାଇଥିଲା ଏବଂ ଝରକା ଦାଢ଼ରେ ସିଗାରେଟଟାକୁ ମାଡ଼ିଦେଇ ଭାବିଥିଲା, ଦୁନିଆଁରେ କ'ଣ ଏମିତି କିଛି ନିଶା ଅଛି, ଯେଉଁଟା ଅନ୍ୟ କାହାରିକୁ କଷ୍ଟ ଦିଏ ନାହିଁ !

ଆଖି ଆଗରେ ତ ଜ୍ୱଳନ୍ତ ଉଦାହରଣ ଥିଲେ ଅସୀତର ବାପା। ତାଙ୍କର ଥିଲା ଫଟୋଗ୍ରାଫିର ନିଶା। ନିଶାମାନେ ଯାହାକୁ କହନ୍ତି ଅଦମନୀୟ ନିଶା। ଫଟୋ ଉଠାଇବାକୁ କେବେ କେଉଁ ପାହାଡ଼ି ଇଲାକାକୁ ଯାଉଥିଲେ ତ ପୁଣି କେବେ ଚାଲିଯାଉଥିଲେ ସମୁଦ୍ରର ବେଳାଭୂମିକୁ। ଉଲ୍ଲଗ୍ନ ପ୍ରକୃତିର ପୃଷ୍ଠଭୂମୀରେ ଅର୍ଦ୍ଧଉଲ୍ଲଗ୍ନ ଆଦିବାସୀ ରମଣୀର ଫଟୋ ସାଙ୍ଗକୁ ସାଗରର ଉତ୍ତାଳ ତରଙ୍ଗ ମଧ୍ୟରେ ମତ୍ସ୍ୟଜିବୀମାନଙ୍କର ନୌକା ଚାଳନାର ଦୃଶ୍ୟ। ସେଇ ସବୁ କ୍ଲାସିକ ଫଟୋ

ଉଠାଇବା ପାଇଁ ଦୁଇ ଦିନ ଛୁଟିନେଇ ଚାଲିଯାଉଥିଲେ ବି ଠିକ୍ ସମୟରେ ଫେରିବାକୁ ମନେ ରହୁ ନଥିଲା। ଏଇପରି ବାରମ୍ବାର ଉପରିସ୍ଥ ଅଫିସରଙ୍କୁ ଅସନ୍ତୁଷ୍ଟ କରିବା ଦ୍ୱାରା ଶେଷକୁ ଚାକିରୀଟା ମଧ୍ୟ ଚାଲିଯାଇଥିଲା। ଆର୍ଥିକ ଅନାଟନ ମଧ୍ୟରେ ରହି ସେଇ କେତେଟା ବର୍ଷ କ'ଣ କମ୍ କଷ୍ଟରେ ଯାଇଥିଲା ସେମାନଙ୍କର।

ତା'ପରେ ଅବଶ୍ୟ ଫଟୋଗ୍ରାଫିଟା ପେଶା ହୋଇଯାଇଥିଲା ତାଙ୍କର। ପେଶାଟା ନିଶା ହେଲେ ଯେମିତି ଦୁଃଖ, ନିଶାଟା ପେଶା ହେଲେ ମଧ୍ୟ ସେଇପରି। ସେଥିପାଇଁ ପରିଜନମାନଙ୍କହିଁ ଦୁର୍ଭୋଗ ସହିବାକୁ ହୋଇଥାଏ ସବୁବେଳେ। ବାପାଙ୍କର ସେଇ ଫଟୋଗ୍ରାଫି ପାଇଁ କେଉଁ ସୁଖଟା ଅବା ପାଇଥିଲେ ମାଆ ? ଏମିତିକି ବାପାଙ୍କର ନାମ, ଅର୍ଥ, ଖ୍ୟାତିର ଉଜ୍ଜ୍ୱଳମୟ ଦିନମାନଙ୍କରେ ମଧ୍ୟ, ଘରଟା ତାଙ୍କର ବିଷାଦ-ବିଦଗ୍ଧ ହୋଇ ପଡ଼ି ରହୁଥିଲା। ବାପାଙ୍କର ଅନିର୍ଦ୍ଦିଷ୍ଟ ଅନୁପସ୍ଥିତି ପାଇଁ। କୌଣସି ଅପରିହାର୍ଯ୍ୟ କାରଣ ଯୋଗୁଁ ସୋ ବନ୍ଦ ହୋଇଯାଇଥିବା ପ୍ରେକ୍ଷାଳୟଟି ପରି।

ଶେଷ ପର୍ଯ୍ୟନ୍ତ ବି ବାପା ତାଙ୍କର ନିଶା ଛାଡ଼ିପାରି ନଥିଲେ। ଅସୀତ କିନ୍ତୁ ନିଶାଟା ଛାଡ଼ି ଦେଇଥିଲା ହଠାତ୍ କରି। ସେଦିନ ଟ୍ରେନ୍‌ରେ ତାର ସିଗାରେଟର ଧୂଆଁ ପାଇଁ ଭଦ୍ରମହିଳାଙ୍କର ସେ ଆକ୍ଷେପ ଶୁଣି ଯେ ସିଗାରେଟଟା ଫିଙ୍ଗି ଦେଇଥିଲା ଅସୀତ- ତା ପରେ ପୁର୍ନବାର ଧୂମପାନ ପାଇଁ ମନ ବଳାଇ ନାହିଁ। ସବୁ ଆକ୍ଷେପର ତୀର ବୋଧେ ସମସ୍ତଙ୍କୁ ଆହତ କରି ପାରେ ନାହିଁ।

ନ ହେଲେ ଏ ବୟସରେ ବସି ବୃଦ୍ଧ ଭଦ୍ରଲୋକ ଯେତେ ଥର ଝରକାବାଟେ ପାନଛେପ ପକାଉଛନ୍ତି, ସେତେଥର ଅସୀତ ପଛକୁ ମୁହଁ ଘୁରାଇ ତାଙ୍କୁ ଚାହୁଁଛି। ଥୁତ୍‌କାର କଲା ପରି ଘୃଣା ବ୍ୟଂଜକ ଦୃଷ୍ଟି ନେଇ। ସେ ରୋଷ କଷାୟିତ ତୀକ୍ଷ୍ଣ ଦୃଷ୍ଟିର କିଛି ପ୍ରଭାବ କ'ଣ ପଡ଼ୁଛି ସେ ପାନଖିଲ ଜାକିଥିବା ସ୍ଫିତ ମୁହଁ ଉପରେ ?

ଏଇ ପରି ନିଲଠା ଲୋକ ବୋଧେ ଥାଆନ୍ତି ଜଣେ ଜଣେ। ଦୁନିଆଁର କୌଣସି ଶକ୍ତି ବି ଭେଦ କରିପାରେ ନାହିଁ ତାଙ୍କର ଅବିବେକୀ ପଣିଆକୁ। ସେମାନଙ୍କ ପାଇଁ ଦରକାର ଗୋଟାଏ ପ୍ରଚଣ୍ଡ ଧରଣର ବିସ୍ଫୋରଣ।

ବସ୍‌ଟା ସଡ଼ନ୍ ବ୍ରେକ୍ ଦେଇ ଭୂମିକମ୍ପ ପରି ଦୋହଲିଗଲା। କାହାର ଗୋଟାଏ ଚିତ୍କାର ଶୁଣାଗଲା ଅତଥ୍ୟ ଭାଷାରେ। ଗାଳିଗୁଲଜ କେହିଜଣେ କହୁଥିଲା, "ବସ୍ ରଖ। ମୋଓ ଉପରକୁ ଯିଏ ପାନପିକ ପକେଇଛି, ମୁଁ ଆଜି ତାକୁ ଜୀବନରେ ମାରିଦେବି। ଶଳା! ପାନଛେପ ପକେଇବାକୁ ଜାଗା ମିଳିଲା ନାହିଁ ଯେ, ମୋରି ଉପରକୁ ପକେଇଦେଲ ଓକାଳିଲା ପରି ? ମୁଁ ଏବେ ଯାଉଥିଲି ମୋର ଚାକିରୀର ଇଂଟରଭ୍ୟୁ ପାଇଁ। ପାନପିକ ପକେଇଦେଇ ସତ୍ୟାନାଶ କରିଦେଲା ମୋର। ରଖ, ବସ ରଖ ଏବେ। ମୁଁ ତାକୁ ଛାଡ଼ିବି ନାହିଁ ଆଜି। ତା ପାଇଁ ଯେମିତି ମୋର ଇଂଟରଭ୍ୟୁଟା ମାଟି ହୋଇଗଲା, ତାକୁ ବି ସେମିତି ଜୀବନରେ ମାରିଦେବି ମୁଁ।"

ଭଲ ହୋଇଛି। ଉଚିତ ଶାସ୍ତି ମିଳିଯିବ ଆଜି ଏ ବୃଦ୍ଧ ଭଦ୍ରଲୋକଙ୍କୁ। ବାରମ୍ବାର ମୋର କଡ଼ା ଦୃଷ୍ଟିକୁ ଭୃକ୍ଷେପ ନ କରି ପାନଛେପ ପକାଉଥିଲେ ତ! ପାଆନ୍ତୁ ଏଥର ମଜାଟା। ନିଜର ପଛ ସିଟରେ ବସିଥିବା ଶିକ୍ଷକଙ୍କ ଆଡ଼କୁ ପୁଣି ମୁହଁ ବୁଲାଇ ଚାହିଁଲା ଅସୀତ। ବିଚରା ନର୍ଭସ୍ ହୋଇ ଗୋଟାପଣେ ଥରୁଛନ୍ତି।

ମୋପେଡ୍‌ଟାକୁ ବସ ସାମନାରେ ରଖିଦେଇ ଗଣ୍ଡଗୋଳ କରୁଥିବା ଲୋକଟା ଏଥର ବସ୍ ଭିତରକୁ ପଶି ଆସିଲା। ତାକୁ ଦେଖୁ ଦେଖୁ ଛିଡ଼ା ହୋଇଗଲା ଅସୀତ। ଏବଂ ତା ପଛ ସିଟରେ ବସିଥିବା ଶିକ୍ଷକଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇ କହିଲା, "ଦେଖନ୍ତୁ ଏଇ ଲୋକ ଜଣକ ପାନପିକ ପକାଉଥିଲେ ଆପଣଙ୍କ ଉପରକୁ।"

"ବାପା !!" ପାନପିକାରେ ବିଚିତ୍ର-ବିଭତ୍ସ ଦିଶୁଥିବା ଶାର୍ଟ ପରିହିତ ଯୁବକ ଜଣକ ସ୍ତବ୍ଧ ହୋଇଗଲା। କ୍ରୋଧରେ ଜଳିଉଠୁଥିବା ତାଆ ଆଖିରେ ଯେମିତି କେହି ହଠାତ୍ ମାଠିଆ ମାଠିଆ ପାଣି ଅଜାଡ଼ି ଦେଲା। ତାର ଲୁହଧୂଆଁ ମୁହଁରେ କହିଲା, "ଶେଷରେ ଆଜି ତମରି ଦ୍ୱାରା ଅସଫଳ ହେବା ପାଇଁ ମୋର ଭାଗ୍ୟରେ ଲେଖାଥିଲା ? ଦୁଇ ଦୁଇଟା ଲିଖିତ ପରୀକ୍ଷାରେ ପାସ କରିଥିଲି ଏଥର। କେତେ ଲୋକଙ୍କର ରେକମେଣ୍ଡେସନ ମଧ୍ୟ ନେଇସାରିଥିଲି। ଏବେ ମୁଁ ଇଂଟରଭ୍ୟୁକୁ ଯାଉଥିଲି। ସେଠାକୁ ଯାଇ ଏଇ ବେଶରେ ଛିଡ଼ା ହେବି ମୁଁ? କିମ୍ବା ସାଙ୍ଗଠାରୁ ମାଗିକରି ପିନ୍ଧିଥିବା ଏଇ ଶାର୍ଟ ପ୍ୟାଂଟ ଟାଇ ପରି ଆଉ ହଳେ କିଣିବା ପାଇଁ ବେଳ ଅଛି, ନା ପଇସା ଅଛି ତମଠି ?

ବୃଦ୍ଧ ଶିକ୍ଷକଙ୍କର ଭୟଜନିତ କମ୍ପନ ଏବେ ବନ୍ଦ ହୋଇଯାଇଥିଲା। ତା ବଦଳରେ ତାଙ୍କ ମୁହଁରେ ଫୁଟି ଉଠୁଥିଲା ସର୍ବହରାର ଆର୍ଦ୍ର କାଳିମା। ମୁହଁ ଭିତରର ପାନପିକତକ ବାହାରକୁ ଫିଙ୍ଗିଦେବା ପାଇଁ ଯେମିତି ଶକ୍ତି ନଥିଲା ତାଙ୍କଠାରେ। ସେ ପାନପିକତକ ତାଙ୍କର ଖୋଲିଯାଇଥିବା ହାଁ ଭିତରୁ ତଳକୁ ନିଗିଡ଼ି ଯାଉଥିଲା। ତାଙ୍କର ଅଧମଇଳା ଶାର୍ଟଟାକୁ ବିବର୍ଣ୍ଣ କରିଦେବା ପାଇଁ ।

୨୮-୯-୨୧, ସୂର୍ଯ୍ୟାବାଗ୍,
ବିଶାଖାପାଟଣାମ୍-୮୩୦୦୨୦
ଫୋନ:୦୯୨୪୬୬୧୨୧୯୦

# ରକ୍ତଭିଜା ଚିଠି



ସୁଶ୍ରୀ ପ୍ରତିମାରାଣୀ ଓଝା

ଯନ୍ତ୍ରଣାର ଅନ୍ୟନାମ ହୁଏତ ଜୀବନ। ଜୀବନ ମାନେ ପ୍ରେମ। ସତରେ ପ୍ରେମ ଏପରି ଏକ ଜିନିଷ ପ୍ରେମିକ କେତେବେଳେ ଭାସି ଅପବାଦରେ ଆକାଶ ଛୁଏଁ ତ କେତେବେଳେ ଆତ୍ମହତ୍ୟାକୁ ଆପଣେଇ ନିଏ। ସୁନାର ପଞ୍ଜୁରି ଭିତରେ ଛଟପଟ ହୁଏ ଆଶା। ବାହ୍ୟ ପ୍ରକୃତିର ସୁନ୍ଦର ଦିନ ଗୁଡ଼ିକ; ତାହା ଆଜି ମୂଲ୍ୟହୀନ। ସେ ଚାଲିଯିବାକୁ ଚାହେଁ ଯେଉଁଠି କି ମଣିଷ ଗଲେ କେବେ ବି ଫେରି ଆସେନା।

ମରୁଭୂମିର ବାଲିଉପରେ କେତେ ଯେ, ସ୍ମୃତିର ପାଦଚିହ୍ନ ପଡ଼ିଯାଇଛି। ତାହାର ହିସାବ କେହି ରଖେନା କିନ୍ତୁ ଅପବାଦ ଅମାନିଆ ଝଡ଼ ଆସି କ୍ଷୀପ୍ର ଗତିରେ ଉଡ଼ାଇ ନେଇଯାଏ। ମରୁଭୂମିର କ୍ଷୁଦ୍ର ବାଲିକଣା ଗୁଡ଼ିକ ତା ସଙ୍ଗେ ମ୍ଳାନ ହୋଇଯାଏ। ସ୍ମୃତିର ଅଗଣିତ ପାଦଚିହ୍ନ ନେଇ ମରୁଭୂମି ରହିଯାଏ; ଠିକ୍ ସେହିପରି ଅତୀତ ମଧ୍ୟ ହଜିଯାଏ ଅନ୍ଧକାର ଗର୍ଭରେ।

ସମସ୍ତଙ୍କ ଜୀବନରେ ପ୍ରେମ ଆସେ ବସନ୍ତ ବହେ। ସେମିତି ସୌରଭ ଜୀବନରେ ମଧ୍ୟ ପ୍ରେମ ଆସିଥିଲା, କିନ୍ତୁ ସେ ତାକୁ ଧୋକା ଦେଲା; କାହିଁକି ? ସୌରଭ ତାକୁ ଭଲପାଇ କିଛି ଭୁଲ କରି ନଥିଲା। ଏହି ସବୁ କଥା ମନରେ ଚିନ୍ତାକରି ଆଖିର ଲୁହକୁ ଆଖିରେ ରଖି, ଛାତିର କୋହକୁ ଛାତିରେ ଚାପିଧରି ଲେଖିଲା ତା'ର ଆଦରର ଅଭୀମାନିନ ପାଖକୁ ଚିଠି। ହୁଏତ ଏହା ଥିଲା ତା ଜୀବନର ଶେଷ ଚିଠି ଏବଂ ସୌରଭ ନିଜ ରକ୍ତରେ ଲେଖିଥିଲା ଏଇ ଚିଠିଟି ।

ପ୍ରିୟ ସ୍ମୃତି !

ଯେଉଁଦିନ ମୁଁ ତୁମକୁ ଦେଖିଥିଲି ପ୍ରଥମ ଦେଖାରେ ପ୍ରଥମ ଆଖିମିଶାରେ; ମୁଁ ତୁମକୁ ମୋ ହୃଦୟରେ ଯାଗାଦେଇଥିଲି, ସତରେ ସ୍ମୃତି! ଏ ବାସ୍ତବ ଦୁନିଆଟା ଭଳି ସ୍ୱପ୍ନର ଦୁନିଆରେ ଯଦି ଟିକେ ବାସ୍ତବ ଥା'ନ୍ତା ସତ୍ୟ ହୋଇଯାଆନ୍ତା ମୋର ଜୀବନର ଅବଶିଷ୍ଟ ଅଂଶ ମୁଁ ସ୍ୱପ୍ନରେ ବିତାଇ ଦିଅନ୍ତି। ଦୂର ଆକାଶର ଜହ୍ନକୁ ଦେଖି ହୁଏ କିନ୍ତୁ ଛୁଇଁ ହୁଏ ନାହିଁ। ଜୀବନଟା ସେମିତି ଏକ ନିଚ୍ଛକ ଯନ୍ତ୍ରଣା! କହିହୁଏ କିନ୍ତୁ ବୁଝିହୁଏ ନାହିଁ କିମ୍ବା ବୁଝାଇ ହୁଏନାହିଁ। ସ୍ମୃତି ତୁମେ ସେମିତି ଏକ ଦୂର ଆକାଶର ଜହ୍ନ ତୁମକୁ ମୋ ମନକଥା କେମିତି ବୁଝେଇବି ? ତୁମେ ସିନା ଦୂରକୁ ଚାଲିଗଲ କିନ୍ତୁ ତୁମର ସେ ସ୍ମୃତି ମୋର ଅତି ଆପଣାର ହୋଇ ରହିଗଲା; ଯାହାକୁ ନେଇ ମୁଁ ବଞ୍ଚିଛି। ତୁମେ ନଥିଲେ ମୋର ପ୍ରିତି ନଥାନ୍ତା। ପ୍ରିତି ନ ଥିଲେ ମୋର ସ୍ମୃତି ନଥାନ୍ତା। ସ୍ମୃତି ନ ଥିଲେ ମୋର ସତ୍ତା ନଥାନ୍ତା।

ଯେଉଁ ଦିନ ମୁଁ ତୁମକୁ ଦେଖିଥିଲି, ଜାଣିଥିଲି ତୁମକୁ ଚିହ୍ନିଥିଲି। ସେ ଦିନ ତୁମକୁ ମୋର ସ୍ୱପ୍ନର ନାୟିକା ଭାବେ ସଜାଇଥିଲି। ଖାଲି ସ୍ୱପ୍ନରେ ନୁହେଁ; ହୃଦୟରେ, ମନରେ ପ୍ରାଣରେ, ମୋର ସମସ୍ତ ସ ।ରେ ତୁମେ ଗୁନ୍ଥି ହୋଇ ଯାଇଥିଲ। ତୁମପାଇଁ ମୁଁ ପ୍ରୀତିର ପୁଷ୍ପରେ ପ୍ରଣତି ରଙ୍ଗ ଭରିଦେଇଥିଲି। ତୁମପାଇଁ ସୁଖର ସୁଷମା ତୋଳି ଶାନ୍ତିର ସୁରଭି ଭରି ଦେବାର ସ୍ୱପ୍ନ ଦେଖିଥିଲି।

ସେଦିନ ରେଷ୍ଟୋରାରୁ ଫେରିଲା ବେଳେ ବାଟରେ ତୁମେ ମୋତେ ଏକ ଗୋଲାପ ଗୁଚ୍ଛ ଉପହାର ଦେଉଥିଲ। ସେଦିନ ମଦାଳସୀ ଗୋଲାପର ସୌରଭ ମୋତେ ମୁଗ୍ଧ କରିଦେଇଥିଲା। ଝିଅମାନେ ଫୁଲକୁ ଭଲ ପାଆନ୍ତି, ପୁଣି ଗୋଲାପ ସେମାନଙ୍କର ଅତି ପ୍ରିୟ ଫୁଲ। ସେମାନେ ଯାଚିବା ତ ଦୂରର କଥା, ମାଗିଲେ ବି ସେମାନେ କଳିଜାରୁ ଖଣ୍ଡେ କାଟିଲା ଭଳି ମନା କରିଦିଅନ୍ତି। ତୁମେ କିନ୍ତୁ ଅନ୍ଦ୍ଧ ଥିଲ ସ୍ମୃତି !! ତୁମେ ମୋତେ ଉପହାର ଦେଇଥିଲ ସେହି ଗୋଲାପ ଗୁଚ୍ଛ। ସେଦିନ ମୁଁ ତୁମକୁ ପାଇ ବହୁତ ଖୁସି ହୋଇଥିଲି।

କିନ୍ତୁ! ଏ କ'ଣ ହେଲା ? ... ହଠାତ୍ ତାନପୁରାର ତାର ଛିଡ଼ିଗଲା; ରାଗୀଣି ବେସୁରା ହେଲା। ତୁଳୀରେ ରଙ୍ଗ ଦେଇଥିବା ଚିତ୍ରଗୁଡ଼ିକ ହଠାତ୍ ବଦଳି ଗଲା। ଗୋଲାପର ପାଖୁଡ଼ା ଛିଡ଼ିଗଲା। ତୁମେ ବଦଳି ଗଲ ବୋଲି ମୋର ପରିଧିର ପୃଥିବୀଟା ଯେ ବଦଳି ଯିବ, ମୁଁ ଆଶା କରି ନଥିଲି!!! ତୁମେ ଖାଲି ଏକା ବଦଳି ଗଲନାହିଁ। ମୋତେ ଆଉ ମୋର ସବୁକିଛି ତୁମେ ବଦଳେଇ ଦେଇଗଲ। ମୋର ଆଜି ସେ ସ୍ମୃତି ସବୁ ମନେ ପଡୁଛି। ତୁମ ଗୋଲାପୀ ଅଧରର ଅନେକ କଥା... ତୁମ ହୃଦୟର ଅନେକ ବ୍ୟଥା... ସତରେ ମୋ ହୃଦୟରେ ବି ଅନେକ କଥା କହିବି କହିବି... ବୋଲି କହି ପାରି ନଥିଲି... ମୋ ପାଖରେ ତୁମେବି.... ଆଉ ମୁଁ ବି !!!

ପ୍ରୀତିବାନର ପ୍ରତିଦାନ କ'ଣ ? ତୁମେ ଜାଣିନାହଁ ସ୍ମୃତି ? ମୋର ଅଳିନ୍ଦ ନୀଳୟରେ ତୁମର ପ୍ରତିଧ୍ୱନି ଆଜି ବି ଲାଖି ରହିଛି । ଏ କଥା ମୁଁ ତୁମକୁ କେମିତି ବୁଝେଇବି । ତଥାପି ତୁମେ କହିଲ ମୁଁ ତୁମକୁ ପ୍ରତାରଣା କଲି ? ଏ କଥା କହିବା ତ ଦୂରର କଥା, ତୁମେ ଏ କଥା ଭାବିପାରିଲ କିପରି । ସ୍ମୃତି ତୁମେ ସତରେ ସ୍ମୃତି ହୋଇ ରହିଗଲ । ମୁଁ ଆଜି ଭାବୁଛି ତୁମର ପ୍ରୀତି ଗୋଲାପ ଗୁଚ୍ଛକୁ, ତୁମେ ମୋତେ ସେଦିନ ଉପହାର ଦେଇଥିଲ । ଗୋଲାପ ଯେ କଣ୍ଟକିତ ଏହା ଜାଣି ମଧ ମୁଁ ତା' ଉପରେ ମୋର ଅଧର ଲଗାଇ ଥିଲି । ପାଖୁଡ଼ା ଛିଡ଼ିଗଲା ପରେ ମୋର ଅଧର କଣ୍ଟାରେ ଫୁଟିଯାଉଛି । ମୋ ଅଧରରୁ ଅତି ଲାଲ ରକ୍ତବୁନ୍ଦା ଝରୁଛି ।

ତୁମରି ସ୍ମୃତିକୁ ଆଜି ଯାବୁଡ଼ି ଧରି ମୁଁ ବଞ୍ଚିଛି । ମୋ ହୃଦୟର ରକ୍ତ ଝରୁଛି ମିଳନ ଆଉ ବିଚ୍ଛେଦର.... ସ୍ମୃତି ! ବସନ୍ତ ଚାଲିଗଲା ପରେ ବୈଶାଖୀ ତା'ର ସ୍ମୃତିକୁ ଧରି ବଞ୍ଚିଥାଏ; ପୁଣି ଆଗାମୀ ବସନ୍ତ ଅପେକ୍ଷାରେ କିନ୍ତୁ ମୋର ଆଉ ବସନ୍ତ ଆଗମନରେ ଆଶା ନାହିଁ । ବସନ୍ତ ଚାଲିଯାଇଛି । ତା'ର ସୁରଭି ଲୁଚିଯାଇଛି, ପୁଷ୍ପର ସୌରଭ ଉଡ଼ିଯାଇ ପୁଣି ଏ ମହୀକୁ ଆସିବ ବସନ୍ତ, ପୁଣି ବହିବ ମଳୟ କିନ୍ତୁ ମୋ ବସନ୍ତ ଓ ମୋ ପୁଷ୍ପ ଲୁପ୍ତ ରହିଯିବ ଚିରଦିନ ପାଇଁ । ଆଉ ମୋ ମନରେ ଲାଖି ରହିବ ସେହି ଝରାପୁଷ୍ପର ଶୁଷ୍କ ବୃନ୍ତ । କୁହ ସ୍ମୃତି ! .... ? ଝରା ପୁଷ୍ପରେ କ'ଣ ସୁରଭି ମିଳେ .... ? ମୋ ଜୀବନ ଆରମ୍ଭରୁ ଫୁଲ ଫୁଟିବା ପୂର୍ବରୁ ଝରିଗଲା ଆଉ ତା'ର ଶୁଷ୍କ ବୃନ୍ତ ହିଁ ମୋର ପ୍ରତୀକ ହୋଇ ରହିଯାଇଛି ।

ହଁ... ଏତ ପରିବର୍ତ୍ତନଶୀଳ ଦୁନିଆ; ଏମିତି ସବୁ ପରିବର୍ତ୍ତନ ହୋଇଯାଏ ଶିଘ୍ର ଅତିଶିଘ୍ର; ଆମେ ବା ନ ବଦଳନ୍ତେ କିମିତି... ? ଆମର ବା ପରିବର୍ତ୍ତନ ନ ହୁଅନ୍ତା କିପରି...! କେତେ ଶିଘ୍ର ଆମେ କୈଶରରୁ ଫେରିଲେ ଯୌବନକୁ; ପୁଣି ଯୌବନରୁ ଫେରିବା ବୃଦ୍ଧକୁ, ପୁଣି ବୃଦ୍ଧରୁ ଫେରିବା ନର୍କକୁ ବା ସର୍ଗକୁ । "ବିଜ୍ଞାନ ବତେଇଥିଲା କ୍ରମ ପରିବର୍ତ୍ତନ ।" ତୁମେ କିନ୍ତୁ ବତେଇଦେଲ ବିଶମ ପରିବର୍ତ୍ତନ ।" ଯାହାକି ହୋଇଛି ସବୁ ଉପରବାଲାର ନିର୍ଦ୍ଦେଶରେ ଯାହା ବି ହେବ ତାଙ୍କରି ନିର୍ଦ୍ଦେଶରେ । ଆମେ ତ ଖାଲି ପାଳନ କରୁଛେ । ହୁଏତ ସେ ମୋ ପାଇଁ ତୁମକୁ ଗଢ଼ିନାହାନ୍ତି । ମୁଁ ଯେତେ ଚେଷ୍ଟା କଲେ ତୁମକୁ ପାଆନ୍ତି କିପରି । ମଣିଷ ସବୁବେଳେ ତା ପସନ୍ଦ ତାକୁ ଯାହା ଭଲଲାଗେ ସେହି ଜିନିଷ ଚାହେଁ । କିନ୍ତୁ ତା'ଠାରୁ ଯୋର କରି ଛଡ଼େଇ ନେଇଯାଏ ଏଇ ନିଷ୍ଠୁର ସମାଜ । ଗୋଟେପଟେ ଜୀବନ ଠାରୁ ଅଧିକ ହୃଦୟର ଅତି ନିଜର ମଣିଷଟିଏ, ଆଉ ଗୋଟେ ପଟେ ସମାଜର ନାଲି ଆଖି । ସମାଜର ବନ୍ଧନରେ ବନ୍ଧା ହୋଇ ମଣିଷ ମଣିଷ ପ୍ରତି ସେତିକି ବେଳେ ପରିସ୍ଥିତିରେ ପଡ଼ି ଅନ୍ୟାୟ କରେ ।

ମୁଁ ମୋ ଜୀବନର ଶତକଡ଼ା ପ୍ରାୟ ପଞ୍ଚସ୍ତରୀ ଭାଗ କ୍ୟାରିୟର ନଷ୍ଟ କରି ଦେଇଛି । ତଥାପି ତୁମେ ମୋ ଭଲ ପାଇବାକୁ ବୁଝିପାରିଲ ନାହିଁ । ହୁଏତ ବାହା ହୋଇ ପାରିଥିଲେ ବୁଝି ପାରିଥାନ୍ତ । ସେହି ସେତକ ଥିଲା ମୋର ନିୟନ୍ତ୍ରଣ ବାହାରେ । ତୁମପ୍ରତି ମୁଁ ଯେଉଁ ଅନ୍ୟାୟ କରିଛି । ତୁମ ଅଭିଶାପ ମୋର ନିତାନ୍ତ ଆବ୍ୟଶକ ।

ମୁଁ ଯେତେବେଳେ ତୁମକୁ ମନେ ପକାଉଛି; ସେତେବେଳେ ଗୋଲାପର କଣ୍ଟା ମୋ ଅଧରରେ ପୁଟିଯାଉଛି, ତଥାପି ... ମୁଁ ତାକୁ ଫୋପାଡ଼ି ପାରୁନାହିଁ । ମୁଁ ଜାଣି ଜାଣି ତାକୁ ଅଧରରେ ଲଗାଉଛି ।

ଓଃ... ଏ କ'ଣ ହେଲା ? କି ତାଜା ରକ୍ତ ମୋ ଅଧରରୁ ଝରୁଛି । ସ୍ମୃତି !!! ... ସ୍ମୃତି ... ତୁମେ ଯେଉଁଠାରେ ଥାଅ ଏ ରକ୍ତ ବୁନ୍ଦା ତୁମ ଶ୍ରୀମନ୍ତରେ ଲାଗୁ । ତୁମେ ଆଜୀବନ ଶ୍ରୀ ମନ୍ତିନୀ ହୁଅ .... ।


ଏତିକି ମୋର ତୁମ ନିକଟରେ ସ୍ମୃତିର ପ୍ରତୀକ ହୋଇ ରହିଛି । ଇତି ।

ତୁମର ହତଭାଗା

**ସୌରଭ**

**ଗ୍ରା: ଗଙ୍ଗାପୁର, ଜି: କଟକ, ଓଡ଼ିଶା**

# ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରେମାନୁଭବ



ଅଧ୍ୟାପକ ଭଗବାନ ପଟେଲ

ଆଧୁନିକ ଓଡ଼ିଶା ସାହିତ୍ୟରେ ମାନବବାଦୀ କାବ୍ୟଶିଳ୍ପୀ ଗଙ୍ଗାଧର ମେହେର ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ଆଚରଣରେ ସେ ନମ୍ର, ଭଦ୍ର, ସୁଶିଳ ଓ ଅମାୟିକ ବ୍ୟକ୍ତିତ୍ୱ ସଂପନ ସାଧୁ ପୁରୁଷ ଅଟନ୍ତି । ତାଙ୍କର ସାହିତ୍ୟରେ ଗଭୀର ପ୍ରେମାନୁଭାବର ଏକ ଅଭ୍ରାନ୍ତ ପରିଚୟ ସ୍ୱତଃସ୍ଫୂର୍ତ୍ତ ଭାବରେ ପରିଲକ୍ଷିତ ହୋଇଥିବାର ଜଣାଯାଏ । ମାନବ ଜୀବନକୁ ସୁଧାମୟ, ମଧୁମୟ ତଥା ଅମୃତମୟ ଭାବରେ ନିରୀକ୍ଷଣ କରିବାର ନୂତନ ଦୃଷ୍ଟି ଓ ଦିଗନ୍ତ ଉଦ୍‌ଘାଟନ କରିବାରେ ଗଂଗାଧରୀୟ ପ୍ରତିଭାର ସ୍ୱତନ୍ତ୍ରତା ତଥା ମୌଳିକତାକୁ ଲକ୍ଷ୍ୟ କରାଯାଇପାରେ । ଗଂଗାଧର ହେଉଛନ୍ତି ଗଂଗାର ଧାର ପରି ପୂତ, ପବିତ୍ର ଓ ନିର୍ମଳ । ଜୀବନର ସମସ୍ତ ଆବିଳତାକୁ ପରିହାର ପୂର୍ବକ ସତୀ-ଶିବ-ସୁନ୍ଦରର ଉପାସନା ତଥା ନିରାଜନା କରିବା ସତେ ଯେପରି ତାଙ୍କ ଜୀବନର ପୂନ୍ୟମୟ ବ୍ରତ ଥିବାର ଜଣାଯାଏ । ଜଣେ ସଂବେଦନଶୀଳ ତଥା ସହାନୁଭୂତି ପରିପୂର୍ଣ୍ଣ ଜୀବନବାଦୀ କବି ଭାବରେ ଜୀବନର ରଢ଼ୁ ବାସ୍ତବତାକୁ ଅଧିକ ମନୋଜ୍ଞ ତଥା ମାର୍ମିକ ଭାବରେ ପ୍ରକାଶ କରିବାର ଅନ୍ତହୀନ ଜିଜ୍ଞାସା ତାଙ୍କୁ କରିଛି ବିହ୍ୱଳିତ ତଥା ଆନନ୍ଦ ମୁଖରିତ । ବହୁ ପୌରାଣିକ ଚରିତ୍ରମାନଙ୍କୁ ନିଜର କାବ୍ୟ କବିତାର ଚରିତ୍ର ଭାବରେ ଗ୍ରହଣ କରି, ସେମାନଙ୍କ ପାଖରେ ଧୈର୍ଯ୍ୟ, ଶକ୍ତି ଓ ସାମର୍ଥ୍ୟର ପରାକାଷ୍ଠା ପ୍ରଦର୍ଶନ କରିବାରେ ଆପ୍ରାଣ ଉଦ୍ୟମ କରିଯାଇଛନ୍ତି । ଜୀବନର ଚରମ ତଥା ପରମ ସାର୍ଥକତା ଭୋଗ ଅପେକ୍ଷା ତ୍ୟାଗରେ, ଘୃଣା ଅପେକ୍ଷା ସ୍ନେହରେ, ଅନାଦର ଅପେକ୍ଷା ପ୍ରେମରେ, ଅନୀତି ଅପେକ୍ଷା ନୀତିରେ, ଅନାଦର୍ଶ ଅପେକ୍ଷା ଆଦର୍ଶରେ, ନିରାନନ୍ଦ ଅପେକ୍ଷା ଆନନ୍ଦରେ, ସୁଖ ଅପେକ୍ଷା ଦୁଃଖରେ, ଅଶିବ ଅପେକ୍ଷା ଶିବରେ ବୋଲି ପ୍ରମାଣିକ କରିବାର ପ୍ରଚେଷ୍ଟା କରି ଆସିଛନ୍ତି ଆଜୀବନ । ସେ ଜଣେ ଆଦର୍ଶବାଦୀ ଦିବ୍ୟ ଚେତନା କ୍ରାନ୍ତିକାରୀ ପୁରୁଷ ଭାବରେ ଓଡ଼ିଶା ସାହିତ୍ୟରେ ସୁପରିଚିତ । ସାରଳା ଦାସ, ଜଗନ୍ନାଥ ଦାସ, ଦୀନକୃଷ୍ଣ, ଅଭିମନ୍ୟୁ, ଗୋପାଳ କୃଷ୍ଣ, ଭୀମଭୋଇ, ମଧୁସୂଦନ ଆଦି ଯୋଗ ଜନ୍ମା ମହାପୁରୁଷ ମାନଙ୍କ ପରି ସମାଜକୁ ନୂତନ ଦିଗଦର୍ଶନ ପ୍ରଦାନ କରିବାରେ ଶତ ଚେଷ୍ଟିତ ହୋଇଥିବାର ଜଣାଯାଏ । ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଜଣେ କ୍ଲାସିକ ତଥା ରୋମାଣ୍ଟିକ କବି ଭାବରେ ବେଶ୍ ପ୍ରତିଷ୍ଠା ଓ ସଫଳତା ଲାଭ କରିଥିବାର ଜଣାଯାଏ ।

ଗଭୀର ପ୍ରେମାନୁଭବ ଭିତରେ ଜୀବନ ଓ ଜଗତର ସୁବିପୁଳ ଅନୁଭବକୁ ଉପଲବ୍ଧ କରିବାରେ ମହାନ୍ ପରଂପରା, ଐତିହ୍ୟ ଓ ଇତିହାସ ସୃଷ୍ଟି କରିବାରେ ଗଂଗାଧାରଙ୍କର ତୁଳନା ସମଗ୍ର ବିଶ୍ୱ ସାହିତ୍ୟରେ ଅନନ୍ତ ତଥା ଅସାଧାରଣ ବୋଲି ସ୍ୱୀକାର କରାଯାଇପାରେ । ସେ ଜୀବନର ମହାର୍ଘ୍ୟତାକୁ ସୁକ୍ଷ୍ମାତିସୁକ୍ଷ୍ମ ଭାବରେ ଅନୁଭବ କରିବାରେ ଯେପରି ସଫଳକାମ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିଛନ୍ତି । ତାହା ତାଙ୍କୁ ଜଣେ କାଳଜୟୀ, ସାରସ୍ୱତ, ଶାଶ୍ୱତ ତଥା ସୃଜନଶୀଳ ଅମ୍ଳାନ ପ୍ରତିଭାର ଅଧିକାରୀ ଭାବରେ ପ୍ରମାଣିତ କରିପାରିଛି । ତାଙ୍କର କାବ୍ୟ କବିତାର ନାୟକ ଓ ନାୟିକାଗଣ ଉଚ୍ଚକୂଳରେ ସଂଭୂତ ଅଟନ୍ତି । ଇତର ମାନବପରି ସେମାନେ ଆଦୌ କାମୁକ ବା ନିମ୍ନ ମନୋଭାବପନ୍ନ ହୋଇ ନାହାନ୍ତି, ବରଂ, ଜୀବନରେ ପରୋପକାର ତଥା ସମଗ୍ର ମାନବ ସମାଜ ପ୍ରତି ଦୟା, କ୍ଷମା, କରୁଣା, ଶାନ୍ତି, ପ୍ରୀତି ଆଦିର ପ୍ରଦାନ କରିବାରେ ଆଶାତୀତ ଉତ୍କଣ୍ଠା, ଆଗ୍ରହ ଓ ସଦଇଚ୍ଛା ଆଦି ପ୍ରକାଶ କରିଛନ୍ତି ଅକୁଣ୍ଠିତ ଚିତ୍ତରେ । ତାଙ୍କର "ତପସ୍ୱିନୀ", "ପ୍ରଣୟ ବଲ୍ଲରୀ", "ଇନ୍ଦୁମତୀ", "କୀଚକ ବଧ", ଆଦି କାବ୍ୟମାନଙ୍କରେ ମାନବିକ ମୂଲ୍ୟବୋଧ ପ୍ରତି ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଛି । ପ୍ରଚଣ୍ଡ ସ୍ୱାଭିମାନ ଭିତରେ ମାନବ ଧର୍ମକୁ ପାଳନ କରିବା ପାଇଁ ସେମାନେ ଯେଉଁ ଆଦର୍ଶମୟ ପରଂପରା ସୃଷ୍ଟି କରି ଯାଇଛନ୍ତି, ତାହା ଅନନ୍ତ-କୋଟି-କାଳ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବ । ଏହା ଧ୍ରୁବ ସତ୍ୟ ଅଟେ । ମର୍ଯ୍ୟଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କର ସତୀ-ସାଧ୍ୱୀ-ଶିରୋମଣି ସୀତାଙ୍କ ପ୍ରତି, ରାଜା ଦୁଷ୍ମନ୍ତଙ୍କର ଶକୁନ୍ତଳା ପ୍ରତି, ରଜା ଅଜଙ୍କର ଇନ୍ଦୁମତୀ ପ୍ରତି ଯେଉଁ ଗଭୀର ପ୍ରେମାନୁଭାବ ପ୍ରକାଶିତ ହୋଇଛି, ତାହା ଭାରତୀୟ କାବ୍ୟ ପରଂପରାର ଚରମ ନିଦର୍ଶନ ବ୍ୟତୀତ ଆଉ କ'ଣ ହୋଇପାରେ ? ରାଜା ରାମଚନ୍ଦ୍ର, ଦୁଷ୍ମନ୍ତ, ଅଜ ଆଦି ବୀର ପୁରୁଷଗଣ ବିରୋଚିତ କର୍ମ କରିବାରେ ଆଦୌ ପଶ୍ଚାତ୍ ପଦ ହୋଇନଥିବା ବେଳେ ଭୀମସେନ ନଜର ପରାକ୍ରମ ବଳରେ କୀଚକ ପରି କାମୁକ ତଥା ଅଧର୍ମ ବ୍ୟକ୍ତିର ନାଶ କରିପାରିଛନ୍ତି । ଧର୍ମ ରକ୍ଷା ନିମନ୍ତେ ଯୁଗେ ଯୁଗେ ଭଗବାନ ସ୍ୱୟଂ ଧରାଧାମରେ ମାନବ ରୂପରେ ଅବତରଣ କରିଥାନ୍ତି ଏବଂ ଦୁଷ୍ଟ ଲୋକମାନଙ୍କୁ ସଂହାର ପୂର୍ବକ ସନ୍ଥ ଜନମାନଙ୍କୁ ଅଭୟ ପ୍ରଦାନ କରିଥାନ୍ତି । ସମାଜରେ ନ୍ୟାୟ, ଧର୍ମ, ଶାନ୍ତି ଆଦିର ପୁନଃ ପ୍ରତିଷ୍ଠା ନିମନ୍ତେ

ଏହିପରି ଭାବରେ କାର୍ଯ୍ୟ କରିଥିବାର ଜଣାଯାଏ ।

ପାର୍ଥିବ ଜଗତରେ ପ୍ରେମ ହେଉଛି ଏକ ସ୍ୱର୍ଗୀୟ ପଦାର୍ଥ । ଏଣୁ ପ୍ରେମ ପ୍ରତି ସମର୍ପିତ ମଣିଷ ଜୀବନର ପ୍ରକୃତ ସ୍ୱାଦକୁ ଅନୁଭବ କରିବାର ସୁବିଧା ସୁଯୋଗ ଲାଭ କରି ପାରିଥାଏ । ମାନବ ଜୀବନର ପ୍ରକୃତ ମୂଲ୍ୟାୟନ ହୁଏ ତା'ର କର୍ମ ଭିତରେ । ଜଣେ ଉତ୍ତମ ମାନବ ଆଜୀବନ ସମାଜ ତଥା ଜାତି ନିମିତ୍ତ ନିଜର ସମସ୍ତ ସୁଖକୁ ଜଳାଞ୍ଜଳୀ ପ୍ରଦାନ ପୂର୍ବକ ଅନ୍ୟର ହିତ ସାଧନ ପାଇଁ ନିଜର ଜୀବନକୁ ପୂର୍ଣ୍ଣପାତ୍ରରେ ଉତ୍ସର୍ଗ କରିଥାଏ । ଗଂଗାଧର ଜଣେ ଉଚ୍ଚକୋଟୀର ମାନବବାଦୀ କବିଭାବରେ ଯାହା ଶ୍ରେୟ ତାକୁ ଗ୍ରହଣ କରିଛନ୍ତି । ସାମୟିକ ଉତ୍ତେଜନାର ବସବର୍ତ୍ତୀ ହୋଇ ଜୀବନର ମୁଖ୍ୟ ଉଦ୍ଦେଶ୍ୟକୁ ଭୁଲିଯାଇ ନାହାନ୍ତି । ମଣିଷ ଜୀବନର ସୁଖ-ଦୁଃଖ, ହାନି-ଲାଭ, ଆନନ୍ଦ-ବିଷାଦ, ଆଲୋକ-ଅନ୍ଧାର ଆଦିକୁ ଯଥାଯଥ ଭାବରେ ଅନୁଧ୍ୟାନ ପୂର୍ବକ ପ୍ରକୃତ ରହସ୍ୟକୁ ଉନ୍ମୋଚନ କରିବାରେ ଚିର ଉଦ୍ୟମଶୀଳ ହୋଇଥିବାର ପ୍ରତୀୟମାନ ହୋଇଥାଏ । ସତ୍ୟ, ଧର୍ମ ଓ ନ୍ୟାୟର ଜୟଗାନ କରିବା ତାଙ୍କ ସାହିତ୍ୟର ମୂଳ ଧର୍ମ । ଜୀବନ ଅଳିକତାକୁ ବିନମ୍ରତାର ସହିତ ସ୍ୱୀକାର ପୂର୍ବକ ସାମାଜିକ ନ୍ୟାୟ ପ୍ରତିଷ୍ଠା ସଂଗେ ସଂଗେ ଅଙ୍ଗୀକାର ବଦ୍ଧତାକୁ ସରସ, ସୁନ୍ଦର ତଥା ମଧୁମୟ ଭାବରେ ଉପସ୍ଥାପନ କରିବାର ମୌଳିକତା ହେଉଛି ଗଂଗାଧରଙ୍କର ନିଜସ୍ୱ ଶୈଳୀର ଅନ୍ତର୍ଗତ ଅଟେ । ସେ ହେଉଛନ୍ତି ଜଣେ ଦରଦୀ, ଉଦାର ତଥା ସମାଜମନସ୍କ କାବ୍ୟଶିଳ୍ପୀ, ତାଙ୍କର ଦିବ୍ୟ ଦୃଷ୍ଟିରେ ସମଗ୍ର ବିଶ୍ୱ ହୋଇଯାଇଛି ଅମୃତମୟ । ପ୍ରତ୍ୟେକ ନରନାରୀ ପ୍ରାଣରେ ଏକ ଅପୂର୍ବ ଉନ୍ମାଦନା ଅନୁଭବ କରିଛନ୍ତି, ତେଣୁ ତାଙ୍କ ପ୍ରାଣରେ ଏକ ଅପୂର୍ବ ଶିହରଣ ଅନୁଭବ କରିଛନ୍ତି ସ୍ୱତଃସ୍ଫୁର୍ତ୍ତ ଭାବରେ ।

ଆଧୁନିକ ଓଡ଼ିଆ କାବ୍ୟ ଧାରାର ଭାଗିରଥ ଭାବରେ ଯେଉଁ ନୂତନ ଧରା ଓ ଧାରାର ନିର୍ମାଣ କରିଯାଇଛନ୍ତି, ତାହା ତାଙ୍କର ନିଜସ୍ୱ ବୈଶିଷ୍ଟ୍ୟ ତାକୁ ପ୍ରତିପାଦନ କରିବା ସଂଗେ ସଂଗେ ନୂତନ ଭାବବେଗ ସୃଷ୍ଟି କରିବାରେ ସଂପୂର୍ଣ୍ଣ ସହାୟକ ହୋଇଥାଏ । ଦେଶ-କାଳ-ପାତ୍ର ନିର୍ବିଶେଷରେ ଗଂଗାଧର ଜଣେ ଆଦର୍ଶବାଦୀ ତଥା ରୋମାଣ୍ଟିକ କାବ୍ୟ ପୁରୁଷଭାବରେ ଆଶାତୀତ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଲାଭ କରିବେ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ଥାଇ ନପାରେ । ଆଧୁନିକ ଓଡ଼ିଆ ସାହିତ୍ୟରେ ରୋମାଣ୍ଟିକ ଚେତନାକୁ ସର୍ବଜନ ଗ୍ରାହ୍ୟଭାବରେ ସ୍ୱୀକୃତି ପ୍ରଦାନ କରିବାର ମହାନ୍ ପରଂପରା ରାଧାନାଥ ଆରମ୍ଭ କରିଥିଲେ ମଧ ତାଙ୍କର ଉତ୍ତର ସାଧକ ଭାବରେ ଗଂଗାଧର ହିଁ ପ୍ରକୃତ ସମ୍ମାନର ଅଧିକାରୀ । "Literature is the form of human expression" - ସାହିତ୍ୟ ହେଉଛି ମାନବୀୟ ସ୍ୱଭାବ ବ୍ୟକ୍ତିର ପ୍ରକୃତ ମାଧମ ଅଟେ । ଏହା ଗଂଗାଧରୀୟ ସାହିତ୍ୟରେ ଯଥେଷ୍ଟ ପରିମାଣରେ ପ୍ରମାଣିତ ହୋଇପାରିଛି । ତାଙ୍କ ପାଇଁ ପ୍ରେମ ଏକ ଅମୂଲ୍ୟ ପଦାର୍ଥ । ସେ ଜଣେ ଦାର୍ଶନିକ କବି । ତାଙ୍କ ପାଇଁ ସାହିତ୍ୟ ହେଉଛି ଜୀବନକୁ ପରୀକ୍ଷା କରିବାର ଏକ ସାର୍ଥକ ମାଧମ । କବି ଦୀନକୃଷ୍ଣ ଯେପରି ନିର୍ମଳ କବିତ୍ୱ ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଜଣାଇଥିଲେ, ଠିକ୍ ସେହିପରି ଗଂଗାଧର ସାହିତ୍ୟରେ ଗଭୀର ପ୍ରେମାନୁଭାବକୁ ହୃଦୟଙ୍ଗମ କରିବା ପାଇଁ ପ୍ରବର୍ତ୍ତାଇ ପାରିଛନ୍ତି । ସେ ଜଣେ ବିଶ୍ୱ କବିର ଗୌରବ ଲାଭ କରିବାର ଯୋଗ୍ୟତା ଅର୍ଜନ କରି ପାରିଛନ୍ତି । ତାଙ୍କର ସୃଷ୍ଟି ସଂଭାର ଭିତରେ ରହିଛି ଏକ ସ୍ୱର୍ଗୀୟ ଭାବବେଗରେ ଅପୂର୍ବ ସ୍ପର୍ଶ । ସ୍ୱପ୍ନ ଓ ସଂଗ୍ରାମ ହେଉଛି ତାଙ୍କ ସାହିତ୍ୟର ମୂଳାଧାର । ଅନନ୍ତ ପଥର ଯାତ୍ରୀ ଭାବରେ ସେ ଆଜୀବନ ଜୀବନର ମହିମାଗାନରେ ଶତମୁଖ ହୋଇଉଠିଛନ୍ତି ଓ ତାଙ୍କ ପାଇଁ ଭୂମି ଏବଂ ଭୂମା ଏକ ତଥା ଅଭିନ୍ନ ଭାବରେ ପ୍ରମାଣିତ ହୋଇ ପାରିଛି । ସୁତରାଂ, କବି ଗଂଗାଧର ପ୍ରେମର କବି ଓ ମାନବିକତାବାଦର ମହାନ୍ ପ୍ରବକ୍ତା ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ଥାଇ ନପାରେ । ସେ ଜଣେ ସତ୍‌କବି ଭାବରେ ସର୍ବତ୍ର ସୁପରିଚିତ ।

ଗ୍ରାମ/ପୋ- ଦଲଦଲି, ଭାୟା: କୁଣ୍ଡୁକେଲା,
ଜିଲ୍ଲା: ସୁନ୍ଦରଗଡ଼-୭୭୦୦୧୯

*With Best Compliments from :*

**Jai Roop**
Narrow Fabrics

B-8A, 98 Modicorp Tower, Nehru Place, New Delhi-19
Mob. : 9810323481, 41808689, 9958644478
Email : rahul@jairoopnarrowfabrics.com
www.jairoop.com

# ସଂପ୍ରତି ଓଡ଼ିଆ ଭାଷାର ସ୍ଥିତି ଓ ଗତି

ଡ. ଜ୍ଞାନେଶ୍ୱର ମିଶ୍ର

ଓଡ଼ିଆ ଇଣ୍ଡୋ-ଇଉରୋପୀୟ ଭାଷା ପରିବାରର ଅନ୍ତର୍ଗତ ଗୋଟିଏ ନବ୍ୟ ଭାରତୀୟ ଆର୍ଯ୍ୟଭାଷା। ଅନ୍ୟାନ୍ୟ ନବ୍ୟ-ଭାରତୀୟ-ଆର୍ଯ୍ୟଭାଷା ଗୁଡ଼ିକ ପରି ଓଡ଼ିଆ ଭାଷାର ସୃଷ୍ଟି ଦଶମ ଶତାବ୍ଦୀର ଆଖ ପାଖରେ ହୋଇଥିବ ବୋଲି ଅନୁମାନ କରାଯାଏ। ଓଡ଼ିଆ ଭାଷା ମୁଖ୍ୟତଃ ଓଡ଼ିଶାରେ ହିଁ କଥିତ ହୁଏ। ଓଡ଼ିଶା ବ୍ୟତୀତ ଓଡ଼ିଶାର ପଡ଼ୋଶୀ ମଧ ପ୍ରଦେଶ, ବିହାର, ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମ ବଙ୍ଗ ତଥା ଆସାମରେ ବହୁ ଓଡ଼ିଆଭାଷୀ ବାସ କରନ୍ତି। ଭାରତୀୟ ସଂବିଧାନ ଦ୍ୱାରା ସ୍ୱୀକୃତ ଭାଷା ମାନଙ୍କ ମଧରେ ଓଡ଼ିଆ ଅନ୍ୟତମ, ଓଡ଼ିଆ ଇଣ୍ଡୋ-ଇଉରୋପୀୟ ଭାଷା ପରିବାରର ଭାଷା ହୋଇଥିଲେ ମଧ ଓଡ଼ିଆ ଭାଷାଭାଷୀ ମାନେ ବହୁ କାଳ ତେଲୁଗୁ, ଗଦବା, ପରଜା ଆଦି ଦ୍ରାବିଡ଼ ଓ ସାନ୍ତାଳୀ, ଜୁଆଙ୍ଗ, ସଉରା-ହୋ ଆଦି ଅଷ୍ଟ୍ରୋ-ଏସିଆଟିକ ଭାଷା ଉପରେ ବହୁ ଭାବରେ ସେ ସବୁ ଭାଷାର ପ୍ରଭାବ ପଡ଼ିଛି। ସେ ସବୁ ବହୁ ଭାଷାର ବହୁ ଶବ୍ଦ କାଳକ୍ରମେ ପରିବର୍ତ୍ତିତ ଓ ଅପରିବର୍ତ୍ତିତ ରୂପରେ ଓଡ଼ିଆ ଶବ୍ଦରେ ପରିଣତ ହୋଇ ଯାଇ ଓଡ଼ିଆ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିଛି।

ସଂପ୍ରତି ଓଡ଼ିଆ ଭାଷା ଏକ ଘଡ଼ି ସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି, ଭାଷା ଭିତ୍ତିରେ ଗଠିତ ଓଡ଼ିଶାର ଭୌଗୋଳିକ ଭୂଖଣ୍ଡରେ ଅବସ୍ଥିତ ହେଲେ ମଧ୍ୟ ଆଦିବାସୀ, ସାନ୍ତାଳ ମାନଙ୍କ ଭାଷା ଓଡ଼ିଆ ଭାଷାର ନିକଟବର୍ତ୍ତୀ ହୋଇ ପାରିନାହିଁ କିମ୍ବା ଆଦିବାସୀମାନେ ଓଡ଼ିଶାର ମୁଖ୍ୟ ସାମାଜିକ ସ୍ରୋତରେ ସାମିଲ ହୋଇ ପାରି ନାହାନ୍ତି। ବରହମ୍ପୁର ଓ ସମ୍ବଲପୁର ଇତ୍ୟାଦି ଅ ଳରେ କଥିତ ଭାଷା କଟକ, ପୁରୀ, କେନ୍ଦ୍ରାପଡ଼ା ଓ ବାଲେଶ୍ୱରର କଥିକ ଭାଷାଠାରୁ ଭିନ୍ନ। ଅଜସ୍ର ଆଞ୍ଚଳିକ ଲୋକଶବ୍ଦ ଓଡ଼ିଆ ଭାଷାରେ ଅଛି, ସେ ଗୁଡ଼ିକ ସଂଗୃହୀତ ହୋଇ ନାହିଁ ବା ସେ ସଂପର୍କରେ ତାତ୍ତ୍ୱିକ ଆଲୋଚନା ବା ଗବେଷଣା କରାଯାଇ ନାହିଁ। ଦୁଃଖ ଓ ପରିତାପର ବିଷୟ ଓଡ଼ିଆ ଭାଷାରେ ଏକ ପୂର୍ଣ୍ଣାଙ୍ଗ ଜ୍ଞାନକୋଷ ବା ଅଭିଧାନ ନାହିଁ। ଏକ ନିର୍ଭୁଲ ବ୍ୟାକରଣ ପୁସ୍ତକ ମଧ ନାହିଁ।

ଓଡ଼ିଶାରେ ବ୍ୟବସାୟ କରିବାକୁ ଆସି ଏଠାରେ ସ୍ଥାୟୀ ହୋଇ ରହିଥିବା ଅଣ ଓଡ଼ିଆମାନେ ଓଡ଼ିଆ ଶିଖୁ ନାହାନ୍ତି। ଓଡ଼ିଆ ମାନେ ତାଙ୍କ ଭାଷା ଶିଖି କାର୍ଯ୍ୟ ଚଳାଉଛନ୍ତି। ଉପକୂଳବର୍ତ୍ତୀ ଅଞ୍ଚଳରେ ଶହ ଶହ ବାଲାଂଦେଶର ଅଧିବାସୀ ରହି ଚାଷବାସ, ଚିଙ୍ଗୁଡ଼ିଚାଷ ଇତ୍ୟାଦି କରି ବହୁ ଦିନରୁ ରହି ଆସୁଛନ୍ତି। ସେମାନେ ନିଜର କର୍ତ୍ତୃତ୍ୱ ଜାହିର କରି ଆସୁଛନ୍ତି। ଭୋଟ ବାକ୍ସ ରାଜନୈତିକ ଦଳର ପୃଷ୍ଠପୋଷକତା ମଧ ଲାଭ କରୁଛନ୍ତି। ପୁରୀକୁ ବହୁ ସଂଖ୍ୟକ ବଙ୍ଗାଳୀ ପର୍ଯ୍ୟଟକ ଆସୁଥିବାରୁ ଦୋକାନୀମାନେ ବଙ୍ଗଳାରେ କଥାବା ା କରନ୍ତି। ଦୋକାନର ନାମ ଫଳକ ଇତ୍ୟାଦି ସବୁ ବଙ୍ଗଳାରେ ଲେଖା ଯାଇଛି।

ଆନ୍ଧ୍ର ଓ ଓଡ଼ିଶାର ସୀମାରେଖାର ଉଭୟ ପାର୍ଶ୍ୱରେ ଥିବା ଓଡ଼ିଆ ମାନେ ଓଡ଼ିଆ ଓ ତେଲୁଗୁ ମିଶା ଭାଷା ବ୍ୟବହାର କରନ୍ତି। ସେହିପରି ଝାଡ଼ଖଣ୍ଡ ଓ ମଧ ପ୍ରଦେଶ ଇତ୍ୟାଦି ସୀମାଞ୍ଚଳରେ ହିନ୍ଦୀମିଶା ଓଡ଼ିଆ ଭାଷା ବ୍ୟବହୃତ ହୁଏ। ପଶ୍ଚିମବଙ୍ଗ ଓ ଓଡ଼ିଶାର ସୀମାକୁ ଲାଗିଥିବା ଓଡ଼ିଶାର କିଛି ଅଂଶରେ କଥା କଥାକେ ବଙ୍ଗଳା ଶବ୍ଦ ବ୍ୟବହାର କରନ୍ତି। ଏପରି ସ୍ଥଳେ ଆଉ ଏକ ପୀଢ଼ି ପରେ ଭାଷା ଯେ କି ଅବସ୍ଥାର ସମ୍ମୁଖୀନ ହେବ ତାହାହିଁ ଚିନ୍ତାର ବିଷୟ।

ଏତ ଗଲା ସୀମାନ୍ତ ଅଞ୍ଚଳରେ ଆମର ସ୍ଥିତି। ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ମଧ ଓଡ଼ିଆଭାଷା ଅବହେଳିତ। ମଧବିତ୍ତ ଓ ଧନୀ ଶ୍ରେଣୀର ପିଲାମାନେ ଇଂରାଜୀ ମାଧମ ସ୍କୁଲରେ ପାଠ ପଢୁଛନ୍ତି। ଓଡ଼ିଆ ବିଦ୍ୟାଳୟରେ ଚାକିରୀ କରିଥିବା ଶିକ୍ଷକ ମାନଙ୍କର ପୁତ୍ରକନ୍ୟା ଇଂରାଜୀ ସ୍କୁଲରେ ପଢୁଛନ୍ତି। ଓଡ଼ିଶାରେ ଥିବା ଇଂରାଜୀ ମିଡ଼ିୟମ ସ୍କୁଲରେ ଓଡ଼ିଆ ଏକ ବିଷୟ ରହିଅଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ। +୨ ବିଜ୍ଞାନ ପରେ ହଜାର ହଜାର ଛାତ୍ର ଛାତ୍ରୀ ଇଂଜିନିୟରିଂ, ଡାକ୍ତରୀ ବା ଅନ୍ୟାନ୍ୟ ବୈଷୟିକ ବା ଧନ୍ଦାମୂଳକ ଶିକ୍ଷାରେ ଯୋଗ ଦେଉଛନ୍ତି। ସେ ସବୁ କ୍ଷେତ୍ରରେ ଶିକ୍ଷାଦାନର ମାଧମ ଇଂରାଜୀ। ମେଡ଼ିକାଲ, ଇଂଜିନିୟରିଂ, ଆଇନ ବା ଅନ୍ୟାନ୍ୟ ଶିକ୍ଷାରେ ଯୋଗ୍ୟତା ହାସଲ ପାଇଁ ଇଂରାଜୀ ଏକାନ୍ତ ଆବଶ୍ୟକ। ତେଣୁ ଛାତ୍ରମାନେ ଓଡ଼ିଆ ପଢ଼ିବାକୁ ଅନିଚ୍ଛୁକ। ବି.ଏ., ଏମ୍.ଏ., ଶ୍ରେଣୀରେ ଛାତ୍ରସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଯଦି ଯିଏ ଯାହା ପଢୁ, ଓଡ଼ିଆ ଏକ ବାଧତାମୂଳକ ବିଷୟ ରହିଲେ ପରୀକ୍ଷାରେ ପାସ୍ ପାଇଁ କିଛିଟା ଓଡ଼ିଆ ପଢ଼ିବାର ସୁଯୋଗ ପାଆନ୍ତେ ଓ ଜ୍ଞାନର୍ଜନ କରି ପାରନ୍ତେ।

ସେମାନଙ୍କର ଯୁକ୍ତି ଓଡ଼ିଆରେ ପଢ଼ିଲେ ଏହା ଆମକୁ ଜୀବିକାର୍ଜନର ପ୍ରତିଶ୍ରୁତି ଦେଇ ପାରିବ କି ? ତେଣୁ ଏହାକୁ ପଢ଼ି ଲାଭ କ'ଣ ? ଜଗତୀକରଣ ଦୁନିଆରେ ଆମେ ଓଡ଼ିଆ ପଢ଼ି ଓଡ଼ିଶାର ଗଣ୍ଡି ମଧ୍ୟରେ କାହିଁକି ବାସ କରିବୁ ? ଇଂରାଜୀ ଏକ ଆନ୍ତର୍ଜାତିକ ଭାଷା, ସେଥିରେ ଜ୍ଞାନାର୍ଜନ କଲେ ଆମେ ଅନ୍ୟ ଦେଶସହ ବିଭିନ୍ନ ସ୍ତରରେ ସମକକ୍ଷ ହୋଇ ପାରିବୁ।

ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡ଼ିଆ ସରକାରୀ ଭାଷା ରୂପେ ପ୍ରଚଳନ କରିଥିଲେ। ତାହା ସ୍ଥାୟୀ ହୋଇ ପାରିଲା ନାହିଁ। ସେ ମୁଖ୍ୟମନ୍ତ୍ରୀ ପଦରୁ ଗଲାପରେ ଯେଉଁକଥାକୁ ସେହି କଥା। ୨୦୦୫ ମସିହାରେ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ପାଠ୍ୟକ୍ରମରୁ ଓଡ଼ିଆ ଭାଷା ଉଠାଇ ଦେବାକୁ ଚିନ୍ତା କରାଗଲା, ଭାଗ୍ୟ ବଶତଃ ସାଧାରଣ ପ୍ରତିବାଦ ଫଳରେ ଏହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଏହା ପୂର୍ବରୁ ମଧ୍ୟ କେତେ ଜଣ ବଙ୍ଗାଳୀ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୟେ" କହି ଏହାକୁ ଲୋପ କରିଦେବାକୁ ଅପଚେଷ୍ଟା କରିଥିଲେ, ଆମର କେତେଜଣ ବରପୁତ୍ରଙ୍କର ସାଧୁ ଉଦ୍ୟମ ଫଳରେ ଏହା ସୁରକ୍ଷିତ ରହିଲା।

ଆଗରୁ ଗ୍ରାମ ମାନଙ୍କରେ ସଂଧ୍ୟା ସମୟରେ ଭାଗବତ, ରାମାୟଣ ଓ ମହାଭାରତ ଆଦି ପାଠ କରାଯାଉଥିଲା, ଚର୍ଚ୍ଚା ହେଉଥିଲା। ଗ୍ରାମର ସମସ୍ତ ଜାତିର ଲୋକ ପାଠୁଆ, ଅପାଠୁଆ ସମସ୍ତେ ଅଂଶ ଗ୍ରହଣ କରୁଥିଲେ। ସେ ସମୟର ଭାଗବତ ଟୁଙ୍ଗୀ ଆଜିର ଯୁବ କ୍ଲବଘର। ଭାଗବତ ଗାଦି ଆଜିର ଟି.ଭି., ଭାଗବତ ପୂଜା ପ୍ରସାଦ ଆଜିର ମଦ ଓ ମାଂସ। ଗ୍ରାମର ବୋହୂ ଭୂଆସୁଣୀ, ବୁଢ଼ୀମାନେ ଘରକାମ ଶେଷକରି ଫୁରୁସତ ପାଇଲେ ଗପବହି, ଉପନ୍ୟାସ ବା ଧର୍ମ ପୁସ୍ତକ ଇତ୍ୟାଦି ପାଠ କରୁଥିଲେ। ବର୍ତ୍ତମାନ ତାହା ସଂପୂର୍ଣ୍ଣ ଲୋପ ପାଇ ଗଲାଣି। ସମୟ ମିଳିଲେ ଟି.ଭି. ଆଗରେ ବସି ମନୋରଂଜନ କାର୍ଯ୍ୟକ୍ରମ ଦେଖି ସମୟ ବିତାଉଛନ୍ତି। ସେ ଗୁଡ଼ିକ ପୁଣି ହିନ୍ଦୀ ଚ୍ୟାନେଲ୍‌ରେ।

ଆମ ଦୈନନ୍ଦିନ ଜୀବନରେ ଆମେ ଓଡ଼ିଆ ଅପେକ୍ଷା ଇଂରାଜୀ ଶବ୍ଦ ଅଧିକ, ବ୍ୟବହାର କରୁଛନ୍ତି। ଗୋଟିଏ ଏ ଛୋଟ ଉଦାହରଣ ଦେଉଛି- ମୋର ବୁଢ଼ୀମା'କୁ ମୋ ବଂଧୁ ପଚାରିଲେ- "ମିଶ୍ରବାବୁ ନାହାନ୍ତି କି ?" ମୋ ବୁଢ଼ୀମା କହିଲେ- "ସେ ସ୍କୁଟର ନେଇ ବର୍ତ୍ତମାନ ଘରୁ ବାହାରିଗଲା। ପୁଅକୁ ସ୍କୁଲରେ ଛାଡ଼ି ମାର୍କେଟିଙ୍ଗ କରି ଫେରିବ। ଫେରିଲା ବେଳେ ବ୍ୟାଙ୍କ ଯାଇପାରେ। ମୋର ବୁଢ଼ୀମା ଇଂରାଜୀ ପଢ଼ିନାହିଁ। କିନ୍ତୁ ଦୁଇପଦ କଥା ଭିତରେ ୪/୫ଟି ଇଂରାଜୀ ଶବ୍ଦ ବ୍ୟବହାର କରୁଛି।

ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନେ ମଧ ପରସ୍ପର ଓଡ଼ିଆ ଜାଣି ମଧ ଇଂରାଜୀରେ କଥା କହି ନିଜର ପାଣ୍ଡିତ୍ୟ ଜାହିର କରନ୍ତି। ଓଡ଼ିଆ ଜାଣି ନଥିବା ଲୋକଙ୍କ ସହ ଇଂରାଜୀରେ କଥା କୁହ। ସେଠାରେ ଇଂରାଜୀ କହିବାର ଆବଶ୍ୟକ ରହିଛି। ଟ୍ରେନ୍‌ରେ ବା ପ୍ଲେନରେ ଯିବା ସମୟରେ ଅଧିକ ଦାମ୍ ଦେଇ ଇଂରାଜୀ ଖବର କାଗଜ ବା ପତ୍ରିକା କିଣିବେ କିନ୍ତୁ ଓଡ଼ିଆ ପ୍ରତିକା କିଣିବେ ନାହିଁ। ଏଥିରେ ସେମାନଙ୍କର ସମ୍ମାନ କ୍ଷୁର୍ଣ୍ଣ ହୁଏ ବୋଲି ସେମାନେ ଚିନ୍ତା କରନ୍ତି। ଓଡ଼ିଆ ମାଟିରେ ଓଡ଼ିଆ ମା'ଟିର ସନ୍ତାନ। କିନ୍ତୁ ତାଙ୍କୁ କିଏ ଓଡ଼ିଆ ବୋଲି ଚିହ୍ନିଦେବ ସେଥିପାଇଁ ସେମାନେ ଏଭଳି ଆଚରଣ କରନ୍ତି। ଏ ହୀନମାନ୍ୟତା ଓ ସଂକୀର୍ଣ୍ଣ ଚିନ୍ତା ଦୂର ହେବା ଆବଶ୍ୟକ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଓଡ଼ିଆ ବହି, ପତ୍ରପତ୍ରିକା ଆଦୌ କିଣୁ ନାହାନ୍ତି କହିଲେ ଚଳେ। ସେମାନେ ଭାବୁଛନ୍ତି- ଯେଉଁ ପଇସା ଦେଇ ବହି ବା ଓଡ଼ିଆ ପତ୍ରିକା କିଣିବି ସେଇ ପଇସାରେ ପରୀକ୍ଷା ପାଇଁ ଆବଶ୍ୟକ ଏକ ସହାୟିକା ପୁସ୍ତକ କିଣିଲେ କାମରେ ଲାଗିବ। ପତ୍ରିକା କିଣିବାକୁ ଅଯଥା ଖର୍ଚ୍ଚ ବୋଲି ବିଚାର କରନ୍ତି। କିନ୍ତୁ ସୁଖର ବିଷୟ ଓଡ଼ିଆ ବହି ଓ ପତ୍ର ପତ୍ରିକାର ସଂଖ୍ୟା ବଢ଼ି ଚାଲିଛି। କିନ୍ତୁ ଦୁଃଖର ବିଷୟ ଯେ ପାଠକ ସଂଖ୍ୟା ଲକ୍ଷଣୀୟ ଭାବେ ହ୍ରାସ ପାଇଛି। କେବଳ କବି, ଗାଳ୍ପିକ ଓ ଲେଖକମାନେ ବହି ଲେଖୁଛନ୍ତି, ଛାପୁଛନ୍ତି, ପଢୁଛନ୍ତି ଓ କିଣୁଛନ୍ତି ମଧ। ସାଧାରଣ ପାଠକ ନାହାନ୍ତି କହିଲେ ସତ୍ୟର ଅପଳାପ ହେବ ନାହିଁ। କିନ୍ତୁ କେତେ ଦିନ ? ଏ ପୀଢ଼ି ପରେ ଆମ ଭାଷାର ଗତିକୁଆଡ଼କୁ ହେବ ତାହାହିଁ ଚିନ୍ତାର ମୁଖ୍ୟ କାରଣ ।

ଓଡ଼ିଶାର ସହର ମାନଙ୍କରେ ଦୋକାନ ବା ପ୍ରତିଷ୍ଠାରେ ନାମ ଫଳକ ରାସ୍ତାର ନାମ ସବୁ ଇଂରାଜୀରେ ଲେଖା ହୋଇଅଛି। ଆମେ ନିମନ୍ତ୍ରଣ ପତ୍ର ଚିଠିପତ୍ର ଇତ୍ୟାଦି ଇଂରାଜୀରେ ଲେଖୁଛୁଁ। ଦୁଇ/ତିନୋଟି ଟ୍ରେନକୁ ବାଦଦେଲେ ଓଡ଼ିଶା ଗାମୀ ଟ୍ରେନ୍ ଗୁଡ଼ିକର ନାମ ଇଂରାଜୀ, ହିନ୍ଦୀ ବା ଅନ୍ୟ ଆଞ୍ଚଳିକ ଭାଷାରେ ଲେଖା ହୋଇଥାଏ, ଚାରିଆଡ଼େ ଇଂରାଜୀ ଭାଷାର ସୁନାମିର ତାଣ୍ଡବ ଲୀଳା। ସେଥିରେ ଓଡ଼ିଆ ଭାଷା ଉବୁଟୁବୁ।

ଗୋଟିଏ ଗଛ ତା'ର ଶାଖା, ପ୍ରଶାଖା ଚାରିଆଡ଼କୁ ମେଲାଇ ସୁନ୍ଦର ଫୁଲ ଓ ଫଳ ଧାରଣ କରି ଶୋଭା ଦଶୁଥାଏ। ଦର୍ଶକଙ୍କ ଦୃଷ୍ଟି ଆକର୍ଷଣକରେ। କିନ୍ତୁ ତା'ର ଚେର ବା ମୂଳ ଯେଉଁ ସ୍ଥାନରେ ମାଟିରେ ରହିଛି, ସେହି ଚେରଟିକୁ ଯଦି କାଟି ଦିଆଯାଏ, ସେ ଫୁଲ, ଫଳ, ପତ୍ର ସବୁ ଶୁଖି ମଉଳି ପଡ଼ିବ ଓ ତା'ର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ, ଆଉ କେହି ସେହି ଆଡ଼କୁ

ରହିଁବେ ନାହିଁ। ତେଣୁ ଓଡ଼ିଆ ପୁଅ ଓଡ଼ିଆ ବ୍ୟତୀତ ଆହୁରି ଶହେ ଭାଷା ଶିଖୁ। ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ପୃଥିବୀର ବିଭିନ୍ନ କୋଣରେ ବିଭିନ୍ନ କାର୍ଯ୍ୟକାରୀ ସୁନାମ ଅର୍ଜ୍ଜନ କରନ୍ତୁ। ସେ ତ ଗର୍ବର କଥା। କିନ୍ତୁ ନିଜର ମୂଳ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ଭୁଲିଗଲେ ମଉଳି ପଡ଼ିଥିବା ଗଛ ଭଳି ତା'ର ଅବସ୍ଥା ହେବ। ତେଣୁ ନିଜର ଭାଷା ପ୍ରତି ଶ୍ରଦ୍ଧା ଓ ଆନ୍ତରିକତା ନ ରହିଲେ, ଅଂଗୀକାର ବଦ୍ଧତା ନରହିଲେ ଖାଲି ବାହ୍ୟ ଦୃଷ୍ଟିରେ 'ଭାଷାର ଉନ୍ନତିକର, ଜାତି ପାଇଁ ପ୍ରାଣଦିଅ' ଇତ୍ୟାଦି ଗର୍ଜ୍ଜନ ଭାଷଣ ସଂପୂର୍ଣ୍ଣ ନିରର୍ଥକ ।

ଭାଷା, ଏକ ଜାତିର ଆତ୍ମା, ଓଡ଼ିଆ ଭାଷା ଓଡ଼ିଆ ଜାତିର ଆତ୍ମା, ଆମର ଆତ୍ମାର ଏ ଅବସ୍ଥା ଲକ୍ଷ୍ୟକରି ଚିନ୍ତାଶୀଳ ବ୍ୟକ୍ତିମାନେ ଏ ଭାଷା ବେଶୀ ଦିନ ବଞ୍ଚିବ ନାହିଁ ବୋଲି ଆଶଙ୍କା କରୁଛନ୍ତି। ବିଳମ୍ବ ହେଲେ ମଧ୍ୟ ସମୟ ଅଛି। ସରକାରୀ ପ୍ରଶାସନ ସ୍ତରରେ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଚିନ୍ତାନାୟକ ମାନଙ୍କର ସଂଘବଦ୍ଧ ନିଷ୍ଠାପର ସାଧୁ ପ୍ରୟାସ ନିରନ୍ତର ଜାରି ରହିଲେ ଏ ଭାଷା ବଞ୍ଚି ରହିବ ସ୍ୱପ୍ନ ସତ୍ୟରେ ପରିଣତ ହେବ। ସବୁ ସତ୍ତ୍ୱେ ଆମେ ଆଶା ପୋଷଣ କରୁଛୁଁ ଯେ - ଓଡ଼ିଆ ଭାଷା ଥିଲା, ରହିଅଛି ଓ ବଞ୍ଚି ରହିବ ମଧ୍ୟ।

-ବନ୍ଦେ ଉତ୍କଳ ଜନନୀ-

**୪୯/୫/ଏଚ୍-୫୫, କାର୍ଲମାର୍କ୍ସ ସରଣୀ**
**ଖିଦିରପୁର, କୋଲକତା-୭୦୦୦୨୩(ପ.ବ)**
**ଫୋନ-୦୯୮୮୩୩୦୫୬୦୦୧**

*With Best Compliments from :*

# N K RASTOGI
Director

# MAS SERVICES LIMITED

**T-34, 2nd Floor, Okhla Industrial Area, Phase - II, New Delhi - 110 020**
**Ph. : 011-26387281/82/83 Fax : 011-26387384**
**(M) : 9810215253 Email : info@masserv.com**
**Website : www.masserv.com**

# ଓଡ଼ିଶାର ଗୌରବ

ଭୁବନାନନ୍ଦ ତ୍ରିପାଠୀ

ଆମର ପ୍ରିୟ ଜନ୍ମମାଟି ଓଡ଼ିଶା ପ୍ରଦେଶ ଅତୀତରେ ଅନେକ ଗୌରବଗାଥାରେ ଭରପୁର ଥିଲା। ଅତୀତ ସହିତ ବର୍ତ୍ତମାନକୁ ତୁଳନା କଲେ ଦେଖାଯାଏ ଯେ ଆମର ଅତୀତ ସର୍ଣ୍ଣିମ ଥିଲା ମାତ୍ର ବର୍ତ୍ତମାନର ସମୟ ଆମପାଇଁ ଏତେ ଦୂର ଗୌରବମୟ ନୁହଁ। ତଥାପି ବର୍ତ୍ତମାନ ମଧ ଆମ ପ୍ରଦେଶର ଅନେକ ବ୍ୟକ୍ତି ଅଛନ୍ତି ଏବଂ ଅନେକ ଅନୁଷ୍ଠାନ ରହିଛି ଯେଉଁମାନେ ସମଗ୍ର ଦେଶରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ପ୍ରଦେଶ ପାଇଁ ଗୌରବ ଆଣି ଦେଇଛନ୍ତି। ତା ଭିତରୁ କେତେଜଣଙ୍କୁ ବାଛି ଏବଂ କେତୋଟି ଅନୁଷ୍ଠାନକୁ ଅବତାରଣା କରୁଛି।

## ଜଗତ ଉଦ୍ଧାରର ବାର୍ତ୍ତା ବହନକାରୀ : ଭୀମ ଭୋଇ

"ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ," ଏଇ ଧାଡ଼ିଟି ନ୍ୟୁୟର୍କ ସ୍ଥିତ ଜାତିସଂଘ ଭବନର ପ୍ରବେଶଦ୍ୱାରରେ ଲିପିବଦ୍ଧ ହୋଇଛି ବୋଲି ଶୁଣିବା ପରେ ମୋର ଛାତି କୁଣ୍ଢେମଟ ହୋଇଯାଇଥିଲା। ଏଇ କବିତା ଧାଡ଼ିଟି ରଚନା କରିଥିଲେ ମହିମା ଧର୍ମର ଦାର୍ଶନିକ କବି, ଭୀମଭୋଇ। ଅଖ୍ୟାତ ପଲ୍ଲୀରେ ଜନ୍ମହୋଇ, ରେଢ଼ାଖୋଲ, ଆଠମଲ୍ଲିକ ଓ ସୋନପୁର ଆଦି ପଛୁଆ ଅଞ୍ଚଳରେ ଜୀବନ ବ୍ୟତୀତ କରି ସେ ସାରାବିଶ୍ୱର ମାନବ ସମାଜ ପାଇଁ ଅମୂଲ୍ୟ ବାଣୀ ଦେଇ ଯାଇଛନ୍ତି। ଏହା ଆମ ପ୍ରଦେଶ ପାଇଁ ଗର୍ବର କଥା ନୁହଁ ତ ଆଉ କ'ଣ ।

## ନୃତ୍ୟଗୁରୁ : ଶ୍ରୀ କେଳୁଚରଣ ମହାପାତ୍ର

ଓଡ଼ିଶୀ ନୃତ୍ୟକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାରେ ଯେଉଁ ବ୍ୟକ୍ତି ମୁଖ୍ୟ ଭୂମିକା ନେଇଥିଲେ। ସେ ହେଲେ ନୃତ୍ୟଗୁରୁ କେଳୁଚରଣ ମହାପାତ୍ର। ଓଡ଼ିଶୀ ନୃତ୍ୟରେ ନିଜେ ପାରଙ୍ଗମ ହୋଇ ଏହାର ପ୍ରତି ବିଭାଗ ଉପରେ ଗବେଷଣା କରି ବା ସଂଗେ ସଂଗେ ନୃତ୍ୟ ପାଇଁ ଆବଶ୍ୟକ ବେଶ ଅଳଙ୍କାର, ବାଦ୍ୟ ଓ ସଙ୍ଗୀତ ଆଦିର ସଂଯୋଜନା ଦ୍ୱାରା ଭାରତର ବଡ଼ ବଡ଼ ମନ୍ଦିରରେ ଏହାର ପ୍ରସାର କରିବାରେ ତାଙ୍କର ଅବଦାନ ଅତୁଳନୀୟ। ସୁଖର କଥା ତାଙ୍କପରି ଆଉ କେତେ ଜଣ ନୃତ୍ୟଗୁରୁ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରି ଚାଲିଛନ୍ତି।

## ହକି ତାରକା : ଶ୍ରୀ ଦିଲ୍ଲୀପ ତିର୍କୀ

ସୁନ୍ଦରଗଡ଼ ଜିଲ୍ଲାର ଗାଁ-ଗାଁରେ ହକି ଖେଳ ବେଶ୍ ଲୋକପ୍ରିୟ। ବଙ୍କୁଲିବାଡ଼ି ଓ କାଗଜ ପେଣ୍ଡୁରୁ ହକିଖେଳ ଆରମ୍ଭ କରି ଓଡ଼ିଆ ପୁଅ ଦିଲ୍ଲୀପ ତିର୍କୀ ଭାରତୀୟ ହକିଦଳର ଅଧିନାୟକ ପଦରେ ପହଞ୍ଚି ପାରିଛନ୍ତି। ଭାରତୀୟ ଦଳରେ ସାମିଲ ହୋଇ ତିନି-ତିନିଥର ଅଲମ୍ପିକ ଖେଳିବାର ଯୋଗ୍ୟତା ହାସଲ କରିବା ବ୍ୟକ୍ତି ହେଲେ ଦିଲ୍ଲୀପ ତିର୍କୀ। ଖେଳ ଜଗତର ତାରକା ହେଲେ ସୁଦ୍ଧା ନିଜର ମଧୁର ବ୍ୟବହାରକୁ ବଜାୟ ରଖି ଆଜି ସେ ଭାରତବର୍ଷରେ ବେଶ ଲୋକପ୍ରିୟ।

## ବାଲୁକା ଶିଳ୍ପୀ : ଶ୍ରୀ ସୁଦର୍ଶନ ପଟ୍ଟନାୟକ

ସମୁଦ୍ର କୂଳରେ ଓଦା ବାଲିକୁ ନେଇ ବାଲିଘର ତିଆରି କରିବା ପିଲାମାନଙ୍କର ଗୋଟିଏ ଖେଳ। ଏହି ପିଲା ଖେଳକୁ ଏବେ ପ୍ରସିଦ୍ଧ କଳାକୃତିର ସ୍ଥାନଦେବାରେ ସୁଦର୍ଶନ ପଟ୍ଟନାୟକ ଜଣେ ସୁପରିଚିତ ବ୍ୟକ୍ତି। ପୁରୀର ସମୁଦ୍ର କୂଳକୁ ପ୍ରୟୋଗଶାଳା ଭାବେ ଗ୍ରହଣ କରି ସୁଦର୍ଶନ ବାବୁ ନିଜ କଳାକୃତିକୁ ଦେଶ ବିଦେଶରେ ପ୍ରଦର୍ଶନ କରି ଚାଲିଛନ୍ତି ଏବଂ ସୁଖ୍ୟାତି ଲାଭ କରି ଓଡ଼ିଶାର ଗୌରବକୁ ବଢ଼ାଇଛନ୍ତି।

## ଇମ୍ଫା ଓ ଇଂଜିନିୟର ଶ୍ରୀ ବଂଶୀଧର ପଣ୍ଡା

ଇମ୍ଫାର ଅନ୍ୟନାମ ହେଲା, "ଇଣ୍ଡିଆନ ମେଟାଲ୍ସ ଏଣ୍ଡ ଫେରୋ ଆଲଏଜ୍", ଏ କମ୍ପାନୀର କାରଖାନ ଅଛି ରାୟଗଡ଼ ଜିଲ୍ଲାର ଥେରୁବାଲିରେ, ଚୌଦ୍ୱାରରେ ଏବଂ ମୁଖ୍ୟକାର୍ଯ୍ୟାଳୟ ଭୁବନେଶ୍ୱରରେ। ଏ କମ୍ପାନୀର ପ୍ରତିଷ୍ଠାତା ହେଉଛନ୍ତି ଇଂଜିନିୟର ବଂଶୀଧର ପଣ୍ଡା, ଜୀବନରେ ଅନେକ ସଂଘର୍ଷକରି ଆଜି ସଫଳତା ହାସଲ କରିଛନ୍ତି। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ପରିଶ୍ରମ ବଳରେ ନିଜ ଜୀବନରେ ଜଣେ ସଫଳ ଶିଳ୍ପପତିର ସ୍ଥାନ ହାସଲ କରି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଜୀବନକାହାଣୀ ଓଡ଼ିଶାର ଯୁବ ସମାଜ ପାଇଁ ଉଦାହରଣ ଭାବେ ଗ୍ରହଣ କରାଯାଇପାରିବ।

## କିଟ୍ ବିଶ୍ୱବିଦ୍ୟାଳୟ ଓ ଡ. ଅଚ୍ୟୁତ ସାମନ୍ତ

ଉଚ୍ଚ ଶିକ୍ଷା କ୍ଷେତ୍ରରେ କମ୍ ଦିନ ଭିତରେ ଖ୍ୟାତି

ଅର୍ଜନ କରିଥିବା ଅନ୍ୟତମ ଶିକ୍ଷା ଅନୁଷ୍ଠାନ ହେଉଛି ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟ। ଆଇ.ଟି.ଆଇ ସ୍କୁଲରୁ ଅନୁଷ୍ଠାନ ଗଢ଼ିବା ଆରମ୍ଭ କରି କିଟ୍ ନାଁରେ ଆଜି ଇଜିନିୟରିଂ, ଆଇନ- ମ୍ୟାନେଜମେଣ୍ଟ ତଥା ମେଡ଼ିକାଲ୍ କଲେଜମାନ ଖୋଲି ଯାଇଛି। ଏସବୁ କଲେଜରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ଛାତ୍ରଛାତ୍ରୀମାନେ ଆସି ଶିକ୍ଷା ଲାଭ କରୁଛନ୍ତି। କିଟ୍-କ୍ୟାମ୍ପସ ମଧ ଅନେକ ମନୋରମ ପ୍ରାସାଦରେ ଭରପୁର। ଏଇ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ ସାରା ଭାରତରେ ଶିକ୍ଷା କ୍ଷେତ୍ରରେ ଜଣେ ଯୋଗ୍ୟ ସଂଗଠକ ଭାବେ ସୁପରିଚିତ। ନିକଟରେ ହାଇଦ୍ରାବାଦରେ କିଟ୍‌ର ଶାଖା ମଧ ଖୋଲିଯାଇଛି।

**ଭାରତର ବିଦେଶ ସଚିବ : ଶ୍ରୀ ଲଲାଟେନ୍ଦୁ ମାନସିଂହ**

ଓଡ଼ିଶାର ଯେଉଁ କେତେଜଣ ଯୋଗ୍ୟ ସନ୍ତାନ ପ୍ରଶାସନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ଭିତରେ ଲଲାଟେନ୍ଦୁ ମାନସିଂହଙ୍କ ନା ଶୀର୍ଷରେ ଅବସ୍ଥାପିତ। ଭାରତୀୟ ବିଦେଶ ସେବାରେ ଯୋଗ ଦେଇ, ଚାକିରୀ କ୍ଷେତ୍ରରେ ପାହାଚ ପରେ ପାହାଚ ଅତିକ୍ରମ କରି ଶ୍ରୀ ମାନସିଂହ ଏ ସେବାର ସର୍ବୋଚ୍ଚ ପଦ ବିଦେଶ ସଚିବ ଆସନକୁ ଅଳଙ୍କୃତ କରିଛନ୍ତି ଏବଂ ଆମ ପ୍ରଦେଶ ପାଇଁ ଗୌରବ ଆଣି ଦେଇଛନ୍ତି। ସଂଯୋଗକୁ ସେ ହେଲେ ଓଡ଼ିଶାର ଆଉ ଜଣେ ବରପୁତ୍ର ମାୟାଧର ମାନସିଂହଙ୍କର ସୁପୁତ୍ର।

**ପବ୍ଲିକ ସର୍ଭିସ କମିଶନର ଅଧକ୍ଷ: ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା**

ଭାରତୀୟ ପ୍ରଶାସନିକ ସେବାରେ ପ୍ରାର୍ଥୀ ଚୟନ କାର୍ଯ୍ୟ କରିଥାଏ କେନ୍ଦ୍ର ପବ୍ଲିକ ସର୍ଭିସ କମିଶନ। ଏ ଅନୁଷ୍ଠାନର ଅଧକ୍ଷ ପଦ ହାସଲ କରିଥିବା ଓଡ଼ିଆ ପୁଅ ହେଲେ ପୂର୍ଣ୍ଣଚନ୍ଦ୍ର ହୋତା। ନିଜେ ପ୍ରଶାସନିକ ସେବାରେ ଦୀର୍ଘଦିନ ଧଣି କାର୍ଯ୍ୟକରି ଅବସର ନେବା ପରେ ଶ୍ରୀ ହୋତା ଏ ପଦରେ ଅବସ୍ଥାପିତ ହୋଇଥିଲେ।

**ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି : ଶ୍ରୀ ରଙ୍ଗନାଥ ମିଶ୍ର**

ଭାରତ ବର୍ଷର ବିଚାର ବିଭାଗର ସର୍ବୋଚ୍ଚ ନ୍ୟାୟଳୟ ହେଲା ସୁପ୍ରିମ୍‌କୋର୍ଟ। ଏ ନ୍ୟାୟାଳୟ ମୁଖ୍ୟ ବିଚାରପତି ଭାବେ ଓଡ଼ିଶାର ଜଷ୍ଟିସ ରଙ୍ଗନାଥ ମିଶ୍ର ପ୍ରାୟ ଦୁଇବର୍ଷ ପାଇଁ ଅବସ୍ଥାପିତ ଥିଲେ। ଜଷ୍ଟିସ ମିଶ୍ର ଆଇନ କ୍ଷେତ୍ରରେ ଜଣେ ଜଣାଶୁଣା ବ୍ୟକ୍ତି। ପରବର୍ତ୍ତୀ କାଳରେ ସେ ମାନବ ଅଧିକାର କମିଶନର ଅଧକ୍ଷ ହୋଇଥିଲେ। ସଂଯୋଗକୁ ଜଷ୍ଟିସ ମିଶ୍ରଙ୍କର ପିତାଥିଲେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସହକର୍ମୀ ପଣ୍ଡିତ ଗୋଦାବରୀଶ ମିଶ୍ର ।

**'ରୁଚି' ମସଲାର ପ୍ରତିଷ୍ଠାତା : ଶ୍ରୀ ଶରତ କୁମାର ସାହୁ**

କଟକ ସହରରୁ ତିଆରି ହେଉଥିବା 'ରୁଚି ମସଲା' ଏବେ ସାରାଭାରତରେ ତଥା ବିଦେଶରେ ଖୁବ୍ ସୁନାମ ଅର୍ଜନ କରିଛି। ଏହି କମ୍ପାନୀର ସ୍ରଷ୍ଟା ଶ୍ରୀ ଶରତ କୁମାର ସାହୁ ଜଣେ ସଚ୍ଚା ଉଦ୍ୟୋଗୀ। ତାଙ୍କ ବାପାଙ୍କର ହାତ ତିଆରି ମଟନ୍‌ଚପ୍ କଟକର ହିନ୍ଦ ସିନେମା ଛକରେ ଦୀର୍ଘଦିନ ଧରି ଜନାଦୃତ ଥିଲା। ମଟନ୍ ଚପ୍‌ର ମସଲାକୁ ଆଧାରକରି ଆଜି ବୃହତ କମ୍ପାନୀ ହୋଇଛି 'ରୁଚି ମସଲା'। ମସଲା ସହିତ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟକୁ ପ୍ୟାକେଟ୍ କରି 'ରୁଚି ବ୍ରାଣ୍ଡ' ସଫଳତା ମାର୍ଗରେ ଆଗେଇ ଚାଲିଛି।

ଆମ ପ୍ରଦେଶର ଆଉ ଅନେକ ବ୍ୟକ୍ତି ନିଜ ଅ ଳ ତଥା ଚତୁଃପାର୍ଶ୍ୱରେ ସୁଗୁଣର ପ୍ରସାର କରି ଆମ ପ୍ରଦେଶ ପାଇଁ ସୁନାମ ଆଣି ଦେଇଛନ୍ତି। ସେ ସମସ୍ତଙ୍କୁ ଆମେ ନତମସ୍ତକ ହୋଇ ପ୍ରଣାମ ଜଣାଉଛୁ।

ଏମ୍.ଇ.ଏଲ୍: ମୁଲ ରୋଡ୍,
ଚନ୍ଦ୍ରପୁର-୪୪୨୪୦୧ (ମହାରାଷ୍ଟ୍ର)

# GANESH PUJA 2010

















WELCOMES YOU ON






GANESH PUJA
Visit us at www.ocwa.in


ORIYA CULTURAL & WELFARE ASSOCIATION (Regd.)
WELCOMES YOU ON
GANESH PUJA
Visit us at www.ocwa.in




WELCOMES YOU ON




ORIYA CULTURAL & WELFARE
WELCOMES
GANESH











# BLOOD DONATION & HEALTH CAMP 2010



















# Family Picnic 2010


























# Release of Souvenir 2010



